ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ଫେବୃୟାରୀ ୨୦/୨୦୨୧ (୧୬ ପୃଷ୍ଠା) | Balasore, Saturday, February 20/2021 | ★★★★
୪୭ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ରୋମାଣ୍ଟିକ କମେଡି ଫିଲ୍ମରେ ଶ୍ରଦ୍ଧା**
ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ପ୍ରଥମଥର ଏକ ରୋମାଣ୍ଟିକ କମେଡି ଫିଲ୍ମରେ ନଜର ଆସିବେ। ଏଥିପାଇଁ ସେ ଖୁବ୍ ଏକ୍ସାଇଟେଡ୍। ୧୪

୧୦ **ମେଡ୍‌ଭେଡେଭ୍ ଫାଇନାଲରେ**
ଷ୍ଟିଫାନସ ସିତ୍‌ସିପାସ୍‌ଙ୍କୁ ହରାଇ ଡାନିଲ ମେଡ୍‌ଭେଡେଭ୍ ଅଷ୍ଟ୍ରେଲିଆନ ଓପନ୍ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି।



# ୧୧ ଦିନ ହେଲା ବଢ଼ୁଛି ତେଲ

**ପେଟ୍ରୋଲ ୩୧ ପଇସା, ଡିଜେଲ ୩୬ ପଇସା ବୃଦ୍ଧି**



ଭୁବନେଶ୍ୱର,୧୯।୨

ଲଗାତର ୧୧ ଦିନ ଲାଗି ଦେଶ ମଧ୍ୟରେ ତେଲ ଦର ବଢ଼ି ଚାଲିଛି। ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୧ ପଇସା ବଢ଼ି ୯୦.୯୧ ଟଙ୍କା ଛୁଇଁଛି। ସେହିଭଳି ଏଠାରେ ଡିଜେଲ ୩୬ ପଇସା ବୃଦ୍ଧି ହେବା କାରଣରୁ ମୂଲ୍ୟ ୮୭.୮୪ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୯୦.୧୯ ଟଙ୍କା ଏବଂ ଡିଜେଲ ଦର ୮୦.୬୦ ଟଙ୍କା ରହିଛି। ଏଠାରେ ପେଟ୍ରୋଲ ଲିଟର ପିଛା ଦର ୩୧ ପଇସା ବଢ଼ିଥିବା ବେଳେ ଡିଜେଲ ୩୩ ପଇସା ବୃଦ୍ଧି ପାଇଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ☞ପୃଷ୍ଠା-୪

# ଓଡ଼ିଶାକୁ ୪ ସପ୍ତାହ ସମୟ

ନୂଆଦିଲ୍ଲୀ,୧୯।୨(ସ୍ୱ.ପ୍ର.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ୩ ଗ୍ରାମରେ ଆନ୍ଧ୍ର ସରକାରଙ୍କ ପଞ୍ଚାୟତ ନିର୍ବାଚନ ବିରୋଧରେ ଓଡ଼ିଶା ପକ୍ଷରୁ ହୋଇଥିବା ଅଦାଲତ ଅବମାନନା ଆବେଦନର ଶୁଣାଣି ଶୁକ୍ରବାର ସୁପ୍ରିମ୍‌କୋର୍ଟରେ ହୋଇଛି। ମାମଲାରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠ ଉପରେ ପ୍ରତିଜବାବ ଦେବାକୁ ସୁପ୍ରିମ୍‌କୋର୍ଟ ଓଡ଼ିଶାକୁ ୪ ସପ୍ତାହ ସମୟ ଦେଇଛନ୍ତି।

ପଟ୍ଟାଙ୍ଗୀ ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର, ଫାଟୁସିନେରି ଓ ଫଗୁଣସିନେରି ଗ୍ରାମକୁ ଆନ୍ଧ୍ର ନିଜର ଦର୍ଶାଉଛି। ସେଗୁଡ଼ିକୁ ଗଞ୍ଜେଇବାଦରା, ପାଟୁଚିନ୍ନାଉରୁ ଓ ଫଗୁଲୁଚିନ୍ନାଉରୁ ଭାବେ ନାମିତ କରିବା ସହ ୩ଟି ପଞ୍ଚାୟତର ମାନ୍ୟତା ଦେଇଛି। ଏହାସହ ସେଠାରେ ପଞ୍ଚାୟତ ନିର୍ବାଚନ କରାଇଛି। ତଳଗଞ୍ଜେଇପଦର ଓ ଫଗୁଣସେନେରିରେ ନିର୍ଦ୍ୱନ୍ଦ୍ୱରେ ୨ ପ୍ରାର୍ଥୀ ନିର୍ବାଚିତ ହୋଇଥିବାବେଳେ ଗତ ୧୩ ତାରିଖରେ ଫାଟୁସେନେରିରେ ଅନୁଷ୍ଠିତ ନିର୍ବାଚନରେ ସିଧା ରାପୋକାମି (ହିମିରିକା) ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୫୦ ବର୍ଷ ପୂର୍ବେ ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଆନ୍ଧ୍ର ସରକାର ଉଲ୍ଲଂଘନ କରିଥିବା ଓଡ଼ିଶା ପକ୍ଷରୁ ପିଟିଶନରେ ଦର୍ଶାଯାଇଛି। କୋଟିଆ ସୀମା ବିବାଦ ବିଚାରାଧୀନ ଥିବାରୁ ବିବାଦୀୟ ଅଞ୍ଚଳରେ ସ୍ଥିତାବସ୍ଥା ବଜାୟ ରଖିବାକୁ ୧୯୬୮ ଡିସେମ୍ବର ୨ରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରାଇବା ପାଇଁ ଏକତରଫା ନିଷ୍ପତ୍ତି ନେଇ ଉକ୍ତ ନିର୍ଦ୍ଦେଶନାମାର ଉଲ୍ଲଂଘନ କରିଥିବା ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଓ ଶିବଶଙ୍କର ମିଶ୍ର ଗତ ୧୧ ତାରିଖ ଅଦାଲତ ଅବମାନନା ପିଟିଶନରେ ଦର୍ଶାଇଥିଲେ। ଗତ ୧୨ ତାରିଖରେ ଏହାର ଶୁଣାଣି ବେଳେ ଆଡ୍‌ଭୋକେଟ୍ ବିକାଶ ସିଂ କହିଥିଲେ, ୨୦୦୬ ମାର୍ଚ୍ଚ ୩୦ ରାୟ ଅନୁସାରେ ସମ୍ପୃକ୍ତ ଅଞ୍ଚଳରେ ଦୁଇରାଜ୍ୟ ସ୍ଥିତାବସ୍ଥା ବଜାୟ ରଖିବା ଉଚିତ। କିନ୍ତୁ ଓଡ଼ିଶା ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରାଉଛନ୍ତି, ଯାହାକି ଅଦାଲତ ଅବମାନନା ବୋଲି ସେ ଯୁକ୍ତି ବାଢ଼ିଥିଲେ।


ଶୁକ୍ରବାର ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ବିକାଶ ସିଂ ସୁପ୍ରିମ୍‌କୋର୍ଟରେ କୋଟିଆ ପଞ୍ଚାୟତର ୩ ବିବାଦୀୟ ଗ୍ରାମ ଓଡ଼ିଶାର ବୋଲି ଦର୍ଶାଇଥିଲେ। ଏଥିପାଇଁ ସେ ୨୦୧୧ ଜନଗଣନା, ୨୦୧୪ ଓ ୨୦୧୯ରେ ନିର୍ବାଚନ ତଥ୍ୟ ଏବଂ ଓଡ଼ିଶା ପକ୍ଷରୁ କୋଟିଆରେ କରାଯାଇଥିବା ବିକାଶମୂଳକ କାମ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଆନ୍ଧ୍ରପ୍ରଦେଶ ଗଠନ ପୂର୍ବରୁ ଅର୍ଥାତ୍ ୧୯୩୬ରେ ଓଡ଼ିଶା ଗଠନ ହୋଇଥିଲା। ସେହିଦିନଠୁ କୋଟିଆ ଓଡ଼ିଶାର ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କୁ ☞ପୃଷ୍ଠା-୪

**ସୁପ୍ରିମ୍‌କୋର୍ଟରେ କୋଟିଆ ବିବାଦ**



- ସତ୍ୟପାଠରେ ଅବମାନନାକୁ ଆନ୍ଧ୍ରର ଖଣ୍ଡନ
- କହିଲା ଅତ୍ୟଧିକ ଭୁଲ୍ ଧାରଣା
- ପ୍ରମାଣ କରିବାକୁ ଯଥେଷ୍ଟ ଦଲିଲ ରହିଛି: ଶିବଶଙ୍କର

# ମଙ୍ଗଳ ମାଟିରେ ରୋଭର



ମଙ୍ଗଳରେ ଅବତରଣ କରିଥିବା ପର୍ସିଭରେନ୍ସ ରୋଭର।

- ମହାକାଶ ଗବେଷଣାକୁ ଐତିହାସିକ ସଫଳତା
- ଦୁର୍ଗମ ଜେଜେରୋ କ୍ରେଟରରେ ଓହ୍ଲାଇଲା
- ଗ୍ରହରେ ଜୀବନ ସନ୍ଧାନ କରିବ ଏହି ଯାନ

ୱାଶିଂଟନ୍, ୧୯।୨

ଲୋହିତ ଗ୍ରହରେ ଜୀବସତ୍ତା ସନ୍ଧାନ ଦିଗରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା(ନ୍ୟାଶନାଲ ଏରୋନଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେଶନ)କୁ ମିଳିଛି ଐତିହାସିକ ସଫଳତା। ନାସା ପକ୍ଷରୁ ମଙ୍ଗଳକୁ ପଠାଯାଇଥିବା ଯାନ 'ପର୍ସିଭରେନ୍ସ ରୋଭର' ଭାରତୀୟ ସମୟ ଗୁରୁବାର ରାତି ୨ଟା ୨୫ରେ ସଫଳତାର ସହ ଅବତରଣ କରିଛି। ଉକ୍ତ ଗ୍ରହରେ କେବେ ଜୀବନ ସୃଷ୍ଟି ହୋଇଛି କି ନା ସେ ବାବଦରେ ଏହି ୬ ଚକିଆ ରୋଭର ତଥ୍ୟ ସଂଗ୍ରହ କରିବ। ସେଠାରୁ ସଂଗୃହୀତ ମାଟି, ପଥର ନମୁନାରୁ ଅନେକ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି। ସେପଟେ ଅବତରଣ ପରେ ରୋଭର ଦ୍ୱାରା ଉତ୍ତୋଳନ ହୋଇଥିବା ମଙ୍ଗଳ ପୃଷ୍ଠର ପ୍ରଥମ ଫଟୋ ନାସା ପକ୍ଷରୁ ପ୍ରକାଶ କରାଯାଇଛି।

ଗ୍ରହର ସବୁଠାରୁ ଦୁର୍ଗମ ସ୍ଥାନ କୁହାଯାଉଥିବା ଜେଜେରୋ କ୍ରେଟରରେ କୌଣସି ଯାନକୁ ସଫଳତାପୂର୍ବକ ଅବତରଣ କରାଇ ଇତିହାସ ରଚିଛି ନାସା। ଗଭୀର ଘାଟି ଓ ପାହାଡ଼ିଆ ଅଞ୍ଚଳ ☞ପୃଷ୍ଠା-୪

# ଗୃହରେ ଧାନ ଝଡ଼



- ସରକାରଙ୍କୁ ଘେରିଲେ ବିରୋଧୀ
- ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି
- ଆଜି ଉତ୍ତର ରଖିବେ ସମବାୟ ମନ୍ତ୍ରୀ
- ଭାଜପାକୁ ୪ ଦିନ, କଂଗ୍ରେସକୁ ୨ ଦିନ ମୁଲତବୀ ଆଲୋଚନା ସୁଯୋଗ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟର ମଣ୍ଡିଗୁଡ଼ିକରେ ଶହ ଶହ କୁଇଣ୍ଟାଲ ଧାନ ପଡ଼ିରହିଛି। ଧାନର ଅଭାବୀ ବିକ୍ରି ହେଉଛି। କୁଇଣ୍ଟାଲ ପିଛା ୫ରୁ ୧୦ କିଲୋ କାଟି ନିଆଯାଉଛି। ସରକାର ଓ ମିଲରଙ୍କ ମଧ୍ୟରେ ଧାନ କିଣାକୁ ନେଇ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ଶୋଷଣର ଶିକାର ହେଉଛି। ସମସ୍ତ ଆଲୋଚନା ବନ୍ଦ କରି ଚାଷୀମାନଙ୍କ ସମସ୍ୟା ନେଇ ଦିଆଯାଇଥିବା ମୋଶନ ଉପରେ ଆଲୋଚନା ହେଉ। ମଣ୍ଡିରୁ ସବୁ ଧାନ ନ ଉଠିବା ଯାଏ ବିଧାନସଭା ଚଳାଇ ଦେବୁ ନାହିଁ। ଏଭଳି ଚେତାବନୀ ଦେଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୁଲ କରିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଏହାର ପ୍ରଭାବ ବିରୋଧୀଙ୍କ ଉପରେ ପଡ଼ି ନ ଥିଲା। ଏପରି କି ୨ଥର ଗୃହକୁ ମୁଲତବୀ ରଖିଥିଲେ ମଧ୍ୟ ସ୍ଥିତି ସ୍ୱାଭାବିକ ନ ହେବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ପରେ ଧାନ ସଂଗ୍ରହ ନେଇ ଶନିବାର ସମବାୟ ମନ୍ତ୍ରୀ ଗୃହରେ ବିବୃତି ଦେବାକୁ ବାଚସ୍ପତି ରୁଲିଂ ଦେଇଛନ୍ତି। ସେହିପରି ୭ଦିନ ପରେ ଧାନ ସଂଗ୍ରହ ଉପରେ ସବିଶେଷ ତଥ୍ୟ ରଖିବାକୁ ବାଚସ୍ପତି ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ଭାଜପା ସଦସ୍ୟ ଜୟ ନାରାୟଣ ମିଶ୍ର, ବିଷ୍ଣୁ ଚରଣ ସେଠୀ, ମୁକେଶ ମହାଲିଙ୍ଗ, ନାଉରୀ ନାୟକ, ନିତ୍ୟାନନ୍ଦ ଗଣ୍ଡ, କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ☞ପୃଷ୍ଠା-୪

# ଓସ୍କାର ଦୌଡ଼ରେ 'କାଲିର ଅତୀତ'




ଭୁବନେଶ୍ୱର,୧୯।୨(ବ୍ୟୁରୋ)

ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'କାଲିର ଅତୀତ' ଓସ୍କାର ଦୌଡ଼ରେ ସାମିଲ ହୋଇଛି। ଶ୍ରେଷ୍ଠ ଛବି, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ନିର୍ଦ୍ଦେଶକ ସହ ଆହୁରି ଅନେକ କ୍ଷେତ୍ରରେ ଏହି ଚଳଚ୍ଚିତ୍ରଟି ଓସ୍କାର ଦୌଡ଼ର ସାଧାରଣ ବର୍ଗରେ ପ୍ରବେଶ କରିଛି। ଏହି ଚଳଚ୍ଚିତ୍ରଟିର କାହାଣୀ ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ ଭାରତର ପୂର୍ବ ଉପକୂଳ ବିଶେଷକରି ଓଡ଼ିଶାରେ ଅଦୃଶ୍ୟ ହୋଇଯାଇଥିବା ଗ୍ରାମଗୁଡ଼ିକ ଉପରେ ଆଧାରିତ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଡ଼ା ପଦକ୍ଷେପ**




# ବସ୍ ଉପରେ ଖସିଲା ଟ୍ରକ୍

**ବର୍ତ୍ତିଲେ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ**



ବସ୍ ଉପରେ ଖସିପଡ଼ିଥିବା ଟ୍ରକ୍।

ଆନନ୍ଦପୁର,୧୯।୨(ସ୍ୱ.ପ୍ର.)

ଓଭରବ୍ରିଜ୍ ଉପରେ ଯାଉଥିଲା ଆଇରନ୍ ବୋଝେଇ ଟ୍ରକ୍। ହଠାତ ଭାରସାମ୍ୟ ହରାଇ ୨୦ ଫୁଟ୍ ତଳେ ସର୍ଭିସ ରୋଡ୍‌ରେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଉପରେ ଖସି ପଡ଼ିଲା। ସୌଭାଗ୍ୟ କ୍ରମେ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଥିବା ବେଳେ ୩୫ରୁ ଊର୍ଦ୍ଧ୍ୱ ବସ୍‌ଯାତ୍ରୀ ବର୍ତ୍ତି ଯାଇଛନ୍ତି। କେନ୍ଦୁଝର ଜିଲା ୨୦ନଂ. ଜାତୀୟ ରାଜପଥର ଆନନ୍ଦପୁର ଶାଳପଡ଼ା ବାଇପାସ୍ ଛକ ନିକଟରେ ଶୁକ୍ରବାର ସକାଳେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ମୟୂରଭଞ୍ଜ ଜିଲା କରଞ୍ଜିଆରୁ ଯାତ୍ରୀମାନଙ୍କୁ ନେଇ ଭୁବନେଶ୍ୱର ଯାଉଥିଲା। ବସ୍ କଣ୍ଡକ୍ଟର ସାମାନ୍ୟ ଆହତ ହୋଇ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ଘସିପୁରା ଓ ଆନନ୍ଦପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବସ୍ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଘସିପୁରା ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ତରବୋଡ/ନୂଆପଡା ଅଫିସ/ଖଡ଼ିଆଲ, ୧୯।୨ (ଡି.ଏନ.ଏ.): ଟୋକନ ଲାପ୍ସ ଓ ବିଦ୍ୟୁତ୍ ସଂଯୋଗ କାଟିବାରୁ ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ନୂଆପଡା ଜିଲା ସିନାପାଲି ବ୍ଲକ ଧୁର୍ଙ୍ଗିଆମୁଣ୍ଡା ଗ୍ରାମର ଚାଷୀ ରୋମାଞ୍ଚଳ ଦଣ୍ଡସେନା (୩୨) ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଖଡିଆଲ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅତିଗୁରୁତର ହେବାରୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିବା ଡା. ଦୀନବନ୍ଧୁ ମହାନନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଜାନୁୟାରୀ ୧୭ରେ ଧାନ ବିକ୍ରି ପାଇଁ ରୋମାଞ୍ଚଳଙ୍କ ଟୋକନ ରହିଥିଲା। ସ୍ଥାନୀୟ କେନ୍ଦୁମୁଣ୍ଡା ମଣ୍ଡିରେ ୮୫ ବସ୍ତା ଧାନ ପକାଇଥିଲେ। ଧାନ ନ ଉଠିବାରୁ ଗତ ୧୭ରେ ଟୋକନ୍ ଲାପ୍ସ ହୋଇଯାଇଥିଲା। ଅନ୍ୟପଟେ ଉଠାଜଳସେଚନ ମାଧ୍ୟମରେ ଚଳିତ ରବି ଚାଷ କରୁଥିବା ବେଳେ ବିଦ୍ୟୁତ୍ ବିଲ୍ ପୈଠ ନ କରି ପାରିବାରୁ ବିଭାଗୀୟ କର୍ମଚାରୀମାନେ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏଭଳି ପରିସ୍ଥିତିରେ ମାନସିକ ଭାରସାମ୍ୟ ହରାଇ ବିଲରେ କୀଟନାଶକ ପିଇ ଦେଇଥିଲେ। ଜଣେ ଗୋରୁ ଚରାଳି ଏହାକୁ ଦେଖି ଖବର ଦେବା ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ।

# ୩୩ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

‘ମୋ ସ୍କୁଲ ଅଭିଯାନ’ର ୨୨ତମ କାର୍ଯ୍ୟକାରୀ ପରିଷଦ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ୨୮ ଜିଲାର ମୋଟ ୩୩ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୧ମାସ ମଧ୍ୟରେ ୬୧,୧୨୦ ପୁରାତନ ଛାତ୍ରୀଛାତ୍ର ‘ମୋ ସ୍କୁଲ ଅଭିଯାନ’ ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ମୋଟ ୧୦.୮୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ପୁରାତନ ଛାତ୍ରୀଛାତ୍ର ସର୍ବାଧିକ ୩.୪୯ କୋଟି ଟଙ୍କା ପ୍ରଦାନ କରିଥିବାବେଳେ କେନ୍ଦୁଝରର ୧.୯୫ କୋଟି, ମୟୂରଭଞ୍ଜ ୬୨ ଲକ୍ଷ, ଅନୁଗୋଳ ୩୬ ଲକ୍ଷ ଓ ବରଗଡ଼ରେ ୩୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪ଲକ୍ଷ ୨୦ହଜାର ପୁରାତନ ଛାତ୍ରୀଛାତ୍ର ଏହି ଅଭିଯାନରେ ଯୋଡ଼ି ହୋଇଥିବାବେଳେ ୨୬ହଜାର ସ୍କୁଲ ସାମିଲ ହୋଇଛି। କରୋନା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ସୁଦ୍ଧା ପୁରାତନ ଛାତ୍ରୀଛାତ୍ରମାନେ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା ବୈଠକରୁ ଜଣାପଡ଼ିଛି।

## ‘ମୋ ସ୍କୁଲ ଅଭିଯାନ’ର କାର୍ଯ୍ୟକାରୀ ପରିଷଦ ବୈଠକ

- ୨୬ହଜାର ସ୍କୁଲ୍‌ର ୪ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସାମିଲ
- ପ୍ରକଳ୍ପ କାର୍ଯ୍ୟକାରିତାରେ ଅଧିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ
- ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ବଢୁଛି




ବୈଠକରେ ‘ମୋ ସ୍କୁଲ ଅଭିଯାନ’ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ପବ୍ଲିକ୍ ଡିସ୍‌କ୍ଲୋଜର୍ ଏବଂ ସୋସିଆଲ୍ ଅଡିଟ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ବ୍ୟୟବରାଦ ଓ ସମ୍ପୂର୍ଣ୍ଣ ବିବରଣୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯିବ। ସ୍କୁଲର ମାଇକ୍ରୋ ୱେବ୍‌ସାଇଟ୍‌ରେ ଏନେଇ ସମସ୍ତ ତଥ୍ୟ ଉପଲବ୍ଧ ରହିବ। ଏଥିରେ ଅଧିକ ସ୍ୱଚ୍ଛତା ଆଣିବାକୁ ସ୍ୱତନ୍ତ୍ର ଅଡିଟରଙ୍କ ଦ୍ୱାରା ଅଡିଟ୍ କରାଯିବ। ବିଦ୍ୟାଳୟଗୁଡ଼ିକ କିଣିଥିବା ସମସ୍ତ ଆସବାବପତ୍ରର ଏକ ସ୍ୱତନ୍ତ୍ର ରେଜିଷ୍ଟର ପ୍ରସ୍ତୁତ କରାଯିବ। ‘ମୋ ସ୍କୁଲ’ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ମ୍ୟାଚିଂ ଗ୍ରାଣ୍ଟ ତଥା ସରକାରୀ ସହାୟତା ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିବାବେଳେ ସ୍କୁଲଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପୂର୍ବରୁ ବ୍ୟାଙ୍କ ପାସ୍‌ବୁକ୍ ସହ ଆବଶ୍ୟକ ସମସ୍ତ କାଗଜପତ୍ର ଯାଞ୍ଚକୁ ଜୋର୍‌ଦାର କରାଯାଇଛି। କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ଷ୍ଟାଟସ୍ ରିପୋର୍ଟ ସହାୟତା ପ୍ରଦାନ କରିଥିବା ପୁରାତନ ଛାତ୍ରୀଛାତ୍ରଙ୍କ ନିକଟକୁ ହ୍ୱାଟସ୍‌ଆପ୍ ଯୋଗେ ପଠାଇବାର ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷରେ ‘ମୋ ସ୍କୁଲ ଅଭିଯାନ’ ଅନ୍ତର୍ଗତ ସ୍କୁଲ ଆଡପ୍‌ଶନ୍ ବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରତି ପୁରାତନ ଛାତ୍ରୀଛାତ୍ର ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଅହେତୁକ ଆଗ୍ରହ ପ୍ରକାଶ ପାଇଛି। ବିଭିନ୍ନ ବର୍ଗର ଲୋକ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିବାବେଳେ ‘ମୋ ସ୍କୁଲ’ ପକ୍ଷରୁ ପର୍ଯ୍ୟାୟକ୍ରମେ ପୋଷ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯାଇଛି। ଆସନ୍ତା ମାର୍ଚ୍ଚରେ ଜିଲାସ୍ତରୀୟ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୯୭୯୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ୨୩୮୦ଟିର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କ ସମେତ ବହୁ ନିର୍ଦ୍ଦେଶକ, ‘ମୋ ସ୍କୁଲ’ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଭିତ୍ତିଭୂମି ସଜାଡ଼ି ପାରିଛି ଆଇଆଇଆଇଟି’



ଭର୍ଚୁଆଲ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର।

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଦ୍ୱାରା ଭୁବନେଶ୍ୱରରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଆଇଟି) ଜାତୀୟସ୍ତରରେ ପ୍ରମୁଖ ଅନୁଷ୍ଠାନ ଭାବେ ଉଭା ହୋଇଛି। ୨୦୦୬ରେ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠାନ ନିଜର ଭିତ୍ତିଭୂମି ସଜାଡ଼ି ପାରିଛି। ଶୈକ୍ଷିକ ପରିବେଶ, ଗୁଣବତ୍ତା, ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକମଣ୍ଡଳୀ, ଡିଗ୍ରୀଧାରୀଙ୍କୁ ବୃତ୍ତିଗତ ନିୟୋଜନ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠାନର ବୋର୍ଡ ଅଫ ଗଭର୍ନାନ୍ସ ବୈଠକରେ ଏହି ମତ ପ୍ରକାଶ ପାଇଛି। ଶୁକ୍ରବାର ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଆୟୋଜିତ ଏହି ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ସ୍ୱାଧୀନ ନିର୍ଦ୍ଦେଶକ ସଦସ୍ୟମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଅନୁଷ୍ଠାନର କାର୍ଯ୍ୟକଳାପ ଓ ବର୍ତ୍ତମାନ ସ୍ଥିତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଗି ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇଛନ୍ତି। ଏ କ୍ଷେତ୍ରରେ ନିରନ୍ତର ଉଦ୍ୟମ ଲାଗି ନିର୍ଦ୍ଦେଶକ ଗୋପାଳ ନାୟକ ଏବଂ ରେଜିଷ୍ଟ୍ରାର ପ୍ରଫେସର ଅଜିତ ଦାସଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି। ଟ୍ରିପଲ ଆଇଟି ଭୁବନେଶ୍ୱର ନିଜର ଭିତ୍ତିଭୂମି ସୁଦୃଢ଼ କରିସାରିଛି। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗବେଷଣା, ନୂତନ ଆବିଷ୍କାର ଦିଗରେ କାର୍ଯ୍ୟ କରିବା ସହ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକ ସହ ସମକକ୍ଷ ହେବାକୁ ମୁଖ୍ୟ ଶାସନ ସଚିବ ପ୍ରତିଷ୍ଠାନର ସବୁ ଶିକ୍ଷକ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶକ ନାୟକ କହିଛନ୍ତି, ଚଳିତ ଶିକ୍ଷାବର୍ଷ ପାଇଁ ଅନୁଷ୍ଠାନର ଶତ ପ୍ରତିଶତ ସିଟ୍ ପୂରଣ ହୋଇଛି। ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବାଦ୍ ଦେଲେ ଜୋସା, ସିସାବ ଭଳି ଜାତୀୟସ୍ତରୀୟ କାଉନସେଲିଂ ଏବଂ ବିଦେଶର ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଗତବର୍ଷ ଯାଏ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ କ୍ୟାମ୍ପସ ଚୟନ ମାଧ୍ୟମରେ ବୃତ୍ତି ନିୟୋଜନ କ୍ଷେତ୍ରରେ ୯୫% ସଫଳତା ମିଳିଥିଲା। କୋଭିଡ୍ ମହାମାରୀ ସମୟରେ ୭୭% ଛାତ୍ରୀଛାତ୍ରଙ୍କୁ ବୃତ୍ତି ନିୟୋଜନ ମିଳିଛି। ଏମାନେ ବାର୍ଷିକ ୫ ଲକ୍ଷ ଟଙ୍କା ପ୍ୟାକେଜରୁ ନିଜର ଚାକିରି ଆରମ୍ଭ କରିଛନ୍ତି। ଏ ପର୍ଯ୍ୟନ୍ତ ୩୯ ଜାତୀୟ ଓ ଆନ୍ତର୍ଜାତୀୟ କମ୍ପାନୀ କ୍ୟାମ୍ପସ ଚୟନ ନିମନ୍ତେ ଆସିଛନ୍ତି। କ୍ୟାମ୍ପସ ଚୟନରେ ୯୦% ଯାଏ ଲକ୍ଷ୍ୟ ହାସଲ ହେବ ବୋଲି ଆଶା ରହିଛି। ସେହିପରି ଗୋଠପାଟଣାରେ ଅଧିକ ୪ ଏକର ଜମି ଟ୍ରିପଲ ଆଇଟିକୁ ଦେବା ସମ୍ବନ୍ଧିତ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ଏହି ଜମିରେ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ଶିକ୍ଷକଙ୍କ ଲାଗି ଆବାସ, ଅଡିଟୋରିୟମ ଏବଂ ଖେଳପଡ଼ିଆ ନିର୍ମାଣ ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ୧୦ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଓଡ଼ିଶା ଏବଂ ଛତିଶଗଡ଼ ଉପରେ ଏକ ଟ୍ରପ୍ ଲାଇନ ରହିଛି। ଏଥିଯୋଗୁ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡା, କନ୍ଧମାଳ, ଗଜପତି, ବଲାଙ୍ଗୀର, ଗଞ୍ଜାମ ଏବଂ ସୋନପୁର ଜିଲାରେ ହାଲୁକା ବର୍ଷା ସହ ଝଡତୋଫାନ ହେବାର ଆଶଙ୍କା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ନୂଆପଡା, କଳାହାଣ୍ଡି, ରାୟଗଡା, କନ୍ଧମାଳ, ଗଜପତି ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମେଘୁଆ ପାଗ ଯୋଗୁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଭୁବନେଶ୍ୱରରେ ସର୍ବାଧିକ ୩୨.୭ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି।

# ଏଲ୍‌ଭିଏ ଟେଷ୍ଟ ଆବେଦନ ପ୍ରତ୍ୟାହାର କଲା ଏସ୍‌ଆଇଟି

## ପରୀ ହତ୍ୟାକାଣ୍ଡ

ନୟାଗଡ ଅଫିସ,୧୯।୨

ବହୁଚର୍ଚ୍ଚିତ ନୟାଗଡ଼ ସଦର ଥାନା ଯଦୁପୁରର ୫ ବର୍ଷର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ କଲେଜ ଛାତ୍ରଙ୍କ ସ୍ୱରର ସ୍ତର ନିରୀକ୍ଷଣ ବା ଲେୟରଡ୍ ଭଏସ୍ ଆନାଲିସିସ୍ (ଏଲ୍‌ଭିଏ) ହୋଇପାରିଲା ନାହିଁ। ଏଲ୍‌ଭିଏ ଟେଷ୍ଟ ପାଇଁ ଏସ୍‌ଆଇଟି କରିଥିବା ଆବେଦନ ପ୍ରତ୍ୟାହାର କରିନେବାରୁ ଶୁକ୍ରବାର ଚିଲଡ୍ରେନ କୋର୍ଟରେ ଶୁଣାଣି ହୋଇପାରି ନ ଥିଲା। ତେବେ ମାର୍ଚ୍ଚ ୧ରେ କୋର୍ଟ ଚାର୍ଜଫ୍ରେମ୍ କରିବେ ବୋଲି ସରକାରୀ ଓକିଲ ଅନୱାର ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ କଲେଜ ଛାତ୍ରଙ୍କ ଓକିଲ ଚନ୍ଦ୍ର ବିଜୟୀ ମିଶ୍ର କୁହନ୍ତି, କିଶୋର ନ୍ୟାୟ ପରିଷଦରେ ଯେଉଁ ପ୍ରାରମ୍ଭିକ ନିର୍ଦ୍ଧାରଣ କରାଯାଇଥିଲା ସେଥିରେ କଲେଜ ଛାତ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପ୍ରାରମ୍ଭିକ ନିର୍ଦ୍ଧାରଣର ପୁନର୍ବିଚାର ନିମନ୍ତେ ଚିଲଡ୍ରେନ କୋର୍ଟରେ ଶୁକ୍ରବାର କଲେଜ ଛାତ୍ରଙ୍କ ପକ୍ଷରୁ ସେ ଆବେଦନ କରିଛନ୍ତି। ସେହିପର ଏସଆଇଟି ଚାର୍ଜସିଟ୍ ସମ୍ପୂର୍ଣ୍ଣ ପ୍ରଦାନ କରିଥିବାରୁ କଲେଜ ଛାତ୍ରଙ୍କର ଏଲ୍‌ଭିଏ ଟେଷ୍ଟର ଗ୍ରହଣୀୟତା ଉପରେ ସେ ପ୍ରଶ୍ନ ଉଠାଇଥିଲେ। ସମ୍ପୂର୍ଣ୍ଣ ଚାର୍ଜସିଟ୍ ଦାଖଲ କାରଣରୁ ଏଲ୍‌ଭିଏ ଟେଷ୍ଟ ଫଳାଫଳ କାର୍ଯ୍ୟରେ ଲାଗିବ ନାହିଁ। ଅନ୍ୟପକ୍ଷରେ ଅପିଲ କରାଯିବାରୁ ପ୍ରଥମେ କୋର୍ଟ ଅପିଲ ଶୁଣାଣି କରିବେ। ପୁଣ କିଶୋର ନ୍ୟାୟ ପରିଷଦଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାର ଆଇନଗତ ପ୍ରବଧାନ ଚିଲଡ୍ରେନ କୋର୍ଟର ନାହିଁ। ଏଣୁ ଏସ୍‌ଆଇଟି ବାଧ୍ୟ ହୋଇ ଏଲଭିଏ ଟେଷ୍ଟ ଆବେଦନ ପ୍ରତ୍ୟାହାର କରିନେଲା ବୋଲି କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୧୦,୦୦,୬୬୬ | ୨୪,୫୬,୧୮୪ | ୮,୫୯,୧୭,୯୦୩ |
| ଭାରତ | ୧,୦୯,୭୯,୨୩୦ | ୧,୫୬,୧୮୧ | ୧,୦୬,୭୨,୨୫୩ |
| ଓଡ଼ିଶା | ୩,୩୬,୫୧୩ | ୧୯୧୪(+୫୩) | ୩,୩୩,୯୮୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବଡ଼ଭାଇଙ୍କ ମୃତ୍ୟୁ ଖବର ଶୁଣି ସାନର ଜୀବନ ଗଲା

**ପୁରୁଷୋତ୍ତମପୁର,୧୯।୨(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ରଥସାହି ମେନରୋଡରେ ଶୁକ୍ରବାର ବଡ଼ ଭାଇଙ୍କ ମୃତ୍ୟୁ ଖବର ପାଇ ସାନ ଭାଇଙ୍କ ମୃତ୍ୟୁ ଘଟିଛି। ଗତ ୮ ତାରିଖରେ ଏକ ଗାଡ଼ି ଧକ୍କାରେ ବଡ଼ଭାଇ କାଶୀନାଥ ପଣ୍ଡା (୭୫) ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଘରେ ଥିବା ସାନଭାଇ ସୁବାସ ଚନ୍ଦ୍ର ପଣ୍ଡା (୬୬) ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସୁବାସଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

### ଅନ୍‌ଲାଇନ୍‌ରେ ମାଟ୍ରିକ ସାର୍ଟିଫିକେଟ୍

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ମେ' ୩ରୁ ଆରମ୍ଭ ହୋଇ ମେ' ୧୫ରେ ସରିବ। ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ମାଟ୍ରିକ ସାର୍ଟିଫିକେଟ୍ ମିଳିବ। ସାର୍ଟିଫିକେଟ୍ ସହ ସମସ୍ତ ଦସ୍ତାବିଜ ହାଇସ୍କୁଲ ପିଲାଙ୍କୁ ଅନ୍‌ଲାଇନ୍‌ରେ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଟୁଇଟ୍ କରି ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ବିଦ୍ୟାଳୟ ଶିକ୍ଷାରେ ଚାଲିଥିବା ସଂସ୍କାରର ଅଂଶସ୍ୱରୂପ ରାଜ୍ୟ ସରକାର ଅନ୍‌ଲାଇନ୍‌ରେ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଅନ୍ୟ ଦସ୍ତାବିଜ୍ ଯୋଗାଇଦେବେ। ଓକାକ୍ ଏବଂ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଏହି ଅନ୍‌ଲାଇନ୍ ବ୍ୟବସ୍ଥାକୁ ବିକଶିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆନ୍ଧ୍ର ରାସ୍ତାକାମ ବନ୍ଦକଲା ପ୍ରଶାସନ

**କାଶୀନଗର,୧୯।୨(ଡି.ଏନ୍.ଏ.)**

ପୁଣି ଆନ୍ଧ୍ରର ଦାଦାଗିରି। ଓଡ଼ିଶା ଭିତରେ ପଶି ବେଆଇନ ଭାବେ ରାସ୍ତା ନିର୍ମାଣ ଚଳାଇଥିଲା। ଏଥର କିନ୍ତୁ ସ୍ଥାନୀୟ ପ୍ରଶାସନ ମୁହଁତୋଡ଼ ଜବାବ ଦେଇଛି। ରାସ୍ତା କାମରେ ବ୍ୟବହୃତ ସିମେଣ୍ଟ, ମିକ୍ସଚର ମେଶିନ ଓ ଚିପ୍‌ସ ଆଦି ଜବତ କରିବା ସହ କାମ ବନ୍ଦ କରିଛି। ଏପରି ଘଟଣା ଘଟିଛି ଗଜପତି ଜିଲା କାଶୀନଗର ବ୍ଲକରେ।

ଆନ୍ଧ୍ରପ୍ରଦେଶର ଆଳତି ଗ୍ରାମଠାରୁ କାଶୀନଗରର ସିଙ୍ଗିପୁର ଏଫ୍‌ସିଆଇ ଗୋଦାମ ନିକଟ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ଆନ୍ଧ୍ର ଶ୍ରୀକାକୁଲମ ଜିଲା କତ୍ତୁରୁ ମଣ୍ଡଳର ସୀତାମ୍‌ପେଟା ଆଇଟିଡିଏ ବିଭାଗ ଦ୍ୱାରା ପକ୍କା ରାସ୍ତା ନିର୍ମାଣ ଚାଲିଥିଲା। ଖବର ପାଇ ଗୁରୁବାର ଅପରାହ୍ନରେ ଗଜପତି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଓ ଆଇଆଇସି ସୁଶାନ୍ତ କୁମାର ସାହୁ ନିର୍ମାଣସ୍ଥଳରେ ପହଞ୍ଚିଥିଲେ। ଏହାପରେ କାମରେ ନିୟୋଜିତ ଶ୍ରମିକ ସେଠାରୁ ପଳାଇଥିଲେ। ରାସ୍ତା କାମରେ ବ୍ୟବହୃତ ସିମେଣ୍ଟ ମିକ୍ସଚର ମେଶିନ, ସିମେଣ୍ଟ, ଚିପ୍‌ସ ପ୍ରଭୃତି ଜବତ କରି କାଶୀନଗର ଥାନା ପରିସରରେ ରଖାଯାଇଛି।

ଗଜପତି ସୀମାନ୍ତ ଗଙ୍ଗାବାଡ଼ରେ ନିର୍ବାଚନ କରିବାରେ ବିଫଳ ହେବାପରେ ଆନ୍ଧ୍ର ରାସ୍ତା ନିର୍ମାଣ କରି ଦାଦାଗିରି ଦେଖାଇଛି। ପୂର୍ବରୁ ମଧ ଏଠାରେ ଏକ ବିଶ୍ରାମାଗାର ନିର୍ମାଣ କରି ତେଲୁଗୁ ଭାଷାରେ ଆନ୍ଧ୍ର ଦ୍ୱାରା ନିର୍ମାଣ ବୋଲି ଫଳକ ମରାଯାଇଥିଲା।

ଏନେଇ ଉପଜିଲାପାଳ ପଣ୍ଡା କହିଛନ୍ତି, ଘଟଣାସ୍ଥଳରେ ପହଞ୍ଚି ଯଥାଶୀଘ୍ର ପଥର ପୋତାଯିବା ସହ ଓଡ଼ିଶାର ସୂଚନା ଫଳକ ଲଗାଯିବ।

### ସିମେଣ୍ଟ, ମିକ୍ସଚର ମେଶିନ ଜବତ



ଆନ୍ଧ୍ର ଦ୍ୱାରା ନିର୍ମାଣାଧୀନ ରାସ୍ତା।



ସିମେଣ୍ଟ ଗ୍ରାଇଣ୍ଡର ମେଶିନ।

# ଓଡ଼ିଶାରେ ଆନ୍ଧ୍ର ସରକାରୀ ସ୍କୁଲ



ମଣ୍ଡଳ ପରିଷଦ ଉନ୍ନୀତ ପାଠଶାଳା।

### ତାଲା ପକାଇବ ପ୍ରଶାସନ

**ପାରଳାଖେମୁଣ୍ଡି,୧୯।୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ତହସିଲ ହାଡୁଭାଙ୍ଗୀ ମୌଜା ଖାତା ନଂ.୮୨ (ପ୍ଲଟ୍ ନଂ.୮୧୩)ରେ ରହିଛି ଆନ୍ଧ୍ରର ଏକ ସରକାରୀ ବିଦ୍ୟାଳୟ। ମଣ୍ଡଳ ପରିଷଦ ଉନ୍ନୀତ ପାଠଶାଳା ନାମରେ ଏହି ବିଦ୍ୟାଳୟ ୧୯୭୪ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଜଣାପଡେ। ଏଠାରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପଢୁଛନ୍ତି। ଆନ୍ଧ୍ର ଶିକ୍ଷା ବିଭାଗ ଅଧିନରେ ଏହା ପରିଚାଳିତ ହେଉଛି। ଏହି ଜମିଟି ଏକ ରୟତି ଜମି ଏବଂ ଏହାର ମାଲିକ ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମେତ ଅନ୍ୟମାନଙ୍କ ନାମ ରହିଛି। ଏବେ ସୀମା ବିବାଦ ଉଗ୍ର ହେବାପରେ ଜିଲା ପ୍ରଶାସନ ଏହି ବିଦ୍ୟାଳୟକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସ୍କୁଲ ହୋଇଥିବା ଜମି ସମ୍ପୂର୍ଣ୍ଣ ଓଡ଼ିଶାର ବୋଲି ଉପଜିଲାପାଳ ସଂଗ୍ରାମ ପଣ୍ଡା ଶୁକ୍ରବାର ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ବିଦ୍ୟାଳୟ ନିର୍ମାଣ ପାଇଁ ଜଣେ ବଦାନ୍ୟ ବ୍ୟକ୍ତି ଏହି ଜମି ଆନ୍ଧ୍ରକୁ ଦାନ କରିଥିଲେ। ମାତ୍ର ଓଡ଼ିଶାର କୌଣସି ସ୍ଥାନରେ ଆନ୍ଧ୍ର ସରକାର ବିଦ୍ୟାଳୟ ଚଳାଇ ପାରିବ ନାହିଁ ବୋଲି ରୋକ୍‌ଠୋକ ଭାବେ କହିଛନ୍ତି ଉପଜିଲାପାଳ ପଣ୍ଡା। ଏପରିକି ଉକ୍ତ ସ୍କୁଲକୁ ଗଜପତି ଜିଲା ପ୍ରସାଶନ ତୁରନ୍ତ ତାଲା ପକାଇବ ବୋଲି ସେ ସୂଚନା ଦେଇଛନ୍ତି। ଏହି ସ୍ଥାନକୁ ଆନ୍ଧ୍ର କୌଶଲ୍ୟପୁରମ୍ ବୋଲି ଘୋଷଣା କରିଛି।


# ପୁଣି କଡ଼ାକଡ଼ି ହେବ କୋଭିଡ୍ ନିୟମ

### ସତର୍କ ରହିବାକୁ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

ଓଡ଼ିଶାରେ ପୁଣି କଡ଼ାକଡ଼ି ହେବ କୋଭିଡ୍ ନିୟମ। ମହାରାଷ୍ଟ୍ରରେ କରୋନା ସଂକ୍ରମଣ ବଢ଼ିବା ସହ ଲକ୍‌ଡାଉନ୍ ସ୍ଥିତି ଉପୁଜିବା ପରେ ଓଡ଼ିଶାରେ ମଧ ଛନକା ପଶିଛି। ବର୍ତ୍ତମାନ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଥିଲେ ମଧ ମହାରାଷ୍ଟ୍ର ଭଳି ପରିସ୍ଥିତି ଯେପରି ନ ଉପୁଜିବ ସେଥିପାଇଁ ରାଜ୍ୟ ସରକାର ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ପୋଲିସ କମିଶନର, ଜିଲା ଚିକିତ୍ସାଧିକାରୀ, ଡିସିପି ଓ ଏସ୍‌ପିଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି। ଏଣିକି ସବୁ ଜିଲାରେ କୋଭିଡ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ନିୟମ ଅନୁସାରେ ଯଥେଷ୍ଟ କରୋନା ଟେଷ୍ଟିଂ ଉପରେ ମଧ ଗୁରୁତ୍ୱ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଜନଗହଳି ସ୍ଥାନ ଯେପରିକି ମାର୍କେଟ୍, ଧର୍ମାନୁଷ୍ଠାନରେ ଭିଡ଼ କମାଇବାକୁ କୁହାଯାଇଛି। ଏସବୁ ସ୍ଥାନକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି।

ଉଲ୍ଲେଯୋଗ୍ୟ, ମହାରାଷ୍ଟ୍ରରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ସ୍ଥିତିକୁ ଦୃଷ୍ଟିରେ ରଖି ଗତ ଗୁରୁବାର ଦୁଇଟି ଜିଲାକୁ ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଓଡ଼ିଶାରେ ସେଭଳି ସ୍ଥିତି ନ ଆସିବା ପାଇଁ କୋଭିଡ୍ ନିୟମ କଡ଼ାକଡ଼ି କରିବା ପାଇଁ କୁହାଯାଇଛି।



# ଧାନକିଣାରେ ଅନିୟମିତତା: ୨ ନିଲମ୍ବିତ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

ଧାନକିଣାରେ ଅନିୟମିତତା, ବିଭାଗ ଦ୍ୱାରା ଜାରି ମାର୍ଗଦର୍ଶିକାର ଉଲ୍ଲଂଘନ, କାର୍ଯ୍ୟରେ ଅବହେଳା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ପଲେଇ ପ୍ରାଥମିକ କୃଷି ସମବାୟ ସମିତିର ସେଲସ୍‌ମ୍ୟାନ୍ ତଥା କାର୍ଯ୍ୟକାରୀ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଭଦ୍ର ଏବଂ କ୍ୟାସିୟର ତଥା ଲେଜର କ୍ଲର୍କ ହିମାଂଶୁ ଶେଖର ପରିଡ଼ାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କେନ୍ଦ୍ରାପଡ଼ା ସର୍କଲର ସହକାରୀ ରେଜିଷ୍ଟ୍ରାର, ସମବାୟ ସମିତି ସମୂହଙ୍କ ପତ୍ର ଏବଂ ପଲେଇ ପ୍ୟାକ୍ସର ପ୍ରଶାସକଙ୍କ ଅଭିଯୋଗକୁ ଭିତ୍ତିକରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଓଡ଼ିଶାର ୭ ଜିଲା ସହ ସୀମା ବିବାଦ ରହିଛି: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଓଡ଼ିଶାର ୭ ଜିଲାରେ ସୀମା ବିବାଦ ରହିଛି। ବିଜେଡି ସଭ୍ୟ ପ୍ରଶାନ୍ତ ଜଗଦେବଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ନୂଆପଡ଼ା, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲା ସହିତ ପଡୋଶୀ ରାଜ୍ୟଗୁଡିକର ସୀମା ବିବାଦ ରହିଛି। ପଡୋଶୀ ରାଜ୍ୟ ଦ୍ୱାରା ସେହି ସୀମାବର୍ତ୍ତୀ ଗ୍ରାମରେ ସ୍ଥାନୀୟ ପ୍ରଶାସନ ଦ୍ୱାରା କୌଣସି ଉନ୍ନୟନ କାର୍ଯ୍ୟ ହେଉଥିବା ସରକାରଙ୍କ ପାଖରେ ଖବର ନାହିଁ। ତେବେ ଆନ୍ଧ୍ର ପ୍ରଦେଶ ଦ୍ୱାରା କୋରାପୁଟ ଜିଲା କୋଟିଆ ଅଞ୍ଚଳର ୩ଟି ଗ୍ରାମରେ ପଞ୍ଚାୟତ ନିର୍ବାଚନ କରାଯାଉଥିବା ବିଷୟରେ ସରକାର ସଚେତନ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

FOUNDATION CEREMONY
OF ESTABLISHMENT OF
"INDIAN INSTITUTE OF LAW (IIL)"
By
Bar Council of India through its Trust (BCIT)
*With the support of*
Kalinga Institute of Industrial Technology (KIIT)
Deemed to be University

Programme:
On 20th February, 2021
at Patia, Bhubaneswar, Odisha in the premises of KIIT

*In Presence of:*



Hon'ble Mr. Justice Uday Umesh Lalit
Judge,
Supreme Court of India



Hon'ble Mr. Justice Bhushan Ramkrishna Gavai
Judge,
Supreme Court of India



Hon'ble Mr. Justice V. Ramasubramanian
Judge,
Supreme Court of India

&

Mr. Manan Kumar Mishra, Sr. Advocate
Chairman, Bar Council of India & Bar Council of India Trust

Mr. Ashok Parija, Advocate General, Odisha
Chairman, Special Committee, Odisha State Bar Council

Dr. Achyuta Samanta
Associate Managing Trustee, B.C.I.T.

Mr. Debi Prasad Dhal, Sr. Advocate
Executive Chairman, Bar Council of India Trust

Watch Live on Kalinga TV, Zee Odisha, Nandighosh TV, Kanak News
Time: 11.00 a.m.

Distinguished Dignitaries

**Mr. Satish Abarao Deshmukh**
Vice-Chairman, Bar Council of India &
Bar Council of India Trust

**Mr. Apurba Kumar Sharma**
Sr. Advocate, Chairman,
Executive Committee,
Bar Council of India

**Mr. Y.R. Sadasiva Reddy**
Sr. Advocate, Co-Chairman,
Bar Council of India

**Mr. Ashok Kumar Deb, M.L.A**
Member, Bar Council of India
Former, Managing Trustee.
Bar Council of India Trust

**Mr. Manoj Kumar N**
Vice-Chairman,
Executive Committee,
Bar Council of India

**Mr. Tushar Mehta**
Solicitor General of India
Ex-officio Member
Bar Council of India

**Mr. Prashant Kumar Singh**
Member, Bar Council of India
Chairman, Co-ordination Committee
of State Bar Council's

**Mr. P. Vishnuvardhana Reddy**
Chairman, Rules Committee
Bar Council of India

**Mr. Partap Singh**
Chairman, Oversees Committee
Bar Council of India

**Mr. Desh Raj Sharma**
Chairman,
Seminar Symposium Committee
Bar Council of India

**Mr. Ajay Kumar Baral**
Vice-Chairman,
Special Committee,
Odisha State Bar Council

**Mr. Srimanto Sen**
Officiating Secretary,
Bar Council of India Trust

**Mr. S. Prabakaran**
Sr. Advocate, Co-Chairman,
Bar Council of India

**Mr. Ved Prakash Sharma**
Co-Chairman,
Bar Council of India

**Mr. Suresh Chand Shrimali**
Co-Chairman,
Bar Council of India

**Mr. A. Rami Reddy**
Executive Vice-Chairman,
Bar Council of India Trust (I.I.L)

**Mr. K.K. Venugopal**
Attorney General for India,
Ex-officio Member,
Bar Council of India

**Mr. Dilip K. Patel**
Chairman,
Advocate Welfare Committee
Bar Council of India

**Mr. Shailendra Dubey**
Member, Bar Council of India
Member, Press Council of India

**Mr. Shreenath Tripathi**
Chairman,
Legal Aid Committee
Bar Council of India

**Mr. Sunil Gupta**
Member,
Bar Council of India

**Mr. D. K. Sharma**
Sr. Advocate
Chairman, Building Committee
Bar Council of India

**Mr. Manas Ranjan Mohapatra**
Sr. Advocate
Member, Special Committee,
Odisha State Bar Council

**Mr. Ashok Kumar Pandey**
Officiating Joint Secretary,
Bar Council of India Trust

**Mr. Anil Kumar Parida**
Advocate
Additional Secretary,
Indian Institute of Law

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦ୍ୟାଶା
ପରିବାରବର୍ଗ


ଅସୀମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





**ଆଜିର ମନ୍ତବ୍ୟ**

"କୃଷି ଆଇନ ବିରୋଧରେ ମିଥ୍ୟା ପ୍ରଚାର କରିବାରେ ବିରୋଧୀ ମାତିଛନ୍ତି। **-ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ**"

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାକୁ ୪ ସପ୍ତାହ ...

ତଥ୍ୟ ଦିଆଯାଇଥିବା ଜଣାପଡ଼ିଛି। ସେପଟେ ଆନ୍ଧ୍ର ସତ୍ୟପାଠ ଦାଖଲ କରି ଦର୍ଶାଇଛି ଯେ, ୨୦୦୬ରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ସର୍ବୋଚ୍ଚ ଅଦାଲତ ଓଡ଼ିଶା ଦାଖଲ କରିଥିବା ମୂଳ ମକଦ୍ଦମାକୁ ଖାରଜ କରିବା ପରେ ଉଭୟ ରାଜ୍ୟର ବିବୃତି ରେକର୍ଡ କରିଛନ୍ତି। ସମ୍ବିଧାନର ଧାରା ୧୩୧ ଅନୁଯାୟୀ ମକଦ୍ଦମା ଅନୁରକ୍ଷଣୀୟ ନୁହେଁ ବୋଲି କହିଛନ୍ତି। ଯେହେତୁ ସୁପ୍ରିମ୍‌କୋର୍ଟ ଦ୍ୱାରା କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ, ତେଣୁ ଅବମାନନା କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସତ୍ୟପାଠରେ ଦର୍ଶାଯାଇଛି। ସେହିପରି ଆନ୍ଧ୍ର ସରକାରଙ୍କ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଛି ଯେ ୧୯୫୨ରୁ କୋଟିଆର ଗଞ୍ଜେଇବାଦରା, ପାଟୁଚିନ୍ନାଉରୁ, ଫଗୁଲୁଚିନ୍ନାଉରୁ ଗାଁରେ ନିର୍ବାଚନ ହେଉଛି। ଏସବୁ ଗାଁ ଆନ୍ଧ୍ରର ଆରକୁ ଲୋକ ସଭା ନିର୍ବାଚନ ମଣ୍ଡଳୀ ଏବଂ ସାଲେରୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯାଉଛି। ଏସବୁ ଗାଁରେ ୨୦୦୬ ଓ ୨୦୧୩ରେ ପଞ୍ଚାୟତ ନିର୍ବାଚନ ଏବଂ ୨୦୧୪ ଓ ୨୦୧୯ରେ ସାଧାରଣ ନିର୍ବାଚନବେଳେ ଭୋଟ ଗ୍ରହଣ କରାଯାଇଥିବା ଆନ୍ଧ୍ର ଦର୍ଶାଇଛି।

ଆନ୍ଧ୍ରର ସତ୍ୟପାଠ ଉପରେ ଜବାବ ଦେବାକୁ ଆଡଭୋକେଟ ବିକାଶ ସିଂ ସମୟ ମାଗିବା ପରେ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର ଏବଂ ଦିନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାକୁ ୪ ସପ୍ତାହ ସ୍ଥଗିତ ରଖିଛନ୍ତି। ଓଡ଼ିଶା ଦାଖଲ କରିଥିବା ଅବମାନନା ଆବେଦନକୁ ଅତ୍ୟଧିକ ଭୁଲ୍‌ଧାରଣା ବୋଲି ଆନ୍ଧ୍ର କହିଛି। ଏନେଇ ଓଡ଼ିଶା ସରକାରଙ୍କ ଓକିଲ ତଥା ଆଡଭୋକେଟ୍ ଅନ୍ ରେକର୍ଡ(ଏଓଆର) ଶିବ ଶଙ୍କର ମିଶ୍ର କହିଛନ୍ତି, ଉପରୋକ୍ତ ୩ ଗ୍ରାମ ଓଡ଼ିଶାର ବୋଲି ପ୍ରମାଣ କରିବା ପାଇଁ ୧୯୩୬ ମସିହାରୁ ଦଲିଲ ରହିଛି। ଆନ୍ଧ୍ର ଯେଉଁ ଦଲିଲ ଦାଖଲ କରିଛି, ସେସବୁ ମିଛ। ପୂର୍ବରୁ ବିବାଦୀୟ ଗ୍ରାମରେ ଆନ୍ଧ୍ର ନିର୍ବାଚନ କରିଥିବା ଦାବି ମଧ୍ୟ ମିଛ। ଆନ୍ଧ୍ର ସରକାରଙ୍କ ପାଖରେ ୪/୫ଟି ଫଟୋ ରହିଥିବାବେଳେ ଆମ ପାଖରେ ଫଟୋର ଆଲବମ୍ ରହିଛି।

ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ କୋଟିଆ ଯାଇ ସ୍ଥିତି ଅନୁଧ୍ୟାନ କରନ୍ତୁ। ଏଥିସହିତ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୁଅନ୍ତୁ। ସେହିପରି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ସ୍ଥାନୀୟ ଏମପିଙ୍କୁ ନେଇ ଆନ୍ଧ୍ର ସହ ଆଲୋଚନା କରନ୍ତୁ। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ସେ ବିଷୟରେ ଏବେ କହିବା ଠିକ୍ ହେବନାହିଁ।

### ମଙ୍ଗଳ ମାଟିରେ ...

ହୋଇଥିବାରୁ ସେଠାରେ ରୋଭରକୁ ଅବତରଣ କରାଇବା ବେଶ୍ ଚ୍ୟାଲେଞ୍ଜିଂ ଥିଲା। ପୂର୍ବରୁ ଜେଜେରୋ କ୍ରେଟରରେ ନଦୀ ବହୁଥିବା ତଥ୍ୟ ଆଧାରରେ ମଙ୍ଗଳରେ ଜୀବନ ଥାଇପାରେ ବୋଲି ବିଶ୍ୱାସ କରାଯାଉଛି। ଯଦି ଏ ନେଇ ବୈଜ୍ଞାନିକଙ୍କ ହାତରେ ପ୍ରମାଣ ଲାଗେ ତେବେ ପୃଥିବୀବାସୀ ସେଠାରେ ବସବାସ କରିବା ସ୍ୱପ୍ନ ସାକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ସବୁ ଦୃଷ୍ଟିରୁ ନାସା ପକ୍ଷରୁ ପଠାଯାଇଥିବା ଏହି ଯାନର ସଫଳ ଅବତରଣ ଉପରେ ସମଗ୍ର ବିଶ୍ୱର ନଜର ରହିଥିଲା। ସେଠାରେ ଏହି ଯାନ ଉଡ଼ାଣ ଭରିବା ପରେ ମଙ୍ଗଳକୁ ସର୍ବାଧିକ ରୋଭର ପଠାଇବାରେ ଆମେରିକା ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ଏଥିପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନାସାକୁ ଅଭିନନ୍ଦନ ଜଣାଇଛନ୍ତି। ବିଜ୍ଞାନର ଶକ୍ତି ଏବଂ ଆମେରିକାର ଜ୍ଞାନକୌଶଳ ବ୍ୟବହାର ଦ୍ୱାରା କୌଣସି କଥା ଅସମ୍ଭବ ନୁହେଁ ବୋଲି ଏହା ପ୍ରମାଣ କରିଥିବା ବାଇଡେନ କହିଛନ୍ତି।

### ଗୃହରେ ଧାନ ...

ମହମ୍ମଦ ମୋକିମ, ଅଧିରାଜ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବାଚସ୍ପତି ଅନ୍ୟ ଉପାୟ ନ ପାଇ ମାତ୍ର ୧ ମିନିଟ୍ ପରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ହୋ ହଲ୍ଲା କରଥିଲେ। ସ୍ଲୋଗାନ ଦେଉଥିବା ସଦସ୍ୟମାନଙ୍କୁ ଶାନ୍ତ କରି ବାଚସ୍ପତି ଅଧିବେଶନ କାର୍ଯ୍ୟସୂଚୀ ସମ୍ପର୍କରେ ଘୋଷଣା କରିଥିଲେ। ସେ କହିଥିଲେ ଯେ, ଚଳିତ ଅଧିବେଶନ ପୂର୍ବାହ୍ନ ୧୦ଟା ୩୦ରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧ଟା ୩୦ ଯାଏ ଚାଲିବ। ପୁଣି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏ ଚାଲିବ। ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚଦାବି ଆଲୋଚନା ବେଳେ ସନ୍ଧ୍ୟା ୭ଟା ଯାଏ ଗୃହ ଚାଲିବ। ସୋମ, ବୁଧ, ଗୁରୁ ଓ ଶୁକ୍ରବାରରେ ମୁଖ୍ୟ ବିରୋଧୀ ଦଳ ଭାଜପାର ମୁଲତବୀ ପ୍ରସ୍ତାବ ଆଲୋଚନା ହେବ। ମଙ୍ଗଳ ଓ ଶନିବାର କଂଗ୍ରେସର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହେବ। କୌଣସି କାରଣରୁ ଯଦି ସେହିଦିନ ମୁଲତବୀ ଆଲୋଚନା ହୋଇ ନ ପାରିବ ତେବେ ସମ୍ପୃକ୍ତ ଦଳ ପାଇଁ ତାହା ଅକାମୀ ହେବ। ବାଚସ୍ପତିଙ୍କ ଘୋଷଣା ପରେ ବିରୋଧୀ ସଦସ୍ୟମାନେ ପୁଣି ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ। ଗଣ୍ଡଗୋଳକୁ ଦେଖି ବାଚସ୍ପତି ଗୃହ କାର୍ଯ୍ୟକୁ ୧୧ଟା ୩୪ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲେ ମଧ୍ୟ ବିରୋଧୀ ନରମ ପଡ଼ି ନ ଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ପରେ ଧାନ ସଂଗ୍ରହ ଉପରେ ସମବାୟ ମନ୍ତ୍ରୀ ଶନିବାର ବିବୃତି ଦେବେ ବୋଲି ବାଚସ୍ପତି ଗୃହରେ ଘୋଷଣା କରିଥିଲେ। ଏହା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ସନ୍ତୁଷ୍ଟ ହୋଇ ନ ଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ମୋହନ ମାଝି, ଜୟନାରାୟଣ ମିଶ୍ର ପ୍ରମୁଖ କହିଥିଲେ, ସରକାର ତୁରନ୍ତ ଧାନ ଉଠାନ୍ତୁ। ଯେଉଁମାନଙ୍କର ଟୋକନ ଅବଧି ଶେଷ ହୋଇଛି ସେଗୁଡିକ ପୁଣି ଥରେ ଦିଆଯାଉ ଏବଂ ସବୁ ଧାନ ସଂଗ୍ରହ କରନ୍ତୁ ବୋଲି ଦାବି କରିଥିଲେ। ସେହିପରି ସରକାର ଚାଷୀଙ୍କର ସମସ୍ତ ଧାନ ତୁରନ୍ତ କିଣନ୍ତୁ ନଚେତ ବିଧାନସଭା ଅଚଳ ରହିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଚେତାବନୀ ଦେଇଥିଲେ। ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ ବିରୋଧୀ ଦଳ ସଦସ୍ୟମାନେ ଶାନ୍ତ ହୋଇ ନ ଥିଲେ। ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ଏପରି କି ବାଚସ୍ପତିଙ୍କ ଉପରକୁ ବିରୋଧୀ ଫାଇବର ଗ୍ଲାସ୍ ଫିଙ୍ଗି ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଜାରି ରଖିଥିଲେ। କିନ୍ତୁ ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ସନ୍ଧ୍ୟା ୬ଟାରେ ଗୃହକୁ ଶନିବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ।

## ଗୃହ ବାହାରେ କ'ଣ କହିଲେ

■ ଧାନ ସଂଗ୍ରହ ପ୍ରସଙ୍ଗରେ ସରକାର ଗୃହରେ ଉତ୍ତର ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ୭ ଦିନ ପରେ ପୁଣି ଗୃହରେ ସବିଶେଷ ତଥ୍ୟ ଦେବେ। ଏହାକୁ ଆମେ ଗ୍ରହଣ କରି ନାହୁଁ। ସରକାର ପ୍ରସଙ୍ଗ ଉପରେ ଆଲୋଚନା କରନ୍ତୁ ଓ ଚାଷୀମାନଙ୍କର ସମସ୍ତ ଧାନ କିଣନ୍ତୁ।

*- ପ୍ରଦୀପ୍ତ ନାୟକ, ବିରୋଧୀ ଦଳ ନେତା*

■ ସରକାର ନିଜ ନିୟମ ଅନୁଯାୟୀ ଧାନ କିଣନ୍ତୁ। ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ରାଜି ହୁଅନ୍ତୁ। ତାହାହେଲେ ଆମେ ସହଯୋଗ କରିବୁ। ନଚେତ ସହଯୋଗ କରିବୁ ନାହିଁ।

*- ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା*

■ ଚାଷୀଙ୍କ ଦୁର୍ଦ୍ଦଶା ଆଖିରେ ଯିଏ ଦେଖି ନାହିଁ, ସେ ବିଶ୍ୱାସ କରିବ ନାହିଁ। ନିଜ ଲୋକ ଓ ପ୍ରିୟାପ୍ରୀତି ମଧ୍ୟରେ ଚାଲିଛି ଧାନ କିଣା। ଚାଷୀମାନେ ହଇରାଣ ହେଉଛନ୍ତି। କେଉଁଦିନ ଟୋକନ ଆସିବ, ଧାନ ବିକ୍ରି ହେବ ସେଇ ଚିନ୍ତାରେ ଚାଷୀ।

*- ବିଷ୍ଣୁ ସେଠୀ, ବିରୋଧୀ ଦଳ ଉପନେତା*

■ ମଣ୍ଡିରେ ଏବେ ହଜାର ହଜାର ବସ୍ତା ଧାନ ପଡିଛି। ସରକାର ଚାଷୀ ଓ କାଳିଆ ଯୋଜନା କଥା କହୁଛନ୍ତି। ଚାଷୀଙ୍କ ଦୁର୍ଭାଗ୍ୟ ଯେ, ସେମାନେ ନିଜ ପରିଶ୍ରମ ଧାନକୁ ବିକ୍ରି କରିପାରୁନାହିଁ। ଚାଷୀ କାନ୍ଦୁଛି, ସରକାର ହସୁଛନ୍ତି।

*- ତାରା ପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ*

■ ପ୍ରଶ୍ନକାଳରେ ରାଜ୍ୟର ସମସ୍ତ ବିଧାୟକ ପ୍ରଶ୍ନ କରି ଥାଆନ୍ତି। ଅନେକ ପ୍ରଶ୍ନ ପଚାରିବାର ଆବଶ୍ୟକତା ରହିଛି। ତେଣୁ ପ୍ରଶ୍ନକାଳ ବାତିଲ ହେବା ସମୀଚୀନ ନୁହେଁ।

*- ଦେବୀ ମିଶ୍ର, ବିଜେଡି ବିଧାୟକ*

### ୧୧ ଦିନ ହେଲା ...

ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଦର ୯୬.୬୨ ଟଙ୍କା ଛୁଇଁଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢୁଥିବାରୁ ଘରୋଇ ବଜାରରେ ଖୁଚୁରା ତେଲ ଦର ଉପରେ ଏହାର ପ୍ରଭାବ ପଡୁଛି। ଭାରତ ଆବଶ୍ୟକ କରୁଥିବା ମୋଟ୍ ଇନ୍ଧନ ମଧ୍ୟରୁ ୮୫% ଆମଦାନୀ ଦ୍ୱାରା ପୂରଣ କରାଯାଉଛି। ବର୍ତ୍ତମାନ ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୬୫ ଡଲାର ଛୁଇଁଛି। ଗତ ୧୧ ଦିନରେ ପେଟ୍ରୋଲ ଲିଟର ପିଛା ୩.୨୪ ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ିଛି। ୨୦୧୦ ପରଠାରୁ ଏହା ଏହି ଅବଧି ଲାଗି ସର୍ବାଧିକ ବୃଦ୍ଧି। କିଛିଦିନ ମଧ୍ୟରେ ଡିଜେଲ ୩.୪୭ ଟଙ୍କା ବୃଦ୍ଧି ପାଇଛି। ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟ ଇନ୍ଧନ ଉପରେ ସର୍ବାଧିକ ଭାଟ୍ ଲାଗୁ କରୁଥିବା ଯୋଗୁ ସେଠାରେ ପେଟ୍ରୋଲ ଦର ୧୦୦ ଟଙ୍କା ଅତିକ୍ରମ କରିଛି। ତେଲ ଉପରେ ଲାଗୁଥିବା କେନ୍ଦ୍ର ଏବଂ ରାଜ୍ୟ ସ୍ତରର ବର୍ଦ୍ଧିତ ଟିକସ କମିଲେ ଖାଉଟି ଆଶ୍ୱସ୍ତି ଲାଭ କରନ୍ତେ। ମାତ୍ର ଏହା ହେବା ଭଳି ଆଶା କରାଯାଇ ନ ପାରେ। କାରଣ ଟିକସ କମିବା ଭଳି ପଦକ୍ଷେପ କେନ୍ଦ୍ର ନେବା ବିଚାରକରୁ ନ ଥିବା ନିକଟରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାର୍ଲାମେଣ୍ଟରେ କହିଥିଲେ। ଏପଟେ ରାଜ୍ୟ ସରକାର ମଧ୍ୟ ଦର କମାଇବା ଭଳି ସ୍ଥିତିରେ ନାହାନ୍ତି। ଖାଉଟିଙ୍କ ସମସ୍ୟାକୁ ସରକାର ଅଣଦେଖା କରି ଚୁପ୍ ବସୁଥିବାରୁ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଚାଲିଛି। ତେଲ ଦର ବୃଦ୍ଧିରୁ କେବେ ଆଶ୍ୱସ୍ତି ମିଳିବ କେହି ସ୍ପଷ୍ଟ ଭାବେ ବର୍ତ୍ତମାନ କହିପାରୁ ନାହାନ୍ତି।

### ଓସ୍କାର ଦୌଡ଼ରେ ...

ଚଳଚ୍ଚିତ୍ରଟି ଏକାଡେମୀ ସ୍କ୍ରିନିଙ୍ଗ ରୁମ୍‌ରେ ଉପଲବ୍ଧ ହୋଇଥିବାବେଳେ ଭୋଟ୍ ଓ ନୋମିନେଶନ ପାଇଁ ଏକାଡେମୀର ସଦସ୍ୟମାନେ ଏହି ଚଳଚ୍ଚିତ୍ରଟିକୁ ଦେଖିପାରିବେ। ଏ ସମ୍ପର୍କରେ ନୀଳମାଧବ ପଣ୍ଡା କହିଛନ୍ତି, 'ଲସ୍ ଏଞ୍ଜେଲସ ଏବଂ ନ୍ୟୁୟର୍କର ସମସ୍ତ ଥିଏଟର ବନ୍ଦ ରହିଥିବା ଯୋଗୁ ଚଳିତବର୍ଷ ଏହି ଯୋଗ୍ୟତା ହାସଲ କରିବା କଷ୍ଟକର ଥିଲା। ଆମେ ପ୍ରଚାର ଆରମ୍ଭ କରିଦେଇଛୁ। ଚଳଚ୍ଚିତ୍ରଟିକୁ ଦେଖାଇବା ପାଇଁ ଜୁରିମାନଙ୍କ ନିକଟରେ ପହଞ୍ଚୁଛୁ।


# classifieds Everyday 0674-2580101, 2549302

## real estate

### SALE

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**12000 Sft. IDCO plot for immediate sale at Mancheswar, Bhubaneswar. Buyers please contact - Deepak: 9937329999.** D-69972

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/- ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା, ଭିଙ୍ଗାରପୁରରେ ଗୃହୋପଯୋଗୀ ଘରବାରି ଜାଗା କିଣିବା ପାଇଁ ଯୋଗାଯୋଗ। 7978620792. D- 46295

**For sale- 3stored building area 6500sqft. land area 3500sqft. at Jagannathnagar, Bhubaneswar @ 2.5cr. Only buyer Contact: 8984290141.** D-19947

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891.** D-19868

Bhubaneswar, Patia ready possession plot sqft. 666/-, Dhauli 666/-. 7381482078. D-56668

**ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241.** D-70183

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

**NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292.** D-19864

**Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227.** D-19978

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

### PURCHASE

Wanted plots, flats, duplexes, Bungalows in Bhubaneswar for marketing. 6371090682. D-68272

## construction

**For construction only in your plot inside Bhubaneswar area, contact MRC- 9937064680.** D-27287

Want a dream home on your own plot with engineer's supervision. Contact: 7008268129, 9439143273. D-67585

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## to-let

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

Shoproom available opposite Bijupatnaik College, Mainroad, Jayadevvihar, Bhubaneswar. Contact: 9938511622. D-19991

## healthcare

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530

Refreshing your mind & body with best therapy at Lotus SPA. 8018234866. D-59978

Swarna SPA newly open positively health benefits with expert therapist. 9556978408. D-70533

## business

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/- 35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532


## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଦ୍ୱିଜା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ସମସ୍ତେ ଏକ ମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ସହମତିରେ କାର୍ଯ୍ୟକଲେ ସଫଳତା ପାଇବାରେ ଅସୁବିଧା ରହିବନାହିଁ। ଅବହେଳା କାରଣରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ରୋହିଣୀ ନକ୍ଷତ୍ରର ବିଭିନ୍ନ ପ୍ରକାରର ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବ୍ୟବସାୟ, ପରିବହନ, କଚେରି ମାମଲାରେ ମନସ୍ତାପ କରିପାରନ୍ତି। ସମ୍ପର୍କୀୟଙ୍କ ସାହାଯ୍ୟରେ ଜମିଜମା ବିବାଦ, ମୂଲ୍ୟବାନ ଜିନିଷ କ୍ରୟ କରିବା କାମ କରିବେ।

**ମିଥୁନ** ମୃଗଶିରା ସାମୟିକ ପୁରୁଣା ରୋଗରେ କଷ୍ଟ ପାଇବେ। ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। କିମ୍ବା ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ପୁନର୍ବସୁ ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ କରିବେ। ନିଜ ପାରିପାର୍ଶ୍ୱିକ ସ୍ତରରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟାର ସରଳ ସମାଧାନ ହୋଇଯିବ। ଅର୍ଥସଂକଟ କିମ୍ବା ଅସହଯୋଗ କାରଣରୁ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ମଘା ନକ୍ଷତ୍ରର ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦରେ ପଡିବେ। ବ୍ୟବସାୟ, ସଭାସମିତି, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମୋଟାଅଙ୍କର ଗୃହୋପକରଣ କ୍ରୟ କରିବେ।

**କନ୍ୟା** ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପଡିବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ସ୍ୱାତୀ ନକ୍ଷତ୍ରର ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ କେତେକ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରର ସୁଖ ଶାନ୍ତି ଅକ୍ଷୁଣ୍ଣ ରହିପାରିବ।

**ବିଛା** ପରିସ୍ଥିତି ପ୍ରତି ନଜର ରଖିବା ସାଙ୍ଗକୁ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହେବେ। ବିବାଦ, ପ୍ରତିଯୋଗିତା, ମାଲିମକଦ୍ଦମାରେ ବିଜୟପ୍ରାପ୍ତିର ସମ୍ଭାବନା ରହିଛି।

**ଧନୁ** କୌଣସି ନୂତନ କର୍ମାରମ୍ଭ ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝିପାରିବେନି। ମୂଳା ନକ୍ଷତ୍ର ସକାଳୁ ସକାଳୁ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ମକର** ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଶ୍ରବଣା ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକସ୍ଥଳେ ଧାରକରଜ କରି କାମ ତୁଲାଇ ନେବାକୁ ପଡ଼ିପାରେ। ଆଶା କରୁଥିବା ଅର୍ଥ, ବନ୍ଧୁମିଳନ, ଦୂରଯାତ୍ରା, କ୍ଷେତ୍ରରେ ଆପଣ ନିରାଶ ହେବେନାହିଁ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଅର୍ଥସଂକଟ, ସହକର୍ମୀଙ୍କ ଅସହଯୋଗ, ପ୍ରଶାସନିକ ଦ୍ୱନ୍ଦ୍ୱ ଓ ଦୂରଯାତ୍ରାରେ ଆଶାନୁଯାୟୀ ଫଳ ପାଇବେ। ସ୍ଥଗିତ କାମଟି ବନ୍ଧୁଙ୍କ ଦ୍ୱାରା କରାଇ ନେବେ। ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ଶତଭିଷା ପରୋକ୍ଷଶତ୍ରୁତା କାରଣରୁ ଚିନ୍ତିତ ରହିବେ।

**ମୀନ** ପଡିରହିଥିବା କାମଟିକୁ ବନ୍ଧୁମାନଙ୍କ ଦ୍ୱାରା ସମ୍ପନ୍ନ କରିବେ। ଅର୍ଥ ଆଦାୟରେ ସକ୍ଷମ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ରେବତୀ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ବ୍ୟବସାୟ ମନ୍ଦ ହେବନି କିନ୍ତୁ ବ୍ୟସ୍ତ, ବିବ୍ରତତା ମଧ୍ୟରେ ସମୟ ଅତିବାହିତ ହେବ।

ଆଜି ମାଘ ଶୁକ୍ଳପକ୍ଷର ଭୀଷ୍ମାଷ୍ଟମୀଯୁକ୍ତ ନବମୀ ଶନିବାର, ଭୀଷ୍ମ ତର୍ପଣ ଓ ପିଣ୍ଡଦାନ, ଫେବୃୟାରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ରାଶିନକ୍ଷତ୍ର- ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୧୦.୦୫ମି. ଗତେ ଘ.୦୧.୦୯ମି. ମଧ୍ୟେ ଅମୃତବେଳା। ଦିବା ଘ.୦୯.୦୮ମି. ଗତେ ଘ.୧୦.୩୪ମି. ମଧ୍ୟେ ରାହୁକାଳ।

# ଖଦି କେବଳ ବସ୍ତ୍ର ନୁହେଁ, ଏକ ବିଚାର


ଉଦ୍‌ଘାଟନ ଅବସରରେ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ରଘୁନନ୍ଦନ ଦାସ, ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଷ୍ଟଲ୍ ବୁଲି ଦେଖୁଛନ୍ତି।

## ଆରମ୍ଭ ହେଲା 'ଖଦି ବଜାର'

**ଭୁବନେଶ୍ୱର, ୧୯।୨ (ବ୍ୟୁରୋ)**

ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଖାରବେଳନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ 'ଖଦି ବଜାର' ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଶକ୍ତି, ଗୃହ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ପ୍ରଦର୍ଶନୀର ଶୁଭାରମ୍ଭ କରିଛନ୍ତି। କରୋନା ମହାମାରୀ ଯୋଗୁ ଦୀର୍ଘ ୧ବର୍ଷ ଧରି ଗାଁ ଗହଳିର ଗରିବ ବୁଣାକାର ହାତବାନ୍ଧି ବସିଥିବାବେଳେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ ଓ ବିପଣନ ପାଇଁ ଏହି ମେଳା ଅନ୍ଧାର ଭିତରେ ଆଲୋକବର୍ତ୍ତିକା ହେବ। ଏହାବ୍ୟତୀତ ମେଳାଦ୍ୱାରା ଅନେକ ବେକାର ଯୁବତୀ ଯୁବକ ଅନୁପ୍ରାଣିତ ହୋଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଅତିଥିମାନେ କହିଛନ୍ତି। ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସଭାପତିତ୍ୱ କରି କହିଛନ୍ତି, ଖଦିକୁ ବାଦ୍‌ଦେଇ ଦେଶର ଆର୍ଥିକ ପ୍ରଗତି ପରିକଳ୍ପନା କରାଯାଇ ପାରିବ ନାହିଁ। ଖଦି କେବଳ ବସ୍ତ୍ର ନୁହେଁ, ଏକ ବିଚାର। ଏଥିପ୍ରତି ଅଧିକରୁ ଅଧିକ ଲୋକଙ୍କ ଆକର୍ଷିତ କରିବା ପାଇଁ ଏହି ମେଳା ଏକ ପ୍ରୟାସ ବୋଲି ପାଇକରାୟ କହିଛନ୍ତି।

ଏହି ପ୍ରଦର୍ଶନୀ ଆସନ୍ତା ୨୮ ତାରଖ ପର୍ଯ୍ୟନ୍ତ ଚାଲିବ। କାର୍ପାସ, ସିଲ୍କ ଓ ମସ୍ଲିନ୍ ଖଦି ପ୍ରସ୍ତୁତ ଶାଢ଼ୀ, ଲୁଙ୍ଗି, ଗାମୁଛା ଓ ବିଭିନ୍ନ ପୋଷାକ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରି ପାଇଁ ରହିଛି। ବେତ ବାଉଁଶ ନିର୍ମିତ ବିଭିନ୍ନ ଆସବାବ, ଘରକରଣା ସାମଗ୍ରୀ, ସବାଇଘାସ ପ୍ରସ୍ତୁତ ଗୃହୋପକରଣ ସହ ଦର୍ଶକମାନଙ୍କ ସାଧାରଣ ଜ୍ଞାନର ଅଭିବୃଦ୍ଧି ପାଇଁ ଚରଖାରେ ସୂତା କାଟିବା, ଖଦି ପୋଷାକ ତିଆରି ଓ ଧୂପକାଠି ତିଆରି ସମ୍ପର୍କିତ କାରିଗରୀ କୌଶଳ ସିଧାସଳଖ ଏଠାରେ ପ୍ରଦର୍ଶିତ ହେଉଛି।


ଖଦି ବଜାରରେ ଜଣେ ବୁଣାକାର ଡେମୋ ଦେଖାଉଛନ୍ତି।

# ଗ୍ରାହକ ସେବା ମୂଳମନ୍ତ୍ର



ପାଖରେ ଦୀର୍ଘ ୨ ଦଶନ୍ଧିର ଅଭିଜ୍ଞତା, ମନରେ ଅସୀମ ଆତ୍ମବିଶ୍ୱାସ ଆଉ ହୃଦୟରେ ଢେର ସାରା ଭଲ ପାଇବା। ଗ୍ରାହକଙ୍କ ସେବାକୁ ମୂଳମନ୍ତ୍ର କରି ସଫଳତାର ଗୋଟିଏ ପରେ ଗୋଟିଏ ପାବଚ୍ଛ ଚଢ଼ିଚାଲିଛି ଅରୁନ୍ଧତୀ। ଅଳଙ୍କାରର ଶୁଦ୍ଧତା କୁହନ୍ତୁ କି ଆକର୍ଷଣୀୟ ଅଫର୍। ସବୁଥିରେ ଅରୁନ୍ଧତୀ ସ୍ୱତନ୍ତ୍ର। ଖାସ୍ ଏଇଥିପାଇଁ ୨୦୦୦ ମସିହାରେ ବଲାଙ୍ଗୀର ଭଳି ଏକ ଛୋଟ ସହରରେ ମୂଳଦୁଆ ପକାଇଥିବା ଏହି ପ୍ରତିଷ୍ଠାନର ଫ୍ଲାଗ୍‌ଶିପ୍ ଶୋ ରୁମ୍ ରାଜଧାନୀର ଜନପଥରେ ଛିଡ଼ାହୋଇ ପାରିଛି। ଆସନ୍ତୁ, ଭେଟିବା ଭୁବନେଶ୍ୱରର ପ୍ରତିଷ୍ଠିତ ଅରୁନ୍ଧତୀ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ. ବ୍ରହ୍ମାନନ୍ଦ ମେହେରଙ୍କୁ।

**● କରୋନା ମହାମାରୀ ବ୍ୟବସାୟ ଉପରେ କିପରି ପ୍ରଭାବ ପକାଇଛି?**

୨୦୧୯-୨୦ ଆର୍ଥିକ ବର୍ଷର କାରବାର ତୁଳନାରେ ୨୦୨୦-୨୧ର ବ୍ୟବସାୟ ଅନେକ ମାତ୍ରାରେ ହ୍ରାସ ପାଇଛି। କରୋନା କଟକଣା ଜାରି ହେବା ସହ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଭଳି ସ୍ଥିତି ଦୀର୍ଘ ସମୟ ଲାଗିରହିବା ସମସ୍ତଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ମହାମାରୀ କାରଣରୁ ବ୍ୟବସାୟ ମାନ୍ଦା ରହିଥିଲେ ମଧ୍ୟ ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଆକଳନ ଅନୁସାରେ କାରବାର ହୋଇଯିବ ବୋଲି ଆଶା କରାଯାଉଛି। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ କାରବାର ସମ୍ପୂର୍ଣ୍ଣ ମାନ୍ଦା ରହିଥିଲା। ଅକ୍ଟୋବରରୁ ବଜାର ସ୍ଥିତିରେ କ୍ରମଶଃ ସୁଧାର ଆସିବା ସହିତ କାରବାର ମଧ୍ୟ ବଢ଼ିଛି। ଡିସେମ୍ବର ଶେଷ ସୁଦ୍ଧା ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇଛି।

**●ନୂଆ ଆର୍ଥିକ ବର୍ଷ ପାଇଁ କ'ଣ ସବୁ ଯୋଜନା ପ୍ରସ୍ତୁତ କରିଛନ୍ତି?**

ଚଳିତ ଆର୍ଥିକ ବର୍ଷରେ ଶୋ ରୁମ୍ ପକ୍ଷରୁ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦ ମୁତାବକ ନୂଆ ନୂଆ ବ୍ରାଣ୍ଡ୍ ଓ ଡିଜାଇନ୍ ଯୋଗାଇଦେବା ଆମର ପ୍ରଥମ ଲକ୍ଷ୍ୟ। ସେହିପରି ଟେକ୍ନୋଲୋଜି ଜରିଆରେ ଲୋକଙ୍କ ହାତପାଆନ୍ତାରେ ସୁନାଗହଣା ସବୁ ଯୋଗାଇବାକୁ ବ୍ୟବସ୍ଥା କରିବାକୁ ଯାଉଛୁ। ଗ୍ରାହକଙ୍କର ଭରସା ଓ ଭଲ ପାଇବା ଶୋ ରୁମ୍ ପ୍ରତି ରହିଛି। ଆମ ଗ୍ରାହକମାନଙ୍କ ପ୍ରତି ରହିଥିବା ଉତ୍ତରଦାୟିତ୍ୱଗୁଡ଼ିକୁ ତୁଲାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯେପରି କି ଶୁଦ୍ଧତା ଓ କାରୁକାର୍ଯ୍ୟପୂର୍ଣ୍ଣ ସୁନାଗହଣା ଯୋଗାଇବା, ସ୍ୱଚ୍ଛତା ଓ ପାରଦର୍ଶିତା ସହ ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ ନେବା ଏବଂ ଆତ୍ମୀୟତା ଓ ନମ୍ରତା ଭରା ଗ୍ରାହକ ସେବାକୁ ନେଇ ବ୍ୟବସାୟ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ସହିତ ବ୍ରହ୍ମପୁର, କଟକ ଭଳି ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଅରୁନ୍ଧତୀ ତା'ର ଶାଖା ଖୋଲିବାକୁ ଯାଉଛି।

**●ମହାମାରୀ ସମୟରେ କର୍ମଚାରୀ ଓ ଗ୍ରାହକଙ୍କ ସହ ସମ୍ପର୍କ କିପରି ରହିଥିଲା?**

୫ ଜଣ କର୍ମଚାରୀରୁ ଆରମ୍ଭ ହୋଇଥିବା ଅରୁନ୍ଧତୀ ଗ୍ରୁପ ଆଜିର ଦିନରେ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରୁଛି। ମହାମାରୀ ସମୟରେ ସଂସ୍ଥାର କାରବାର ମାନ୍ଦା ଥିଲେ ବି ଆମ କର୍ମଚାରୀମାନଙ୍କ ପାଇଁ କୌଣସି ସମସ୍ୟା ହୋଇନାହିଁ, ବରଂ ଏହି ସମୟରେ ୧୦୦ରୁ ଊର୍ଦ୍ଧ୍ୱ କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। କରୋନା କାଳରେ କର୍ମଚାରୀଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେଇ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ମୁଁ ପୂରା ପ୍ରୟାସ କରିଥିଲି। ସମ୍ପୂର୍ଣ୍ଣ ଗ୍ରାହକ ସନ୍ତୁଷ୍ଟି ହେଉଛି କାରବାରର ମୂଳ ମନ୍ତ୍ର। ସେଥିପାଇଁ ମହାମାରୀ ସମୟରେ ପ୍ରିୟ ଗ୍ରାହକଙ୍କ ସହ ବିଭିନ୍ନ ମାଧ୍ୟମରେ ଆମେ ଯୋଡ଼ିହୋଇ ରହିଥିଲୁ।

**●ଏଥର ବଜେଟ ବ୍ୟବସାୟୀଙ୍କୁ କେତେ ସୁହାଇବ ବୋଲି ଆଶା କରୁଛନ୍ତି?**

୨୦୨୧-୨୨ର ବଜେଟ ଏକ ଯୁଗାନ୍ତକାରୀ ବଜେଟ ଭାବେ ଉପସ୍ଥାପିତ କରାଯାଇଛି। ଏହି ବଜେଟ ବ୍ୟବସ୍ଥା ଦେଶରେ ଲାଗୁ ହେବା ପରେ ବ୍ୟବସାୟ କିପରି ହେଉଛି ତା' ଉପରେ ନଜର ରହିବ। ବର୍ତ୍ତମାନ ମଧ୍ୟ କରୋନାର ପ୍ରଭାବ ସରିନାହିଁ। ସରକାର ଦେଶର ଅର୍ଥବ୍ୟବସ୍ଥାକୁ ସଜାଡ଼ିବା ସହ ବଜାର ଚାହିଦାକୁ ଲକ୍ଷ୍ୟକରି ଏହି ସବୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବଜେଟରେ ସୁନା, ଟିକସ ଓ ବ୍ୟାଙ୍କ ଭଳି କ୍ଷେତ୍ର ପ୍ରତି କୋହଳ ମନୋଭାବ ଥିବା ପରିଲକ୍ଷିତ ହୋଇଛି। ବ୍ୟବସ୍ଥାପକ ନୀତି ଓ ନିୟମାବଳୀ ଆପଣାଯାଇ ଥିବାରୁ ଏହା ସୁନା ବ୍ୟବସାୟୀଙ୍କୁ ବେଶ୍ ସୁହାଇବ ବୋଲି ଆଶା।

**●ବୃତ୍ତି ଓ ବ୍ୟବସାୟ ଭିନ୍ନ ହୋଇଥିଲେ ମଧ୍ୟ ସଫଳତା ବହୁଶୀଘ୍ର ପାଇଛନ୍ତି। ଏହାର ଶ୍ରେୟ କାହାକୁ ଦେବେ?**

ବୃତ୍ତି ଓ ବ୍ୟବସାୟ ମଧ୍ୟରେ କିଛି ଫରକ୍ ନାହିଁ। ଶିକ୍ଷା ମଣିଷକୁ ପରିପକ୍ୱତା ଦେଇଥାଏ। ଯନ୍ତ୍ରୀରୁ ଜୁଏଲେରି ବ୍ୟବସାୟୀ କେବଳ ମାଟି ତଥା ନିଜ ଲୋକଙ୍କ ପ୍ରତି ରହିଥିବା ସେହ୍ନ ଓ ଦାୟିତ୍ୱବୋଧ ପାଇଁ ହୋଇପାରିଛି।

ବର୍ତ୍ତମାନ ସମୟରେ ଅରୁନ୍ଧତୀ ଓଡ଼ିଶାର ଘରେ ଘରେ ପରିଚିତ। ଏହାର ଅଳଙ୍କାରଗୁଡ଼ିକର

**ଶୁଦ୍ଧତା, ସ୍ୱଚ୍ଛତା ଓ ଆତ୍ମୀୟତା**
**ଅରୁନ୍ଧତୀର ମୂଳ ଲକ୍ଷ୍ୟ**




ଗୁଣବତ୍ତା, ସ୍ୱତନ୍ତ୍ର ଡିଜାଇନିଂ ଓ ଦର ଉପରେ ଗ୍ରାହକଙ୍କ ବିଶ୍ୱାସ ଓ ଭରସା ରହିଛି। ଫଳରେ ଶୋ ରୁମ୍ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସବୁବର୍ଗର ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି। ବାହାଘର ଓ ପାର୍ବଣ ସମୟରେ ସ୍ୱତନ୍ତ୍ର ଅଳଙ୍କାର ଓ ଡିଜାଇନିଂ ସହିତ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂସ୍ଥା ପକ୍ଷରୁ ସବୁ ପ୍ରକାର ସେବା ଯୋଗାଇ ଦିଆଯାଇଥାଏ। ତେଣୁ ସଂସ୍ଥାର କର୍ମଚାରୀ-ଗ୍ରାହକ-ସଂସ୍ଥାପକଙ୍କ ଉତ୍ତମ ସମ୍ପର୍କ ଓ ଭରସାକୁ ସଫଳତା ମିଳିଛି ବୋଲି ମୁଁ କହିବି।

**●ବର୍ତ୍ତମାନ ସୁନା ଦର ଆକାଶଛୁଆଁ ଥିବାବେଳେ କାରବାର କିପରି ରହୁଛି ?**

ସୁନା ଦର ଯେତେବେଳେ ୫ ହଜାର ଥିଲା ସେତେବେଳେ ମଧ୍ୟ ଲୋକେ କିଣାକିଣି କରୁଥିଲେ। ବର୍ତ୍ତମାନ ଏହା ୫୦ ହଜାର ଥିଲେ ମଧ୍ୟ କିଣାବିକା ଚାଲିଛି। ସୁନା ଏକ ମୂଲ୍ୟବାନ ସମ୍ପଦ। ଏହାର ଆବଶ୍ୟକତା ଲୋକଙ୍କର ବିଭିନ୍ନ ଉତ୍ସବରେ ରହିଥିବାରୁ ସେମାନେ ଏହାକୁ କିଣୁଛନ୍ତି।

## ସାରସକଣା ସଡ଼କ ଦୁର୍ଘଟଣା
## ୨ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ମୟୂରଭଞ୍ଜ ଜିଲା ସାରସକଣାଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ଓଡ଼ିଶାର ଓ ଜଣେ ଝାଡ଼ଖଣ୍ଡ ଅଧିବାସୀ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥି ସହିତ ସେମାନଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ମୁରୁଣିଆ-ବାଗବୁଡ଼ା ପ୍ରଧାନମନ୍ତ୍ରୀ ସଡ଼କର ଡ଼ିପାସାହିଠାରେ ବୁଧବାର ରାତିରେ ଏକ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଝାରପୋଖରିଆ ଥାନା ଗୋବିନ୍ଦପୁର ଅଞ୍ଚଳର ରାନୀ ମାରାଣ୍ଡି, ବିଶୁ ହେମ୍ବ୍ରମ, ଥିମୁ ମାରାଣ୍ଡି, ନଟା ଅଞ୍ଚଳର ବୋଲି ମାରାଣ୍ଡି ଏବଂ ଝାଡ଼ଖଣ୍ଡ ରାଜ୍ୟ କଟୁଷୋଳ ଗ୍ରାମର ନୂତନ ମାରାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ଡମଣ ସାହିରୁ ଆଦିବାସୀ ନୃତ୍ୟ ପରିବେଷଣ କରି ଟ୍ରାକ୍ଟର ଯୋଗେ ୪୬ ମହିଳା ଓ ପୁରୁଷ ବାଗବୁଡ଼ା ନିକଟସ୍ଥ ଗୋବିନ୍ଦପୁର ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ରାସ୍ତାଠାରୁ ୧୦ ଫୁଟ୍ ତଳ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା।

# ଶିକ୍ଷକଙ୍କ କଳା କାରନାମା

**କଟକ ଅଫିସ, ୧୯।୨**



ରସିକିଆ ଶିକ୍ଷକଙ୍କ କଳା କାରନାମା କଟକରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୁଇଜଣଙ୍କୁ ବିବାହ କରିବା ସହିତ ଅନ୍ୟ ଜଣେ ମହିଳାଙ୍କ ସହ ଲିଭ୍ ଇନ୍ ରିଲେଶନସିପ୍‌ରେ ରହିବା ସମ୍ପୃକ୍ତ କଳା ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଏହି ଘଟଣାରେ କଟକ ମହିଳା ଥାନା ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅଧୀନ ୪୨ ମୌଜା ଅଞ୍ଚଳର କୃଷ୍ଣଚନ୍ଦ୍ର ନାୟକ(୪୦)। ଥାନା ଅଧିକାରୀ ଅନସୂୟା ନାୟକଙ୍କ କହିବାନୁଯାୟୀ, କୃଷ୍ଣଚନ୍ଦ୍ର ୨୦୦୧ରେ ସ୍ଥାନୀୟ ରାଉସାପାଟଣା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ୨୦୦୪ରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ମହିଳା ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୭/୦୪) ରୁଜୁ କରିଥିଲା। ପରେ ଏହି ମାମଲା କୋର୍ଟକୁ ଯାଇଥିଲା। କୋର୍ଟ ଏହାର ସମାଧାନ କରିବା ପରେ ୨୦୦୮ ପର୍ଯ୍ୟନ୍ତ ଉଭୟ ମିଳିମିଶି ରହିଥିଲେ। ଏହାପରେ କୃଷ୍ଣଚନ୍ଦ୍ର କେଉଁଆଡେ ପଳାଇ ଯାଇଥିଲେ। ୨୦୧୭ରେ ସେ ଦ୍ୱିତୀୟ ବିବାହ କରିଥିବା ପ୍ରଥମ ସ୍ତ୍ରୀ ଜାଣିବା ପରେ ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ କୃଷ୍ଣଚନ୍ଦ୍ର ସେଠାରୁ ପଳାଇ ଆସି ସାଲେପୁର ଥାନା ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ ଶିକ୍ଷକତା କରୁଥିଲେ। ସେଠାରେ ସେ ଜଣେ ବିବାହିତା ମହିଳାଙ୍କ ସହିତ ଲିଭ ଇନ୍ ରିଲେଶନସିପ୍‌ରେ ରହୁଥିଲେ। ଏ ସମ୍ପର୍କରେ କୃଷ୍ଣଚନ୍ଦ୍ରଙ୍କ ପ୍ରଥମ ସ୍ତ୍ରୀ ଜାଣିପାରି କଟକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯/୨୧) ରୁଜୁ କରିଥିଲା। ପରେ ତଦନ୍ତ କରି କୃଷ୍ଣଚନ୍ଦ୍ରଙ୍କୁ ସାଲେପୁର ପାଗା ଗୋପୀନାଥପୁର ଅଞ୍ଚଳରୁ ଗିରଫ କରିଥିଲା।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: କନଷ୍ଟେବଳ ଗିରଫ

**ବାରିପଦା ଅଫିସ, ୧୯।୨**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଜଣେ କନଷ୍ଟେବଳ ଗିରଫ ହୋଇଛନ୍ତି। ସେ ହେଲେ ତିହିଡି ଥାନା ଅଧୀନ କୋହ୍ଲ ଗ୍ରାମର ଶିବ ପ୍ରସାଦ ସାହୁ। ଶିବ ଅବକାରୀ ବିଭାଗର କନେଷ୍ଟବଳ ଭାବେ ଭଦ୍ରକ ଟାଉନ ଥାନା ଅଧୀନ କୁଆଁସ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଯୁବତୀ ଜଣକ ଭଦ୍ରକର ଏକ କଲେଜରେ ପାଠ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶିବ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ପ୍ରତାରଣା କରିବାରୁ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ.୧୪୦/୨୧ରେ ମାମଲା ରୁଜୁ ହୋଇଛି।

# ୨୧ରୁ କଳିଙ୍ଗ ନାଟ୍ୟ ମହୋତ୍ସବ

**ଭୁବନେଶ୍ୱର, ୧୯।୨ (ବ୍ୟୁରୋ)**



ଆସନ୍ତା ୨୧ତାରିଖରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ୨୩ତମ କଳିଙ୍ଗ ନାଟ୍ୟ ମହୋତ୍ସବ ଆରମ୍ଭ ହେବ। ୫ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବରେ ପାଟଣା, କୋଲକାତା, ବିଜୟୱାଡା, ଗୌହାଟି ଓ ଭୁବନେଶ୍ୱରର ମଞ୍ଚ କଳାକାରମାନେ ନାଟକ ପରିବେଷଣ କରିବେ। ପ୍ରଥମ ଦିନରେ ବିହାର ପାଟଣାର ନିର୍ମାଣ କଳା ମଞ୍ଚ ପକ୍ଷରୁ ସଞ୍ଜୟ ଉପାଧ୍ୟାୟଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଗଗନ ଘାଟଘହରାନି' ପରିବେଷିତ ହେବ। ଦ୍ୱିତୀୟ ଦିନରେ ଶତାବ୍ଦୀର କଳାକାରର ଶିଳ୍ପୀ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଏକ ଜିଦ୍‌ଖୋର ଝିଅ', ତୃତୀୟ ଦିନରେ କୋଲକାତାର ଦମ୍‌ଦମ୍ ଶଙ୍ଖମୁଖ ନାଟ୍ୟକେନ୍ଦ୍ର କଳାକାର ରାକେଶ ଘୋଷଙ୍କ ନିର୍ଦ୍ଦେଶିତ ବେଙ୍ଗଲି ନାଟକ 'ସାଫୋ ଚିରାଙ୍ଗଦା', ଚତୁର୍ଥ ଦିନରେ ବିଜୟୱାଡାର ଅରବିନ୍ଦ ଆର୍ଟସ୍ ଡେଭଲପ୍‌ମେଣ୍ଟ ସୋସାଇଟିର କଳାକାର ଗଙ୍ଗୋତ୍ରୀ ସାଇଙ୍କ ନିର୍ଦ୍ଦେଶିତ ତେଲଗୁ ନାଟକ 'ମଧୁପରକାଲୁ' ଏବଂ ଅନ୍ତିମ ଦିବସରେ ଗୋହାଟୀର ପୂର୍ବରଙ୍ଗ କଳାକାର ଗୁଣାକାର ଦେବଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ଆସାମୀ ନାଟକ 'ଘଟୋତ୍କଚ ପୁତ୍ର ମୋର' ପରିବେଷଣ କରିବେ। ଶୁକ୍ରବାର ଶତାବ୍ଦୀର କଳାକାର ପକ୍ଷରୁ ବିଜୁ ନାଟ୍ୟ କେନ୍ଦ୍ର ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଧୀର ମଲ୍ଲିକ ସୂଚନା ଦେଇଛନ୍ତି।

ଅଭିନେତ୍ରୀ ଧରିତ୍ରୀ ଖଣ୍ଡୁଆଳଙ୍କୁ ଚଳିତ ବର୍ଷର 'ସୁମିତ୍ରା ସମ୍ମାନ' ଓ ମଞ୍ଚ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଏହା ବ୍ୟତୀତ ଚଳିତ ବର୍ଷ ୭ଜଣଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ' ଏବଂ ୨ଜଣଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ଅନୁଷ୍ଠାନର ଉପସଭାପତି ବିଘ୍ନରାଜ ଜେନା, କାର୍ଯ୍ୟକାରୀ ସଭାପତି ଦର୍ପନାରାୟଣ ସେଠୀ, ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିନେତ୍ରୀ ଧରିତ୍ରୀ ଖଣ୍ଡୁଆଳ ପାଇବେ 'ସୁମିତ୍ରା ସମ୍ମାନ'

# ସଂଗ୍ରାମ ସମିତିର ଜନଜାଗରଣ ଯାତ୍ରା

**ରାଜକନିକା, ୧୯।୨(ଡି.ଏନ.ଏ.)**


ସଂଗ୍ରାମ ସମିତି ପକ୍ଷରୁ ଆଳିରୁ ରାଜକନିକା ଅଭିମୁଖେ ବାହାରିଥିବା ବାଇକ୍ ରାଲି।

## ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ

- ବାଇକ ରାଲିରେ ସାମିଲ ହେଲେ ଶତାଧିକ ଲୋକ
- ବୁନ୍ଦାଏ ବି ପାଣି ନ ଦେବା ପାଇଁ ଆହ୍ୱାନ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡ଼ିଆ ନିକଟସ୍ଥ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦ ପୁଣି ଥରେ ତେଜିଛି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ବାଇକ୍ ରାଲି କରାଯାଇ ନଦୀରୁ ବୁନ୍ଦାଏ ବି ପାଣି ଏହି ପ୍ରକଳ୍ପକୁ ନ ଛାଡିବା ପାଇଁ ଆହ୍ୱାନ ଦିଆଯାଇଛି। ଶତାଧିକ ଲୋକ ଏହି ରାଲିରେ ସାମିଲ ହୋଇ ଆଳି ଓ ରାଜକନିକା ଅଞ୍ଚଳ ବୁଲିବା ସହ ଭଦ୍ରକର ଏହି ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର କ୍ଷତି ସମ୍ପର୍କରେ ଜନଜାଗରଣ କରିଛନ୍ତି। ଏ ସମ୍ପର୍କରେ ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଦାସ କହିଛନ୍ତି, ଏବେ ଖରାଦିନ ଆରମ୍ଭ ହୋଇଛି। ଖରସ୍ରୋତା ନଦୀ ସ୍ରୋତ କମି ଗଲାଣି। ଆଗକୁ ଖରାର ତାପ ବଢ଼ିବ। ସେହି ସମୟରେ ସ୍ଥାନୀୟ ଲୋକଙ୍କ ପାନୀୟ ଜଳ ଓ କୃଷି ପାଇଁ ନଦୀର ମଧୁର ଜଳ କମ ରହିବ। ଏହାସତ୍ତ୍ୱେ ରାଜ୍ୟ ସରକାର ଭଦ୍ରକ ଜିଲାକୁ ଏହି ନଦୀର ମଧୁର ଜଳ ଯୋଗାଇ ଦେବାକୁ ଜିଦ୍ ଧରି ବସିଛନ୍ତି। ଖରସ୍ରୋତା ନଦୀ ଜଳ ଆଳି ଓ ରାଜକନିକାବାସୀଙ୍କ ପାଇଁ ପ୍ରାଣ ହୋଇଥିଲା ବେଳେ ଏହାର ଭାଗ ବଣ୍ଟୁଆରାକୁ ବରଦାସ୍ତ କରାଯିବ ନାହିଁ। ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା କହିଛନ୍ତି, ସ୍ଥାନୀୟ ଅଞ୍ଚଳବାସୀଙ୍କ ପାନୀୟ ଜଳ ପାଇଁ ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ହେବ। ଏଥିପାଇଁ ଜଳର ଆବଶ୍ୟକତା ଥିବା ବେଳେ ସ୍ଥାନୀୟ କୃଷିକୁ ଜଳସେଚନ ଖରସ୍ରୋତା ନଦୀରୁ ହୋଇପାରୁଛି। ଏଥିସହ ଭିତରକନିକାର ହେନ୍ତାଳବଣର ସୁରକ୍ଷା ପାଇଁ ଖରସ୍ରୋତା ନଦୀ ଜଳ ଆବଶ୍ୟକ ଥିବା ବିଭିନ୍ନ ସମୟରେ ତଥ୍ୟ ଉପସ୍ଥାପନା କରାଯାଇଛି। ଏସବୁକୁ ବିଚାର କରା ନ ଯାଇ ଭଦ୍ରକକୁ ପାଣି ଦିଆଯିବା ଲାଗି ଯୋଜନା ଚାଲିଛି, ଯାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଆଘାତ ଦେଇଛି। ତୁରନ୍ତ ଭଦ୍ରକର ନୂଆହାଟ ପ୍ରୋଜେକ୍ଟ ବନ୍ଦ କରା ନ ଗଲେ ଏହି ଆନ୍ଦୋଳନ ଆଗକୁ ତୀବ୍ର ହେବ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକର ୪ ବ୍ଲକକୁ ପାନୀୟ ଜଳ ପାଇପ ଯୋଗେ ଯୋଗାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଆଳି ଓ ରାଜକନିକାବାସୀ ବର୍ଷେ ହେଲା ବିରୋଧ କରି ଆସୁଛନ୍ତି। ମାନବ ଶୃଙ୍ଖଳ, ଜଳ ସତ୍ୟାଗ୍ରହ, ସଚେତନତା ରଥ ପ୍ରଦକ୍ଷିଣ ସହ ବିରୋଧରେ ଜନସଭା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବାଇକ୍ ରାଲିରେ ଅଞ୍ଚଳର ମହିଳାମାନେ ସାମିଲ ହେବା ସହ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା।

# ଗାଡି ମାଲିକ, ଡ୍ରାଇଭର ଗିରଫ

## ଗୋରୁ ବୋଝେଇ ଟ୍ରକ ଓଲଟିବା ଘଟଣା

**ବସ୍ତା, ୧୯।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବସ୍ତା ଗାନ୍ଧିଛକରେ ଗୁରୁବାର ବେଆଇନ ଗୋରୁ ବୋଝେଇ ଟ୍ରକ ଓଲଟିବା ଘଟଣାରେ ୨୮ ଗୋରୁ ଓ ୩ ଖଲାସୀଙ୍କ ମୃତ୍ୟୁ ହୋଇଛି। ୧୦ରୁ ଅଧିକ ଗୋରୁ ଆହତ ହୋଇଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେଆଇନ ଗୋଚାଲାଣ ନେଇ ଭାଜପା ପକ୍ଷରୁ ରାଜପଥ ଅବରୋଧ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପହଞ୍ଚି ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ ଗୁରୁତର ଭାବେ ନେଇ ବସ୍ତା ପୋଲିସ ଶୁକ୍ରବାର ଅନୁସନ୍ଧାନ କରି ଟ୍ରକ ମାଲିକ ସୋର ପଠାଣ ମହଲାର ସେକ ଇସାକଙ୍କ ପୁଅ କିସାନ ଅହମଦ ଓ ଡ୍ରାଇଭର ଖୋର୍ଦ୍ଧା ଜିଲା କରଞ୍ଜି ଗ୍ରାମର ସେକ ସୁଲତାନ ଅହମଦଙ୍କ ପୁଅ ୱାକନ ଅହମଦଙ୍କୁ ଗିରଫ କରିଛି। ଅନ୍ୟଜଣେ ସମ୍ପୃକ୍ତ କିଶାନ ଅହମଦଙ୍କ ଭାଇ ବୁରହାନ ମହମଦ ଫେରାର ଅଛନ୍ତି। ଏହି ଟ୍ରକ ଖୋର୍ଦ୍ଧାର ବେଗୁନିଆରୁ କୋଲକାତା ଯାଉଥିବା ବସ୍ତା ଥାନା ଆଇଆଇସି ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି।

# କାଞ୍ଜିପାଣି ଘାଟିରେ ବସ୍ ଦୁର୍ଘଟଣା

**କେନ୍ଦୁଝର, ୧୯।୨ (ସ୍ୱ.ପ୍ର.):** କେନ୍ଦୁଝର ଜିଲା କାଞ୍ଜିପାଣି ଘାଟିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରୋଇ ବସ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ ହେଁ ବସ୍‌ରେ ଥିବା ପ୍ରାୟ ୪୦ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଏହି ବସଟି ଝାରସୁଗୁଡାରୁ କେନ୍ଦୁଝର ଦେଇ ଭଦ୍ରକ ଯାଉଥିବା ବେଳେ ହଠାତ ଭାରସାମ୍ୟ ହରାଇ ରାସ୍ତା ତଳକୁ ଗଡିଯାଇଥିଲା। ତେବେ ଘାଟି ରାସ୍ତା କଡରେ ପାହାଡ କାନ୍ଥରେ ଘସି ଅଟକି ଯାଇଥିଲା। ଫଳରେ ଯାତ୍ରୀ ମାନେ ସାମାନ୍ୟ ଆହତ ହୋଇଥିଲେ ହେଁ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ପରେ କାଞ୍ଜିପାଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଅନ୍ୟ ବସରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପହଞ୍ଚାଇଥିଲା। ପୋଲିସ ବସକୁ ଜବତ କରି ଘଟଣାର ତଦନ୍ତ କରୁଛି।

बैंक ऑफ़ बड़ौदा
Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

**ବ୍ୟାଙ୍କ ଅଫ୍ ବରୋଦା** ନିମ୍ନଲିଖିତ ସ୍ଥାନରେ ଏହାର ଶାଖାଗୁଡିକର ପରିସର ନିମନ୍ତେ ପାର୍କିଂ ଏବଂ ପର୍ଯ୍ୟାପ୍ତ ବିଦ୍ୟୁତ୍ ସରବରାହ ସହିତ ସମସ୍ତ ସୁବିଧା ଉପଲବ୍ଧ ଥିବା ତଳ ମହଲା ଗୃହ, ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ଗୃହ ମାଲିକ / ପାୱାର ଅଫ୍ ଆଟର୍ଣ୍ଣି ହୋଲ୍ଡରମାନଙ୍କ ଠାରୁ ଲିଜ୍ ଭିତ୍ତିରେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| | |
|---|---|
| ୧. ବରମୁଣ୍ଡା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) | ୧୬୦୦ ରୁ ୨୦୦୦ ବର୍ଗଫୁଟ କାର୍ପେଟ ଏରିଆ |
| ୨. ନିରାକାରପୁର: ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) | ୧୦୦୦ ରୁ ୧୨୦୦ ବର୍ଗଫୁଟ କାର୍ପେଟ ଏରିଆ |

ପରିସରଟି ପ୍ରସ୍ତୁତ ଥିବା କିମ୍ବା ଆପାତତଃ ୩ ମାସ ମଧ୍ୟରେ ଅଧିକୃତ କରିବା ପାଇଁ ପ୍ରସ୍ତୁତ ହୋଇପାରିବା ଆବଶ୍ୟକ। ଆଗ୍ରହୀ ପକ୍ଷମାନେ ୨ଟି ପୃଥକ ମୁଦ ଲଫାପାରେ ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ଉଲ୍ଲେଖ କରି **କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**ଠାରେ **ତା.୧୨.୦୩.୨୦୨୧ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପ୍ରସ୍ତାବମାନ ଦାଖଲ କରିପାରିବେ। ପବ୍ଲିକ୍ ସେକ୍ଟର ୟୁନିଟ୍/ସରକାରୀ ବିଭାଗ ଅଧିନସ୍ଥ ପରିସରକୁ ଅଗ୍ରାଧିକାର ଦିଆଯିବ। ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଇନ୍ କରନ୍ତୁ କିମ୍ବା ୭୦୭୭୭୨୭୦୨୮ରେ ଯୋଗାଯୋଗ କରନ୍ତୁ।
ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସଂଶୋଧନ ପତ୍ର / ଯୋଗପତ୍ର (ଯଦି କିଛି ଥାଏ) କେବଳ ବ୍ୟାଙ୍କ ୱେବସାଇଟ୍‌ରେ ପ୍ରଦାନ କରାଯିବ।
ତାରିଖ: ୨୦.୦୨.୨୦୨୧ — କ୍ଷେତ୍ରୀୟ ପ୍ରବନ୍ଧକ

> ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଲେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର ନାହିଁ। -ଶ୍ରୀଅରବିନ୍ଦ



# କଡ଼ା ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଜଧାନୀ ଦିଲ୍ଲୀର ୧୦୭ ବର୍ଷ ପୁରୁଣା ଜିମ୍‌ଖାନା କ୍ଲବ୍ ଉଚ୍ଚ ଏବଂ କ୍ଷମତାଶାଳୀ ବ୍ୟକ୍ତିଙ୍କ ପସନ୍ଦ ରହିଆସିଛି। ଏମାନଙ୍କ ସହଯୋଗରେ ବି ଏହା ଚାଲୁଛି। କିନ୍ତୁ ଅତି ଅବ୍ୟବସ୍ଥା ଦେଇ ଆସୁଥିବା ଏହି କ୍ଲବ୍‌କୁ ଏବେ ସରକାର ନିୟନ୍ତ୍ରଣକୁ ନେବା ପରେ ପୁଣି ଲ୍ୟୁଟିୟନସ୍ ଦିଲ୍ଲୀ ଖବର ଶିରୋନାମାକୁ ଫେରିଛି। ନ୍ୟାଶ୍‌ନାଲ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) କ୍ଲବ୍‌ର ଗଭର୍ଣ୍ଣିଂ କାଉନ୍‌ସିଲକୁ ଭାଙ୍ଗି ଦେଇ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ପରିଚାଳନା ନିର୍ଦ୍ଦେଶକ ଏମ୍.ଏମ୍. ଜୁନେଜାଙ୍କୁ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। କ୍ଲବକୁ ନେଇ ଆଇନଗତ ମାମଲା ଚାଲିଥିବାବେଳେ ବି ସେ ଏହାର ଦେଖାଶୁଣା କରିବେ। ଜୁନେଜା ନିଯୁକ୍ତି ପାଇବା ପରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଥମତଃ କ୍ଲବ୍ ସଦସ୍ୟମାନଙ୍କର ୧.୨ କୋଟି ଟଙ୍କାର ବକେୟା ଦେୟ ପଇଠ କରିବା ପାଇଁ ସେ ସେମାନଙ୍କୁ ନୋଟିସ୍ ଜାରି କରିଛନ୍ତି। କ୍ଲବ୍‌ର କାର୍ଯ୍ୟ ବୁଝାଶୁଝା କରିବା ପାଇଁ ଜଣେ ପ୍ରଶାସକଙ୍କୁ ନିଯୁକ୍ତି ଦିଆଯିବା ଏହାର ଇତିହାସରେ ପ୍ରଥମ ଘଟଣା। ଏହାକୁ ଏକ ଆଦର୍ଶ କ୍ଲବ୍ କରିବା ପାଇଁ ସର୍ବୋତ୍ତମ କାର୍ଯ୍ୟ ଆରମ୍ଭ କରିବାକୁ ଜୁନେଜାଙ୍କୁ ଅଧିକାର ଦିଆଯାଇଛି। କ୍ଲବ୍ ବିରୋଧରେ ଅଭିଯୋଗ ଏବଂ କୋର୍ଟରେ ମାମଲା ସଂଖ୍ୟା ବଢ଼ିବା ପରେ ଏହାର ପରିଚାଳନା ଉପରେ ୪ ବର୍ଷ ତଳେ ଯେତେବେଳେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ତଦନ୍ତ କରିବାକୁ ସ୍ଥିର କରିଥିଲେ ସେତେବେଳେ ଏହାର ଅବ୍ୟବସ୍ଥା ସାମ୍‌ନାକୁ ଆସିଥିଲା। ଗତବର୍ଷ ପ୍ରାରମ୍ଭରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ କ୍ଲବ୍ ପରିଚାଳନା ଦାୟିତ୍ୱ ନେବାକୁ ଚାହିଁଥିଲା ଓ ଏନ୍‌ସିଏଲ୍‌ଏଟିରେ ଆବେଦନ କରିଥିଲା। ଏଥିରୁ ଲାଗୁଛି କି ଏବେ ଏହା ତା'ବାଟ ପାଇଯାଇଛି । କଡ଼ା ପଦକ୍ଷେପ ନେବା ଆରମ୍ଭ ହୋଇଯାଇଛି। ଏହାଦେଖି ଏବେ ଲ୍ୟୁଟିୟନ ଦିଲ୍ଲୀରେ ଥିବା ଅନ୍ୟସବୁ କ୍ଲବ୍‌ରେ କମ୍ପନ ସୃଷ୍ଟି ହୋଇଛି।

### ଇଡି ବିସ୍ତାରରେ ବ୍ୟସ୍ତ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ଦିନକୁ ଦିନ ଦାୟିତ୍ୱ ବଢ଼ିବା ଯୋଗୁ ନିଜର ଶୀଘ୍ର କାର୍ଯ୍ୟ ସମ୍ପାଦନ ଏବଂ କାର୍ଯ୍ୟ ପରିସରକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଏବେ ଖର୍ଚ୍ଚବହୁଳ ବିସ୍ତାର କାର୍ଯ୍ୟରେ ବ୍ୟସ୍ତ ରହିଛି। ଏହାର ନୂଆ ଆଞ୍ଚଳିକ ଏବଂ ଉପ-ଆଞ୍ଚଳିକ କାର୍ଯ୍ୟାଳୟ (ଜୋନାଲ ଏବଂ ସବ୍-ଜୋନାଲ ଅଫିସ୍) ପାଇଁ ଅଧିକ ଅଧିକାରୀ ଆବଶ୍ୟକ ହେଉଛନ୍ତି। ଆର୍ଥିକ ଆଇନ ଲାଗୁକରିବା ଏବଂ ଆର୍ଥିକ ଅପରାଧ ବିରୋଧରେ ଲଢ଼ିବା ଇଡିର ଦାୟିତ୍ୱ। କିନ୍ତୁ ଏକ ବ୍ୟାପକ ଅଧିକାର କ୍ଷେତ୍ର ସହ ଏଫ୍‌ଇଏମ୍‌ଏ, ପିଏମ୍‌ଏଲ୍‌ଏ ଏବଂ ଏଫ୍‌ଇଓ ଆଇନଗୁଡ଼ିକରେ ଥିବା ନୂଆ ଦାୟିତ୍ୱକୁ ଦୃଷ୍ଟିରେ ରଖି ଇଡିକୁ ଏବକାର କାର୍ଯ୍ୟକ୍ଷେତ୍ରକୁ ବିସ୍ତାର କରିବାକୁ ଦରକାର ପଡ଼ିବ। ଜଣାପଡ଼ିଛି,ସମ୍ପ୍ରସାରଣ ବା ବିସ୍ତାରରେ ଇଡି ଏହାର କ୍ୟାଡର କ୍ଷମତାର ପର୍ଯ୍ୟାପ୍ତ ପୁନର୍ଗଠନ କରିବ। ଏହି ସମୟରେ ଇଡିର ସ୍ୱୀକୃତିପ୍ରାପ୍ତ କ୍ୟାଡର୍ କ୍ଷମତା ୫ ଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ ସମେତ ୨୭ ଜଣ ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ନେଇ ମୋଟରେ ୨୦୬୪ ପଦବୀ ରହିଛି। କିନ୍ତୁ ଏବେ ମଧ୍ୟ ଅଧିକାରୀମାନଙ୍କ ଅଭାବ ରହିଛି, ଏପରି କି ମଞ୍ଜୁରୀପ୍ରାପ୍ତ ପଦବୀରୁ ମଧ୍ୟ। ଏଣୁ ଏବେ ଖାଲି ଥିବା ପଦବୀ ଏବଂ ନୂଆ କାର୍ଯ୍ୟାଳୟଗୁଡ଼ିକ ପୂରଣ କରିବା ଲାଗି ଅଧିକ ଅଧିକାରୀଙ୍କୁ ଚୟନ କରିବା ଅତ୍ୟନ୍ତ ଜରୁରୀ। ନୂଆ ଆଞ୍ଚଳିକ ଏବଂ ଉପ-ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ପାଇଁ ନୂଆ ଅତିରିକ୍ତ /ଯୁଗ୍ମ ନିର୍ଦ୍ଦେଶକ ଏବଂ ଉପ-ନିର୍ଦ୍ଦେଶକ ପଦ ସୃଷ୍ଟି କରିବାକୁ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ନିକଟରେ ଇଡି ୧୦ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ପ୍ରବର୍ତ୍ତନର ଉପ ନିର୍ଦ୍ଦେଶକ ପଦକୁ ପଦୋନ୍ନତି ଦେଇଛି। ଉକ୍ତ ସଂସ୍ଥା ଭୋପାଳ ଏବଂ ଗୁଡ଼୍‌ଗାଁଓରେ ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିଛି। ଭୁବନେଶ୍ୱର ଏବଂ ରାୟପୁରର ଉପ-ଆଞ୍ଚଳିକ କାର୍ଯ୍ୟାଳୟକୁ ଆଞ୍ଚଳିକ କାର୍ଯ୍ୟାଳୟ ସ୍ତରକୁ ନିଆଯାଇଛି। ଏହା ମଧ୍ୟ ଦେଶର ବିଭିନ୍ନ ସ୍ଥାନରେ ବହୁ ଉପ-ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିଛି।

### ଡିଜିପି ନିରାଶ ହେଲେ

ହାଇ ପ୍ରୋଫାଇଲ ପୂର୍ବତନ ବିହାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୁପ୍ତେଶ୍ୱର ପାଣ୍ଡେଙ୍କ ରାଜନୈତିକ ଅଭିଳାଷରେ ଏବେ ପୁଣି ଥରେ ବାଧା ଅସିଛି। ଏନ୍‌ଡିଏ ସରକାରରେ ପ୍ରବେଶ କରିବାକୁ ଯଦିଓ ସେ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କିନ୍ତୁ ତାଙ୍କ ବଦଳରେ ପୂର୍ବତନ ଆଇପିଏସ୍ ଅଧିକାରୀ ସୁନୀଲ କୁମାରଙ୍କୁ ଏକ୍ସାଇଜ୍ ଆଣ୍ଡ୍ ପ୍ରୋହିଭେଶନ ବିଭାଗରେ କ୍ୟାବିନେଟ ମନ୍ତ୍ରୀ ଭାବେ ଅବସ୍ଥାପିତ କରିଛନ୍ତି। ଅବସର ନେବାର ମାତ୍ର କିଛି ମାସ ପରେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଘଟଣା ଉପରେ ପାଣ୍ଡେଙ୍କ ମନ୍ତବ୍ୟକୁ ନେଇ ବିବାଦ ବଢିବାରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଜନତା ଦଳ( ସଂଯୁକ୍ତ)ରେ ଯୋଗ ଦେଇଥିଲେ। ନିର୍ବାଚନରେ ଦଳୀୟ ଟିକେଟ ପାଇବା ଆଶାରେ ସେ ଏହା କରିଥିଲେ। ଏଥିରୁ ବଞ୍ଚିତ ହେବା ପରେ ଅନେକ ଭାବିଥିଲେ ଯେ, ନିର୍ବାଚନ ପରେ ପାଣ୍ଡେଙ୍କୁ ନୀତୀଶଙ୍କ କ୍ୟାବିନେଟ୍‌ରେ ସ୍ଥାନ ମିଳିବ। କିନ୍ତୁ ସୁନୀଲ କୁମାର ଏହି ସୁଯୋଗ ପାଇଲେ। ପାଣ୍ଡେ ଏହା ହାସଲ କରିପାରିଲେନି କି ମେମ୍ବର ଅଫ୍ କାଉନସିଲ୍ ହୋଇପାରିଲେନି। କୌତୂହଳର ବିଷୟ, ରାଜନୀତିରେ ପ୍ରବେଶ କରିବା ଲାଗି ଏହା ହେଉଛି ପାଣ୍ଡେଙ୍କର ଦ୍ୱିତୀୟ ପ୍ରୟାସ। ୨୦୦୯ରେ ଭାଜପା ଟିକେଟ୍ ପାଇବା ପାଇଁ ସେ ମଧ୍ୟ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ସେତେବେଳେ ନିରାଶ ହୋଇଥିଲେ, ଏବେ ବି ସେୟା ହେଲା। ଭାଗ୍ୟବଶତଃ ନୀତୀଶ କୁମାର ଆଇପିଏସ୍‌ରୁ ତାଙ୍କ ଇସ୍ତଫା ପ୍ରତ୍ୟାହାର କରିବା ଲାଗି ଅନୁମତି ଦେଇଥିଲେ ଏବଂ ତା'ପରେ ତାଙ୍କୁ ରାଜ୍ୟ ପୋଲିସ ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ।

Email: dilipcherian@gmail.com

# 'ଭି' ନୁହେଁ 'କେ' ଆକାର ପରି ସୁଧାର



ଡ. ସନ୍ତୋଷ କୁମାର ମହାପାତ୍ର

ସାଧାରଣତଃ ବଜେଟ ପୂର୍ବରୁ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯାଏ। ସେଥିରେ ବିଗତ ବର୍ଷର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଗଲା ବେଳେ ବଜେଟରେ କି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ତାହା ସୂଚିତ କରାଯାଇଥାଏ। ଅର୍ଥନୈତିକ ସର୍ଭେରେ ଭାରତୀୟ ଅର୍ଥନୀତିରେ 'ଭି' ଆକାର ପରି ସୁଧାର ଆସିଛି ବୋଲି କୁହାଯାଇଛି। କିନ୍ତୁ ଆମ ମତରେ ତାଲାବନ୍ଦ ଉଠିଯିବା ପରେ ପେଣ୍ଟ ଅପ୍ ଡିମାଣ୍ଡ ବା ଚାହିଦା ଯୋଗୁ ଅର୍ଥନୀତିରେ ଆଂଶିକ ସୁଧାର ଆସିଛି ଏବଂ ସେହି ସୁଧାର 'କେ' ଆକୃତିର। ପେଣ୍ଟ ଅପ୍ ଡିମାଣ୍ଡ ହେଉଛି ଏକ ପରିସ୍ଥିତି; ଯେଉଁଥିରେ ଏକ ଉତ୍ପାଦର ଚାହିଦା କ୍ଷିପ୍ରଗତିରେ ବୃଦ୍ଧିପାଏ। ଉଦାହରଣ ସ୍ୱରୂପ, ଅର୍ଥନୀତିରେ ମାନ୍ଦାବସ୍ଥା ଯୋଗୁ କୌଣସି ଦ୍ରବ୍ୟର ଚାହିଦା କମ୍ ଥାଏ, କିନ୍ତୁ ବର୍ଦ୍ଧିତ ଖର୍ଚ୍ଚ ହେତୁ ସେହି ଦ୍ରବ୍ୟର ଚାହିଦା ହଠାତ୍ ବୃଦ୍ଧିପାଏ। ନୋମୁରା ଇଣ୍ଡିଆ ନର୍ମାଲାଇଜେଶନ୍ ଇଣ୍ଡେକ୍ସ (NINI)ଭାରତରେ ସୁଧାର 'କେ' ଆକୃତିର ବୋଲି କହିଛି।

ଏପରି କି ଆର୍ଥିକ ସୁଧାର ବଦଳରେ ଆର୍ଥିକ ପୁନରୁଦ୍ଧାର ଦେଖାଦେଇଛି ବୋଲି କହିଲେ ଉଚିତ ହେବ। କାରଣ ଅର୍ଥନୈତିକ ସର୍ଭେ ଅନୁସାରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୨୦୨୦-୨୧ରେ ୭.୭% ହ୍ରାସ ପାଇଲା ବେଳେ , ୨୦୨୧-୨୨ରେ ନାମାଙ୍କନ ଜିଡିପି ବୃଦ୍ଧି ୧୫.୪% ଏବଂ ବାସ୍ତବ ଜିଡିପି ବୃଦ୍ଧି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ୧୧% ହେବ। ଏହି ଆକଳନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ ଉପରେ ପର୍ଯ୍ୟବସିତ। ଭାରତର ପୂର୍ବତନ ମୁଖ୍ୟ ପରିସଂଖ୍ୟାନ ବିଶେଷଜ୍ଞ ପ୍ରୋନାବସେନ କହିଛନ୍ତି ଯେ, ୨୦୨୦-୨୧ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଅଭିବୃଦ୍ଧି ଯେଉଁ ୭ .୭% ହ୍ରାସହେବ ବୋଲି କହିଛି, ବାସ୍ତବରେ ଅର୍ଥନୀତି ପ୍ରାୟ ୧୧-୧୨ % ହ୍ରାସ ପାଇବ। ପୁନଶ୍ଚ ଆସନ୍ତା ବର୍ଷ ଅର୍ଥନୀତି ପୁଞ୍ଜି ବିନିଯୋଗର ସମସ୍ୟା ସମ୍ମୁଖୀନ ହୋଇପାରେ। କାରଣ ବର୍ତ୍ତମାନ ନିବେଶ ଘଟୁନାହିଁ; ଯାହାଫଳରେ ଆଗାମୀବର୍ଷ ଅଭିବୃଦ୍ଧି ହ୍ରାସ ପାଇପାରେ। କିନ୍ତୁ ଜାନୁୟାରୀ ୨୦୨୧ରେ ବିଶ୍ୱବ୍ୟାଙ୍କର ପୂର୍ବାନୁମାନ ଅନୁଯାୟୀ ୨୦୨୦ -୨୧ ଆର୍ଥିକବର୍ଷରେ ଭାରତର ଜିଡିପି୯.୬% ହ୍ରାସପାଇବ ଏବଂ ୨୦୨୧ରେ ୫.୪% ବୃଦ୍ଧିହେବ ବୋଲି ଆକଳନ କରିଛି।

ଏଣୁ ଯେତେବେଳେ ଅର୍ଥନୀତିରେ ଜିଡିପି ବୃଦ୍ଧି ବିଯୁକ୍ତାତ୍ମକ, ସେତେବେଳ ସୁଧାର କଥା କହିବା ସମ୍ପୂର୍ଣ୍ଣ ଭୁଲ୍। ୨୦୨୧-୨୨ରେ ଅଧିକ ଅଭିବୃଦ୍ଧି ହେବ ବୋଲି ପୂର୍ବାନୁମାନ କରି ସୁଧାର ହୋଇଛି ବୋଲି କୁହାଯାଇପାରିବନି। କ'ଣ ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତ କେତେ ଅନିଶ୍ଚିତ ତାହା କରୋନା ମହାମାରୀ ସୁଚାଇ ଦେଇଛି ପୁନଶ୍ଚ ଯେଉଁ ଅଧିକ ଅଭିବୃଦ୍ଧି ପୂର୍ବାନୁମାନ କରାଯାଇଛି ତାହା ନିମ୍ନ ଭିତ୍ତି ଉପରେ ପର୍ଯ୍ୟବସିତ। ଏପରି କି ଯଦି ଏହି ଜିଡିପି ବୃଦ୍ଧି ହାସଲ ହୁଏ ତେବେ ୨୦୧୯-୨୦ବର୍ଷର ଜିଡିପି ଉପରେ ମାତ୍ର ୨.୩% ଅଧିକ ଅଭିବୃଦ୍ଧି ହେବ। ଅର୍ଥାତ୍ ମହାମାରୀର ପୂର୍ବ ଅବସ୍ଥାକୁ ଫେରିବାକୁ ୨ବର୍ଷ ଲାଗିବ। ଏଣୁ ଅର୍ଥନୀତିରେ ସୁଧାର ଆସିଛି ବୋଲି କହିବା ଅନୁଚିତ।

ଏକ ଅର୍ଥନୀତିରେ କି ପ୍ରକାର ରିସେସନ ଦେଖାଦେଇଛି ବା କି ପ୍ରକାର ସୁଧାର ଆସିଥାଏ, ତାହା ବିଭିନ୍ନ ପ୍ରକାର ରୂପ ଯଥା ଇଂଲିଶ ଅକ୍ଷର'ଏଲ','ଭି', 'ୟୁ','କେ','ଯେ', 'ଜେଡ', ଡବ୍ଲ୍ୟୁ, କିୟୁ, 'ଆଇ' ଆକାର ନେଇଥାଏ। ଏକ ଅର୍ଥନୀତିରେ ଯେତେବେଳେ ଦୁଇଟି ତ୍ରୟମାସରେ ଜିଡିପି ବୃଦ୍ଧି ବିଯୁକ୍ତାତ୍ମକ ହୁଏ ସେତେବେଳେ ରିସେସନ ଦେଖାଦେଇଛି ବୋଲି କୁହାଯିବ। 'ଭି' ଆକୃତିର ରିସେସନ ଏବଂ ସୁଧାର କହିଲେ 'ଭି' ଅକ୍ଷର ପରି ବିଭିନ୍ନ ସୂଚକାଙ୍କରେ ଦ୍ରୁତ ଅବନତି ଘଟିବା ପରେ ଶୀଘ୍ର ପୁନରୁଦ୍ଧାର ବା ସୁଧାର ହୁଏ। ଅର୍ଥାତ୍ ଯେମିତି ଆର୍ଥିକ ସ୍ଥିତି ଦ୍ରୁତଗତିରେ ନିମ୍ନମୁଖୀ ହୋଇଥିଲା ସେମିତି ଦ୍ରୁତଗତିରେ ସୁଧାର ହେଉଛି

'ଏଲ'- ଆକୃତିର ପୁନରୁଦ୍ଧାର ହେଉଛି ସବୁଠାରୁ ଖରାପ ପରିସ୍ଥିତି; ଯେଉଁଥିରେ ଅଭିବୃଦ୍ଧି ଏବଂ ବିଭିନ୍ନ ସୂଚକାଙ୍କ ନିମ୍ନସ୍ତରରେ ଦୀର୍ଘଦିନ ଧରି ରୁହେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଏପରି କି ଏକଦଶନ୍ଧିରୁ ଅଧିକ ସମୟ ଧରି କୌଣସି ପୁନରୁଦ୍ଧାର ବା ସୁଧାର ହୁଏନାହିଁ। 'ଜେଡ'- ଆକୃତିର ରିସେସନ ଏବଂ ସୁଧାର ହେଉଛି ସବୁଠାରୁ ଆଶାବାଦୀ ଦୃଶ୍ୟ, ଯେଉଁଥିରେ ଅଭିବୃଦ୍ଧି ଏବଂ ବିଭିନ୍ନ ସୂଚକାଙ୍କ ନିମ୍ନସ୍ତରରେ ଅଳ୍ପଦିନ ରହିଲା ପରେଅର୍ଥନୀତିରେ ଦ୍ରୁତଗତିରେ ସୁଧାର ଆସିଥାଏ। 'କେ'ର ଗୋଟେ ଗାର ଉପରକୁ ଯାଇଛି ଅର୍ଥାତ୍ କେତେକ ଅଧିକ ଧନୀ ହେଲାବେଳେ 'କେ'ର ଗୋଟେ ଗାର ତଳ ମୁହାଁ ହୋଇଛି ଅର୍ଥ କେତେକ ଅଧିକ ଗରିବ ହୋଇଛନ୍ତି। ବର୍ତ୍ତମାନ ଭାରତରେ ମଧ୍ୟ ସେହି ଅବସ୍ଥା ଦେଖାଦେଇଛି। 'କେ'-ଆକୃତିର ସୁଧାର ବା ପୁନରୁଦ୍ଧାର ଘଟିଥାଏ ; ଯେତେବେଳେ ଏକ ଅର୍ଥନୀତିରେ ଗୋଟିଏ ଶ୍ରେଣୀ ଦ୍ରୁତଗତିରେ ଉନ୍ନତି କଲାବେଳେ ଆଉ ଗୋଟିଏ ଶ୍ରେଣୀ ଅଧିକ ନିମ୍ନମୁଖୀ ହୁଅନ୍ତି ଏବଂ ଆର୍ଥିକ ବୈଷମ୍ୟ ତୀବ୍ରତର ହୁଏ। ଅନ୍ୟଅର୍ଥରେ, ଶୀର୍ଷରେ ଥିବା ଲୋକମାନଙ୍କ ଉନ୍ନତି, ପ୍ରଗତି ଘଟିଲା ବେଳେ, ଯେଉଁମାନେ ସମାଜର ମଧ୍ୟମ ଏବଂ ନିମ୍ନରେ ଅଛନ୍ତି, ସେମାନଙ୍କ ଅବସ୍ଥା ଆହୁରି ଖରାପହୋଇଥାଏ। ଧନୀ ଲୋକମାନଙ୍କର ଆୟ ବୃଦ୍ଧିପାଇଥିବା ବେଳେ ଗରିବ ପରିବାରମାନେ ଜୀବିକାର ଉତ୍ସ ବା ଚାକିରି ହରାଇଛନ୍ତି ଏବଂ ଦାରିଦ୍ର୍ୟର ଗହ୍ୱରକୁ ଠେଲି ହୋଇଯାଇଛନ୍ତି।

ଷ୍ଟକ୍ ବଜାରର ସୂଚକାଙ୍କର ଉନ୍ନତି ଯୋଗୁ ଧନୀ, କର୍ପୋରେଟେ, ବଡନିବେଶକମାନଙ୍କ ସମ୍ପଦ ବୃଦ୍ଧିପାଇଲା ବେଳେ, ରିଅଲ ଇକୋନୋମୀର ବାସ୍ତବ ଅର୍ଥ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଯୋଗୁ ଗରିବ ଓ ମଧ୍ୟମ ଶ୍ରେଣୀର ଲୋକମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ରିଅଲ ଇକୋନୋମୀ ହେଉଛି ଦେଶର ଅର୍ଥ ବ୍ୟବସ୍ଥାର ଅଂଶ ; ଯାହା ବ୍ୟାଙ୍କ, ଷ୍ଟକ୍ ବଜାର ଇତ୍ୟାଦି ଭଳି ଆର୍ଥିକସେବା ସହିତ ଥିବା ଅଂଶ ବଦଳରେ ସାମଗ୍ରୀ ଏବଂ ସେବା ଉତ୍ପାଦନ ସହିତ ଜଡିତ। ବିଶେଷକରି ଦେଶର କରୋନା ଭାଇରସ ଜନିତ ଦୁର୍ଦ୍ଦିନରେଯେତେବେଳେ ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ ହୋଇଛି, ଲକ୍ଷ ଲକ୍ଷ ଜୀବନ ହରାଇବା ସହିତ ଅନେକ ଲୋକ ଜୀବିକା ହରାଇଛନ୍ତି, କୋଟିକୋଟି ଜନତା ଦାରିଦ୍ର୍ୟର ଗହ୍ୱରକୁ ଠେଲି ହୋଇଯାଇଛନ୍ତି, ଯେଉଁମାନଙ୍କ ସମ୍ପଦ ଅହେତୁକ ବୃଦ୍ଧିପାଇଛି ବିଶେଷକରି ବିନା ପରିଶ୍ରମରେ ଷ୍ଟକ୍ ବଜାରର ବୃଦ୍ଧି ଯୋଗୁ ରାତାରାତି ବୃଦ୍ଧିପାଇଛି, ପରିବାରଗୁଡ଼ିକ ଆୟ ହ୍ରାସପାଇବା ଯୋଗୁ ଏବଂ କ୍ରୟଶକ୍ତି ହ୍ରାସପାଇଛି ଏବଂ ଚାହିଦା ହ୍ରାସପାଇଛି।

ଏପରି କି ଭାରତରେ 'କେ'- ଆକୃତିର ସୁଧାର ଦେଖାଦେଇଛି ବୋଲି ଅକ୍ସଫାମ୍ ରିପୋର୍ଟରୁ ପ୍ରତିପାଦନ ହେଉଛି। ଜାନୁୟାରୀ ୨୦୨୧ରେ ପ୍ରକାଶିତ ଅକ୍ସଫାମ୍‌ର ଅସମାନତା ଭାଇରସ ରିପୋର୍ଟ ଅନୁଯାୟୀ, ଲକ୍‌ଡାଉନ ସମୟରେ ଭାରତୀୟ ବିଲିୟନେୟାରଙ୍କ ସମ୍ପଦ ୩୫% ଏବଂ ୨୦୦୯ରୁ ୯୦% ବୃଦ୍ଧିପାଇ ୪୨୨.୯ ବିଲିୟନ ଡଲାରରେ ପହଞ୍ଚିଛି, (ଅର୍ଥାତ୍ ୩ଲକ୍ଷ କୋଟି ଟଙ୍କାରୁ ଅଧିକ)। ଏହି ଦୃଷ୍ଟିରୁ ଭାରତ ବିଶ୍ୱରେ ଆମେରିକା, ଚାଇନା, ଜର୍ମାନୀ, ରୁଷିଆ ଏବଂ ଫ୍ରାନ୍ସ ପରେ ଷଷ୍ଠରେ ରହିଛି। ଏଥିମଧ୍ୟରୁ ମାର୍ଚ୍ଚରେ ତାଲାବନ୍ଦ ପରଠାରୁ ଶ୍ରେଷ୍ଠ ୧୦୦ ବିଲିୟନେୟାରଙ୍କ ସମ୍ପଦ ଯେତିକି ବୃଦ୍ଧିପାଇଛି ତାହାକୁ ବାଣ୍ଟିଲେ ୧୩.୮କୋଟି ଗରିବ ଭାରତୀୟ ଲୋକଙ୍କୁ, ପ୍ରତ୍ୟେକ ମୁଣ୍ଡପିଛା ୯୪,୦୪୫ଟଙ୍କାର ଚେକ୍ ଦିଆଯାଇପାରିବ

ପୁନଶ୍ଚ ଅର୍ଥନୀତିରେ ସୁଧାର କେବଳ ଜିଡିପି ବୃଦ୍ଧିକୁ ନେଇ ବିଚାର କରାଯାଏନାହିଁ, ଅନ୍ୟସବୁ ସୁଚକାଙ୍କ ବିଶେଷକରି ନିଯୁକ୍ତି ବୃଦ୍ଧି ବା ବେକାରି ହ୍ରାସ, ବୈଷମ୍ୟ ହ୍ରାସ ଦ୍ୱାରା ଜଣାଯାଇଥାଏ। ଡିସେମ୍ବର ୨୦୨୦ରେ ଭାରତର ବେକାରି ହାର ତୀବ୍ରଭାବେ ବୃଦ୍ଧିପାଇ ୯.୧%। ଉଲ୍ଲେଖଯୋଗ୍ୟ ଯେ ମହାମାରୀ ଯୋଗୁ ଏପ୍ରିଲରେ ପ୍ରାୟ ୧୨କୋଟି ଚାକିରି ହରାଇଥିଲେ। ଅନ୍‌ଲକ୍ ଅବଧିରେ ଏହି ସ୍ଥିତିରେ ଉନ୍ନତି ହୋଇଥିଲା। କିନ୍ତୁ ବେକାରି ଆହୁରି ବୃଦ୍ଧିପାଇଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି (CMIE) ଅନୁଯାୟୀ, ଡିସେମ୍ବର ୨୦୨୦ରେ ବେରୋଜଗାର ସଂଖ୍ୟା ୩୮ .୭ ମିଲିୟନକୁ ବୃଦ୍ଧିପାଇଛି। ୨୦୧୯-୨୦ରେ ବେରୋଜଗାରଙ୍କ ହାରାହାରି ସଂଖ୍ୟା ୩୩.୩ ମିଲିୟନ ଥିଲା। ମାର୍ଚ୍ଚ ୨୦୨୦ରେ ବର୍ଷର ସର୍ବାଧିକ ୩୭.୯ମିଲିୟନ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜାନୁୟାରୀ ୨୦୨୦ ତୁଳନାରେ ଜାନୁୟାରୀ ୨୦୨୧ରେ ନିଯୁକ୍ତିପ୍ରାପ୍ତସଂଖ୍ୟା ୯୮ଲକ୍ଷ କମ୍। କାମ ଖୋଜୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧିପାଇଛି।ବିଶ୍ୱବ୍ୟାଙ୍କର ରିପୋର୍ଟରେ ଦର୍ଶାଯାଇଛି ଯେ, ଯେଉଁ ଆର୍ଥିକ ସୁଧାର ହୋଇଛି ତାହା ଅସମାନ ଏବଂ ସଂଗଠିତ କ୍ଷେତ୍ରର ୩୦% କର୍ମଜୀବୀ ଆଜି ସଂଗଠିତ କ୍ଷେତ୍ରରେ ନାହାନ୍ତି ବରଂ ଅଣଆନୁଷ୍ଠାନିକ କର୍ମଜୀବୀ ହୋଇଛନ୍ତି। ଆର୍ଥିକ ସୁଧାର ତ ଦୂରର କଥା ରାଜସ୍ୱ ଆଦାୟ ନ ହୋଇପାରିବାରୁ ନିଅଣ୍ଟ, ଋଣବୋଝ କ୍ଷମତାର ବାହାରକୁ ଚାଲିଗଲାଣି । ୨୦୨୧ -୨୨ ମସିହାରେ ସରକାର ୧୫୪୫୩୯୬କୋଟି ଟଙ୍କାର ରାଜସ୍ୱ ଆଦାୟ କରିବାର ଲକ୍ଷ୍ୟ ରଖିଥିଲାବେଳେ, ସୁଧଦେୟ ପାଇଁ ୮, ୦୯, ୭୦୨କୋଟି ଟଙ୍କା ଖର୍ଚ୍ଚକରିବେ ବୋଲି ଆଶା କରାଯାଉଛି। ଏହା ସରକାରଙ୍କ ଆନୁମାନିକ ଖର୍ଚ୍ଚର ୨୩%।

ନଭେମ୍ବରରେ ଉଭୟ ରପ୍ତାନି ୯% ଏବଂ ଆମଦାନୀ ୧୩.୩୩% ହ୍ରାସ ପାଇଛି। ମୋଟାମୋଟି ବାଣିଜ୍ୟ ମଧ୍ୟ ହ୍ରାସପାଇବା ଅର୍ଥନୀତିରେ ସଙ୍କଟ ଲାଗିରହିଛି। ତାଲାବନ୍ଦ ଉଠିଯିବା ପରେ ଅର୍ଥନୀତିରେ ପୁନରୁଦ୍ଧାର ହେଉଛି ବ୍ୟାଙ୍କମାନଙ୍କର ଅଚଳ ସମ୍ପତ୍ତି ବୃଦ୍ଧିପାଉଛି। ବ୍ୟାଙ୍କର ଋଣପ୍ରଦାନ ବୃଦ୍ଧିପାଇନାହିଁ ଏହା ୨୦୧୯-୨୦ରେ ୬.୧% ଥିଲାବେଳେ ୨୦୨୦-୨୧ରେ ୩.୯ରୁ ୫.୨% ପର୍ଯ୍ୟନ୍ତ ହେବ ବୋଲି କୁହାଯାଉଛି। ବ୍ୟାଙ୍କମାନେ ଋଣ ନ ଦେଇପାରି ଏବେବି ଦିନକୁ ୬ଲକ୍ଷ କୋଟି ଟଙ୍କା ରିଜର୍ଭ ବ୍ୟାଙ୍କରେ ରିଭର୍ସ ରେପୋରେଟ୍ ରଖୁଛନ୍ତି। ସେମାନେ କ'ଣ ସ୍ୱତଃପ୍ରବୃତ୍ତ ହୋଇ ଅଧିକ ଟିକସ ଦେବା ଉଚିତ ନୁହେଁ। ଯଦି ସରକାର ତାଙ୍କଠାରୁ ଆଦାୟ ନ କଲେ ତେବେ ରାଷ୍ଟ୍ରର ମାନବୀୟ ଚରିତ୍ର କ'ଣ ଉଲ୍ଲଂଘନ ହେଉନି।

ମୋ: ୯୪୩୭୨୦୮୭୬୨

# ଭେଜାଲ ସାମଗ୍ରୀ ଓ ନକଲି ମାନସିକତା



ଡ. ଅଜୟ କୁମାର ନନ୍ଦ

ବିଭିନ୍ନ ଉପାୟରେ ନାଁ କମାଇବା ସହିତ ଯେନତେନ ପ୍ରକାରରେ ସମ୍ପତ୍ତି ହାତେଇବାର କଳାକୌଶଳ ଆମଦାନୀ କରିବାରେ ପ୍ରାୟ କିଛି ଲୋକ ବ୍ୟସ୍ତ ବିବ୍ରତ। ମୋଟା ଅଙ୍କର ରୋଜଗାର କରିବାର ତରିକା ଏବେ ସମସ୍ତଙ୍କ ମୁଣ୍ଡରେ ବସା ବାନ୍ଧିଛି। ଏଥିପାଇଁ ସମୟର ଘୋର ଅଭାବ ପରିଲକ୍ଷିତ ହେଉଛି ଘରଠାରୁ ବାହାର ପର୍ଯ୍ୟନ୍ତ। ଏମିତିକି ନିଜ ମା'ବାପାଙ୍କ ପାଇଁ ସମୟଟିକେ ଦେଇପାରୁନି ତା'ର ପୁଅ। ଆଗେ ମନୁଷ୍ୟ ଦେଖୁଥିଲା ସଚଳ ଚରାଚର ଦୁନିଆ ଓ ପରସ୍ପର ଭିତରେ ଥିଲା କେବଳ ନିଃସ୍ୱାର୍ଥପର ଭଲପାଇବା। ମିଳୁଥିଲା ଶାନ୍ତି, ମୈତ୍ରୀ, ପ୍ରେମ ଭଳି ଐଶ୍ୱରିକ ଆନନ୍ଦ ଓ ଲଭୁଥିଲା ସୃଷ୍ଟିର ଶୁଦ୍ଧ, ମୁକ୍ତ, ନିର୍ମଳ ପାଣିପବନ । ଅନାୟାସରେ ଭୋଗ କରୁଥିଲା ପ୍ରକୃତିର ଗନ୍ତାଘରର ଅସଲ ସମ୍ପଦ। ବର୍ତ୍ତମାନର ବସ୍ତୁବାଦୀ ମନୁଷ୍ୟ କିନ୍ତୁ ଅସଲି ବ୍ୟତିରେକ ଖୋଜୁଛି ନକଲି। ଯାହା କବଳରେ ଛନ୍ଦିହୋଇ ମଣିଷ କରିଚାଲିଛି ରାସାୟନିକ ତାଣ୍ଡବ। ନକଲି, ଭେଜାଲ, ଅପମିଶ୍ରଣ ଆଦି ନକାରାତ୍ମକ ଉଦ୍ଦେଶ୍ୟକୁ ନେଇ ରଚନା କରୁଛି 'ମୃତ୍ୟୁ ବିଭୀଷିକା' ନାଟକ ମନୁଷ୍ୟ ଜାତି ପାଇଁ। ନାଟକଟି କେବେହେଲେ ରୁଦ୍ଧିମନ୍ତ ହେବ ନାହିଁ ଚିରକାଳକୁ। କାହିଁକିନା ନାଟକର ନାୟକ ଓ ଖଳନାୟକ ଜଣେ ମଣିଷ ଓ ତା'ର କ୍ରୁର ଭାବନା। ଅର୍ଥାତ୍ ଯିଏ ନକଲି ଜିନିଷ ଉଦ୍ଭାବନ କରୁଛି ସିଏ ମଧ୍ୟ ଭକ୍ଷଣ କରୁଛି। ବର୍ତ୍ତମାନ ଅସାଧୁ ରୋଜଗାରର ଉତ୍କୃଷ୍ଟ ଉପାୟଟି ହେଉଛି ନକଲି, ଭେଜାଲ ବା ଅପମିଶ୍ରଣ ପଦ୍ଧତି।

କମ୍ ଖର୍ଚ୍ଚରେ ନିକୃଷ୍ଟ ଧରଣର ଉତ୍ପାଦରେ ଅସଲି ବ୍ରାଣ୍ଡ୍‌ର ଲେଭଲ୍ ଲଗାଇ ଉପଭୋକ୍ତାଙ୍କଠାରୁ ଭଲ ଦି' ପଇସା ରୋଜଗାର କରିବା ମୋହରେ ସମସ୍ତେ ଅନ୍ଧ। 'ଆପେ ବଞ୍ଚିଲେ ବାପର ନାଁ'ର ପଥରେ ସମସ୍ତେ ପଥିକ। ବର୍ତ୍ତମାନ ଜବତ ହୋଇଥିବା ଅନେକ ନକଲି କାରଖାନା ଖୋଦ୍ ସରକାରଙ୍କ ନାକ ତଳେ ଥିବା ସହରରୁ। ତାହା ପୁଣି କଟକ, ବ୍ରହ୍ମପୁର ଓ ରାଜଧାନୀ ଭୁବନେଶ୍ୱର ତଳି ଅଞ୍ଚଳରୁ। ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ଘିଅ, ତେଲ, ମସଲା, ସୋୟାବଡ଼ି, ପାନ-ମସଲା, ଆଚାର, ସିମେଣ୍ଟ ଇତ୍ୟାଦି ସବୁଥିରେ ଅପମିଶ୍ରଣ। ଅପମିଶ୍ରଣ ପଦାର୍ଥ ଭିତରେ ପୋଡ଼ା ମୋବିଲ, ବିଭିନ୍ନ ପ୍ରକାର ରଙ୍ଗ, ଇଟାଗୁଣ୍ଡ, ନାମୀ କମ୍ପାନୀର ଖୋଳ ଇତ୍ୟାଦି ଜବତ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ସକାଳର ପ୍ରଥମ ଦିନଚର୍ଯ୍ୟାରେ ଆମେ ଭକ୍ଷଣ କରୁ ବିଷ। ତାହା ଆରମ୍ଭ ହୁଏ ଦାନ୍ତଘଷା ପାଉଡର ବା ପେଷ୍ଟରୁ। ଦାନ୍ତଘଷା ପାଉଡରରେ ଇଟାଗୁଣ୍ଡ ସାଙ୍ଗକୁ ବିଷାକ୍ତ ରାସାୟନିକ ଦ୍ରବ୍ୟ, ଯାହା ରକ୍ତରେ ମିଶି ଅନେକ ରୋଗର କାରଣ ହୁଏ। ଆମ ରାଜ୍ୟର ଲୋକଙ୍କ ରୁଚି ଓ ଚାହିଦାକୁ ଆଖି ଆଗରେ ରଖି ଗାଈ ବା ମଇଁଷି କ୍ଷୀରରେ ପ୍ରସ୍ତୁତ ହେଉଥିବା ଶୁଦ୍ଧ ପନିର ବଦଳରେ କିଛି ଅସାଧୁ ବ୍ୟବସାୟୀ ଯୋଗାଉଛନ୍ତି ସିନ୍ଥେଟିକ ପନିର। ବର୍ଷବର୍ଷ ଧରି ଚାଲିଛି ବେଧଡ଼କ ନକଲି ବେପାର। ବର୍ତ୍ତମାନ ସରକାରଙ୍କ ଧରପଗଡ଼ରେ ବିଭିନ୍ନ ଅପମିଶ୍ରଣ କାରଖାନାରୁ ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ପୋଡ଼ା ମୋବିଲ, ପଚା କଖାରୁ, ପୋକ ସାଲୁବାଲୁ ପଚା ଟମାଟୋ, ବିଭିନ୍ନ ପ୍ରକାରର ରଙ୍ଗ ଓ ରାସାୟନିକ ଦ୍ରବ୍ୟ ଅପମିଶ୍ରଣ ବ୍ୟବସ୍ଥାକୁ ଅଧିକ ତାଜା କରିଛି। ଡେରିରେ ହେଲେ ମଧ୍ୟ ସରକାରଙ୍କ ନିଦ ଭାଙ୍ଗିବା ଅନେକଙ୍କୁ ଆଶ୍ୱସ୍ତ କରିଛି। ବର୍ଷବର୍ଷ ଧରି ଲୋକେ ଏପରି ଜିନିଷ ଖାଇ କେତେ ଯେ ରୋଗକୁ ଆମନ୍ତ୍ରଣ କରିଥିବେ, ଏଥିରୁ ସ୍ପଷ୍ଟ ଅନୁମେୟ। ଉପଭୋକ୍ତା ବ୍ୟବହାର କରୁଥିବା ଜିନିଷର ୯୦% ସାମଗ୍ରୀ ନକଲି ବର୍ଗର। ମଣିଷ ଯଦି ମଣିଷର ଶତ୍ରୁ ହେବ, ତେବେ ପ୍ରଶ୍ନ ଉଠୁଛି ବଞ୍ଚିବା କମିତି ? କାହାକୁ ନେଇ ବଞ୍ଚିବା ? କାହା ସହିତ ବଞ୍ଚିବା ? ବର୍ଷବର୍ଷ ଧରି ନକଲି କାରଖାନାରେ ଅପମିଶ୍ରଣ ସାମଗ୍ରୀ ତିଆରି ହୋଇ ଦାମିକା କମ୍ପାନୀ ଖୋଳରେ ବଜାରରେ ବିକ୍ରି ହେବା କ'ଣ ସରକାରଙ୍କ ଅଗୋଚରରେ ସମ୍ପାଦନ ହେଉଛି ? ଯଦି ହଁ , ତେବେ ଶାସନ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଢେର ଅସନ୍ତୋଷ ରହିବ। ସରକାରୀ କଳର ପାରଦର୍ଶିତାକୁ ଚ୍ୟାଲେଞ୍ଜ କରିବା ସହିତ ଆଇନ କାନୁନର ଗଳା ବାଟ ଦେଇ ଅସାଧୁ ଗୋଷ୍ଠୀ ସମାଜର ଅଶେଷ କ୍ଷତି ସାଧନ କରୁଛନ୍ତି। ଏମାନେ ବାସ୍ତବରେ ଦେଶଦ୍ରୋହୀ।

ଘିଅ, ମହୁ, ହଳଦୀ, ଡାଲି, ପନିପରିବାରେ ଭରିରହିଛି ବିଷ। ଆମେ ତାକୁ ଖାଇ କ'ଣ ଦୀର୍ଘାୟୁ ହେବା ? ଶରୀରରେ ନାନା ରୋଗ ବ୍ୟାଧି ନେଇ ମୃତ୍ୟୁକୁ ଆମନ୍ତ୍ରଣ କରିବା ସାର ହେବ। ପରସ୍ପରକୁ ଦୋଷାରୋପ କଲେ ଚଳିବନାହିଁ। ଅସାଧୁ କାରବାରକୁ ଭଣ୍ଡୁର କରିବା ପାଇଁ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଏକାନ୍ତ କାମ୍ୟ। ପ୍ରଥମରେ ତ୍ରୈମାସିକ ଭିତ୍ତିରେ ନିଜନିଜ ପଞ୍ଚାୟତରେ ଥିବା କଳ କାରଖାନା ବା କୁଟୀରଶିଳ୍ପର ବିସ୍ତୃତ ତଥ୍ୟ ସରପଞ୍ଚଙ୍କ ସହଯୋଗରେ ସାର୍ବଜନୀନ କରାଯାଉ। ଦ୍ୱିତୀୟରେ ଯୁବବର୍ଗମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ସେମାନଙ୍କୁ କୃଷି, ମତ୍ସ୍ୟ, ପଶୁପାଳନ ସହିତ ଅନ୍ୟାନ୍ୟ ରୋଜଗାର ଭିତ୍ତିକ ବୃତ୍ତିରେ ପ୍ରୋତ୍ସାହନ କରିବା ସହିତ ସେମାନଙ୍କ କାର୍ଯ୍ୟଦକ୍ଷତା ତର୍ଜମା କରି ଅଧିକ ଉତ୍ସାହିତ କରାଯାଉ। ତୃତୀୟରେ ବଜାରରେ ମିଳୁଥିବା ରାସାୟନିକ ଦ୍ରବ୍ୟର କିଣାବିକା ଉପରେ ଉପଯୁକ୍ତ ତଥ୍ୟ ସଂଗ୍ରହ କରି ଅଧିକ ବିକ୍ରି ହେଉଥିବା ରାସାୟନିକ ଦ୍ରବ୍ୟ ବ୍ୟବହାର ଉପରେ ତର୍ଜମା କରାଯାଉ। ଚତୁର୍ଥରେ ଯୁବବର୍ଗଙ୍କୁ ନିଜନିଜ ଅଞ୍ଚଳରେ ହେଉଥିବା ଚୋରା କାରବାର ବା ଅପମିଶ୍ରଣ କାରବାର ଧରାଇବାକୁ ସରକାରୀ ସହାୟତା ବା ପୁରସ୍କାର ବ୍ୟବସ୍ଥା କରାଯିବା ଦରକାର। ପଞ୍ଚମରେ ଆଇନକୁ କଡ଼ାକଡ଼ି ପାଳନ କରିବା ସହିତ ଅପମିଶ୍ରଣକାରୀଙ୍କୁ କଠୋର ଦଣ୍ଡବିଧାନ କରାଯାଉ। ଫଳରେ ଅସାଧୁ ଗୋଷ୍ଠୀଙ୍କ ମୂଳୋତ୍ପାଟନ କରିବାରେ ଏହା ସହାୟକ ହେବା ସହିତ ସମସ୍ତେ ସୁସ୍ଥ ଓ ନିରାମୟ ଜୀବନଯାପନ କରିପାରିବେ।

ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ
ajayakumarnanda@gmail.com

## ଏଇ ଭାରତରେ

ମାତ୍ର ୧ ଟଙ୍କା ନେଇ ପିଲାମାନଙ୍କୁ ପଢ଼ାଉଛନ୍ତି ବିହାରର ଶିକ୍ଷକ ଲୋକେଶ ଶରନ। ସେତିକି ନୁହେଁ ସେ ବାହାରକୁ ଗଲାବେଳେ ସାଙ୍ଗରେ ଚକ୍, ଡଷ୍ଟର ଏବଂ କଲମ ନେଉଛନ୍ତି ଓ ଯେଉଁଠି ପିଲାମାନଙ୍କୁ ପଢୁଥିବାର ଦେଖନ୍ତି ସେଠାରେ ସେ ସେମାନଙ୍କୁ ପଢାରେ ସାହାଯ୍ୟ କରୁଛନ୍ତି। ଲୋକେଶଙ୍କ ଗାଁରେ ତାଙ୍କ ବାପାଙ୍କ ଦ୍ୱାରା ସ୍ଥାପିତ ବାଲ୍ ସୈନିକ ବିଦ୍ୟାଳୟରେ ସେ ପଢାଉଥିଲେ। ୧୯୮୮ରେ ସେ ବିଏଡ୍ ଡିଗ୍ରୀ ହାସଲ କରିଥିଲେ। କିନ୍ତୁ ୨୦୧୩ରେ ଏହି ସ୍କୁଲ ବନ୍ଦ ହୋଇଯିବା ପରେ ପିଲାମାନେ ପାଖ ଗାଁକୁ ପଢିବାକୁ ଗଲେ। ସେବେଠାରୁ ସେ ତାଙ୍କ ଘର ବାରଣ୍ଡାରେ ଏଭଳି ଉପାୟରେ ୪୦ ଜଣ ପିଲାଙ୍କୁ ପଢ଼ାଇବାରେ ଲାଗିଛନ୍ତି। ପ୍ରତିଦିନ ସ୍କୁଲ ପୂର୍ବରୁ ଓ ପରେ ହିଁ ପିଲାମାନଙ୍କୁ ପଢ଼ାନ୍ତି। ଲୋକେଶଙ୍କ ବୟସ ୬୧। ପିଲାମାନଙ୍କୁ ପଢାଇବା ସହ ସେହି ଅଞ୍ଚଳର କେଉଁ ସ୍କୁଲରେ କ'ଣ ଅସୁବିଧା ରହିଛି ସେ ସମ୍ପର୍କରେ ଅନୁଧ୍ୟାନ କରି ସ୍ଥାନୀୟ ପ୍ରଶାସନକୁ ଅବଗତ କରୁଛନ୍ତି। ସେ ୧୯୯୧ରୁ ୨୦୧୩ ଯାଏ ଦିନରେ ପିଲାମାନଙ୍କୁ ପଢାଇ ରାତିରେ ଏକ ଖବରକାଗଜରେ ମଧ୍ୟ ସାମ୍ବାଦିକତା କରୁଥିଲେ। କିନ୍ତୁ ଏବେ ସାମ୍ବାଦିକତା ଛାଡି ସବୁ ସମୟ ପିଲାମାନଙ୍କ ପାଇଁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୬

- ଫିଲିପାଇନ୍ସର ନେପ୍ରୋସ ଦ୍ୱୀପ ନିକଟରେ ଯାତ୍ରୀବାହୀ ଜାହଜ ବୁଡ଼ିଯିବା ଫଳରେ ୪୮ ଜଣଙ୍କ ପ୍ରାଣହାନୀ।
- କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ କମଳନାଥ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଛନ୍ତି।
- ରାଜସ୍ଥାନ ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟ ସଂଘ କାର୍ଯ୍ୟାଳୟରେ ସହଜ ପ୍ରସୂତି ପାଇଁ ଦେଶର ପ୍ରଥମ ସୂଚନା କେନ୍ଦ୍ରର କାର୍ଯ୍ୟାରମ୍ଭ।

## ସୁଡୋକୁ

su | do | ku — Puzzles by Srikant Ghosh — ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | | | 5 | | | | | | | | | | D |
| | | 3 | | | 8 | 7 | 1 | | 5 | | E | | B | |
| 5 | | | E | | C | | 9 | 3 | D | | | | | |
| 0 | 3 | E | 9 | | | | | | | | | | A | |
| | 1 | | B | | | E | | | | | | | | |
| | | | | | | | 7 | 4 | 2 | | | | | |
| | 5 | | C | 8 | | | 0 | 4 | | | | | 3 | A |
| 6 | C | | | | D | | A | | | | | | 9 | |
| | | | A | 1 | E | | 5 | | | | | D | | 2 |
| 4 | | | D | 7 | | 9 | 3 | 1 | A | | | B | 8 | |
| | | | | 8 | | | B | | 3 | | | 6 | | |
| | | | | 0 | | B | C | 7 | | 1 | 9 | | | |
| 9 | 0 | | | 1 | | | 6 | | | | 8 | 4 | 5 | 7 |
| | | 4 | | A | | | | | | | | | | |
| | 2 | 8 | 3 | | | | | | | 4 | C | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 9 | 6 | 2 | D | C | A | 8 | 4 | 7 | B | 5 | 3 | 0 |
| A | 5 | B | E | 8 | C | 7 | 1 | 3 | 9 | 0 | D | 2 | 6 | 4 |
| 0 | 7 | 8 | 5 | 4 | A | 2 | B | D | C | 3 | 6 | 1 | 9 | E |
| 6 | 2 | D | 1 | 3 | 9 | 0 | 4 | E | 5 | 8 | A | B | C | 7 |
| 3 | 4 | C | 7 | 9 | 0 | E | 6 | 5 | 2 | 1 | 8 | A | B | D |
| 2 | C | 5 | A | 4 | 8 | 1 | D | E | 6 | B | 3 | 0 | 7 | 9 |
| 8 | 9 | 6 | 3 | D | E | B | 5 | 0 | A | C | 7 | 4 | 2 | 1 |
| B | E | 4 | 2 | 0 | 7 | 8 | 3 | C | D | 1 | 9 | A | 5 | 6 |
| 7 | D | 0 | B | 5 | 1 | 6 | 9 | A | E | 4 | 2 | C | 8 | 3 |
| 1 | A | 3 | C | 6 | 9 | 4 | 2 | 7 | 0 | D | E | 5 | B | 8 |
| 9 | 8 | 1 | D | B | 5 | E | C | 2 | 7 | 6 | 4 | 3 | 0 | A |
| 5 | 3 | E | 4 | C | A | D | 7 | 1 | 2 | 9 | 0 | 6 | B | 8 |
| 4 | 0 | A | 7 | 9 | 2 | 3 | 6 | B | 1 | 5 | 8 | E | D | C |
| D | 6 | 2 | 0 | E | 3 | 5 | 8 | 9 | B | A | C | 7 | 4 | 1 |
| C | B | 7 | 8 | 1 | 6 | A | 0 | 4 | 3 | D | 2 | E | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବରୁଣେଇ ପୀଠ ପ୍ରତି ଅବହେଳା

ମହାଶୟ,

ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ ଇତିହାସର ମୂକସାକ୍ଷୀ । ପାଇକମାନଙ୍କୁ ଯୁଦ୍ଧରେ ସାହାଯ୍ୟ କରିଥିବା ମା' ବରୁଣେଇ ପୀଠଟି ଆଜି ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ରାଜ୍ୟରୁ ଏବଂ ରାଜ୍ୟ ବାହାର ଅନେକ ପର୍ଯ୍ୟଟକ ବଣଭୋଜି ପାଇଁ ଏବଂ ଏହାର ପ୍ରାକୃତିକ ମନୋରମ ଦୃଶ୍ୟ ଉପଭୋଗ କରିବାକୁ ଆସିଥାନ୍ତି। ବୀର ପାଇକମାନଙ୍କ ସ୍ମୃତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ୍ୟ ତାଳି ପକା କାମ ହେଉଛି। ବରୁଣେଇ ପାହାଡ଼ ଏବଂ ତା'ର ଚତୁଃପାର୍ଶ୍ୱ ସଂରକ୍ଷିତ ଜଙ୍ଗଲ ଜମିକୁ କେତେକ ଅସାମାଜିକ ଲୋକ ଲିଜ୍ ସୂତ୍ରରେ ମାଡ଼ି ବସିଛନ୍ତି। କାଠ ମାଫିଆମାନେ ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ କାଠ କାଟି ନେଉଛନ୍ତି। ବରୁଣେଇ ପୀଠକୁ ଆସୁଥିବା ପର୍ଯ୍ୟଟକମାନେ ଭୋଜିଭାତ କରି ଆବର୍ଜନା ଏଣେତେଣେ ପକାଉଥିଲେ ମଧ୍ୟ ଖୋର୍ଦ୍ଧା ମ୍ୟୁନିସିପାଲିଟି ତରଫରୁ ଡଷ୍ଟବିନ୍‌ଟିଏ ନାହିଁ। ଦୁଃଖର କଥା ରାଜ୍ୟର ୧ନଂ. ଜିଲ୍ଲା ପର୍ଯ୍ୟଟନ ସ୍ଥଳିର ଅବସ୍ଥା ଯଦି ଏଭଳି, ତେବେ ଉପାନ୍ତ ଅଞ୍ଚଳ କଳାହାଣ୍ଡି, କୋରାପୁଟ ଓ ଫୁଲବାଣୀର କଥା କ'ଣ କହିବା। ପର୍ଯ୍ୟଟନ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ।

-ବାପି ବଳିୟାରସିଂହ, କୁଦିଆରି, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଣ୍ଢୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି-ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ !
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଗାଁରେ ବୁଲିଲା ଦନ୍ତା

ବାରଙ୍ଗ,୧୯।୨(ଡି.ଏନ୍.ଏ.)– ବାରଙ୍ଗସ୍ଥିତ ବିଦ୍ୟାଧରପୁର ଗାଁ ମଝିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ବୁଲୁଛି। ଯାହାକୁ ନେଇ ଗ୍ରାମବାସୀ ଭୟରେ ରହିଛନ୍ତି। ପ୍ରଥମେ ହାତୀଟି ନୂଆସାହିରେ ପଶିଥିଲା। ଜଣେ ଯୁବକ ଏହି ସମୟରେ ଘରୁ ରାସ୍ତାକୁ ଆସିଥିବାବେଳେ ହଠାତ ଦନ୍ତାକୁ ଦେଖି ଭୟ କରିବା ସହ କୌଶଳକ୍ରମେ ଘରକୁ ପଳାଇଯାଇ ନିଜ ଜୀବନକୁ ବଞ୍ଚାଇପାରିଥିଲା। ଏହାପରେ ଗ୍ରାମର ସାଙ୍ଗମାନଙ୍କୁ ଫୋନ୍‌କରି ଘଟଣା ବିଷୟରେ କହିବାପରେ ସମସ୍ତେ ଏକାଠି ହୋଇ ଦନ୍ତାଟିକୁ ଘଉଡ଼ାଇବାକୁ ଆରମ୍ଭ କରିଥିଲେ। ହୋହଲ୍ଲା କରି ଦନ୍ତାଟିକୁ ଘଉଡ଼ାଇବାରେ ସଫଳ ହୋଇଥିଲେ। ଆଉ କେତେଜଣ ଦନ୍ତାର ଗତିବିଧିକୁ ନିଜ ମୋବାଇଲରେ କଏଦ କରିଥିଲେ। ଗ୍ରାମରୁ ଦନ୍ତା ଯାଇଥିଲେ ମଧ ଗ୍ରାମବାସୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବରପାଇ ଶୁକ୍ରବାର ଦ୍ୱିପ୍ରହରରେ ବନ ବିଭାଗର କର୍ମଚାରୀମାନେ ବିଦ୍ୟାଧରପୁର ଗ୍ରାମକୁ ଆସି ଲୋକଙ୍କଠାରୁ ଦନ୍ତା ବିଷୟରେ ବୁଝିଯାଇଥିଲେ।

### ବାପାଙ୍କୁ ହାଣିଲେ ପୁଅ, ୪ ଅଟକ

ବାରଙ୍ଗ,୧୯।୨(ଡି.ଏନ୍.ଏ.)- ନନ୍ଦନକାନନ ଥାନା ଅର୍ନ୍ତଗତ ଝିଙ୍କରଡିହି ଗ୍ରାମରେ ଶୁକ୍ରବାର ପାରିବାରିକ କଳହକୁ ନେଇ ଜଣେ ପୁଅ ବାପାକୁ ପନିକିରେ ହାଣି ଲହୁଲୁହାଣ କରିଦେଇଛି। ଏହି ଘଟଣା ଦେଖି ଗ୍ରାମବାସୀ ବାପାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇବା ସହ ଘଟଣାରେ ସମ୍ପୃକ୍ତ ପୁଅ ଓ ତାର ସ୍ତ୍ରୀ ସହ ଶାଶୁ, ଶଳାଙ୍କୁ ଅଟକ ରଖି ପୋଲିସକୁ ଡାକି ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ଝିଙ୍କରଡିହିରେ ନିରଞ୍ଜନ ସାହୁ(୬୫) ଓ ତାଙ୍କ ସ୍ତ୍ରୀ ୨ ପୁଅ ସହ ରହୁଥିଲେ। ହେଲେ ବଡ଼ପୁଅ ବାହାଘର ପରେ ଭୁବନେଶ୍ୱରରେ ଶ୍ୱଶୁରଘରକୁ ପଳାଇଥିଲେ। ଏପରିକି ମାଙ୍କ ଶରୀର ଅସୁସ୍ଥ ହେବାପରେ ଚିକିତ୍ସାପାଇଁ ହସ୍ପିଟାଲ ଥିବାବେଳେ ଆବଶ୍ୟକ ପଡୁଥିବା ଅର୍ଥ ଦେବାକୁ ମଧ ବଡପୁଅ ମନା କରିଦେଇଥିଲେ। ଏହାକୁ ନେଇ ବାପା ପୁଅ ମଧରେ ମନାନ୍ତର ଲାଗି ରହିଥିଲା। ଶୁକ୍ରବାର ବଡ଼ପୁଅ ବାପୁନା ତା'ର ସ୍ତ୍ରୀ, ଶଳା, ଶାଶୁଙ୍କୁ ସାଥିରେ ଧରି ନିଜ ଘରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ବାପା ପୁଅ ମଧରେ ଯୁକ୍ତିତର୍କ ସହ ମାରଧର ଆରମ୍ଭ ହୋଇଯାଇଥିଲା। ଏହାପରେ ବାପୁନା ସହ ମିଶି ଶ୍ୱଶୁରଘର ଲୋକ ନିରଞ୍ଜନକୁ ଠେଙ୍ଗା ଓ ପନିକିରେ ଆକ୍ରମଣ କରିଥିଲେ। ଗ୍ରାମବାସୀ ଏହାଦେଖି ଉତ୍ତ୍ୟକ୍ତ ହୋଇ ବାପୁନା ସହ ତାର ସ୍ତ୍ରୀ, ଶାଶୁ ଓ ସଳାକୁ ଆଣି ଗ୍ରାମ କୋଠଘରେ ତାଲା ପକାଇ ରଖିବା ସହ ନନ୍ଦନକାନନ ଥାନାକୁ ଜଣାଇଥିଲେ। ଅନ୍ୟପଟେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ନିରଞ୍ଜନକୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ। ପରେ ପୋଲିସ ଆସି କୋଠଘରୁ ୪ଜଣଙ୍କୁ ନେଇ ଥାନାରେ ଅଟକ ରଖିଥିବାବେଳେ ଏକ ରକ୍ତ ଲଗା ଠେଙ୍ଗା ଓ ପନିକିକୁ ଜବତ କରିଛି। ଏ ନେଇ ଶାଶୁଙ୍କ କହିବା କଥା ମୁଁ ଓ ପୁଅ ମିଶି ଶୁକ୍ରବାର ଜ୍ୱାଇଁଙ୍କ ଘରକୁ ବୁଲିବାକୁ ଆସିଥିବାବେଳେ ବାପାପୁଅଙ୍କ ମଧରେ ଅଚାନକ ଗଣ୍ଡଗୋଳ ଘଟିଥିଲା। ରିପୋର୍ଟ ଲେଖା ମଧରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

# ନିଶା ଦେଇ ଯୁବକଙ୍କୁ ଅପହରଣ ଉଦ୍ୟମ


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

- ଅବସ୍ଥା ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି
- ପୋଲିସର ଅସହଯୋଗ ଅଭିଯୋଗ
- ଉତ୍ତେଜନା, ରାସ୍ତା ଅବରୋଧ କରି ପ୍ରତିବାଦ

ହିନ୍ଦୋଳ, ୧୯।୨(ଡି .ଏନ .ଏ.)

ନିଶା ଦେଇ ଜଣେ ଯୁବକଙ୍କୁ ଅପହରଣ ଉଦ୍ୟମକୁ ନେଇ ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିରେ ଶୁକ୍ରବାର ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଏଭଳି ଏକ ଘଟଣାରେ ପୋଲିସ ଅସହଯୋଗ କରି ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଅଞ୍ଚଳବାସୀ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏନ୍‌ଏସି ଅନ୍ତର୍ଗତ ବନମାଳୀପୁରର କାହ୍ନା ବେହେରା (୧୯) ରାତିରେ ଘର ପଛପଟକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ୩ଜଣ ଯୁବକ ତାଙ୍କୁ କୌଣସି ନିଶା ଦ୍ରବ୍ୟ ଶୁଙ୍ଘାଇ ବେହୋସ କରି ଦେଇଥିଲେ। ଅପହରଣ କରିବାକୁ ଉଦ୍ୟମ କରୁଥିବାବେଳେ ନିକଟରେ ଭୋଜି କରୁଥିବା କେତେଜଣ ଯୁବକ ପହଞ୍ଚି ଯାଇଥିଲେ। ଫଳରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ। ଗୁରୁତର ଅବସ୍ଥାରେ କାହ୍ନାଙ୍କୁ ପ୍ରଥମେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ହିନ୍ଦୋଳ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ପୋଲିସ ଅସହଯୋଗ କରିଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବନମାଳୀପୁରଠାରେ ରାତିରୁ ରାସ୍ତା ଅବରୋଧ କରି ବସିଥିଲେ। ଫଳରେ ହିନ୍ଦୋଳ-ଗୁଡିଆକାଟେଣୀ ମୁଖ୍ୟରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଅପହରଣ ଉଦ୍ୟମରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଥାନାରେ ଅସଦ୍‌ବ୍ୟବହାର କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଅତିରିକ୍ତ ଜିଲାପାଳ ଗଜନନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦିନ ୯ଟାରେ ରାସ୍ତା ଅବରୋଧ ହଟିଥିଲା।

## ପିଲାଚୋରି ଗୁଜବରୁ ବଢୁଛି ଆଇନ ଶୃଙ୍ଖଳା

କାମାକ୍ଷାନଗର, ୧୯।୨ (ଡି.ଏନ.ଏ.)

ଢେଙ୍କାନାଳ ଜିଲାରେ କିଛିଦିନ ହେଲା ପିଲା ଚୋରି ଗୁଜବ ନେଇ ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ସୋସିଆଲ ମିଡିଆରେ ପ୍ରଚାରିତ ମିଥ୍ୟା ଖବରକୁ ନେଇ ଗ୍ରାମାଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେଉଛି। ଅପରିଚିତ ବ୍ୟକ୍ତିଙ୍କୁ ପିଲାଚୋର ସନ୍ଦେହରେ ଅଟକ ରଖି ନିର୍ଯାତନା ଦିଆଯାଉଛି। କଙ୍କଡ଼ାହାଡ଼ ଥାନା ବାଘୁଆ ଗ୍ରାମରେ ଶୁକ୍ରବାର ଅନୁରୂପ ଘଟଣା ଘଟିଛି। ପିଲାଚୋର ସନ୍ଦେହରେ ଗ୍ରାମବାସୀ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଅଟକ ରଖିଥିବାବେଳେ ପୋଲିସ ଉଦ୍ଧାର କରିଥିଲା। ତାଙ୍କ ଘର ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ପରିବାର ଲୋକଙ୍କ ଜିମା ଦିଆଯାଇଛି। ଅପରପକ୍ଷେ କାମାକ୍ଷାନଗର ଥାନା ବାଇସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବୁଲୁଥିବା ଜଣେ ନାବାଳକଙ୍କୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ନାବାଳକଙ୍କ ଘର କଙ୍କଡ଼ାହାଡ଼ ବ୍ଲକ ସୁଆଗିନାଳିରେ। ତାଙ୍କୁ କେହି ଅପହରଣ କରି ବାଇସିଙ୍ଗା ଗ୍ରାମ ପାଖରେ ଛାଡ଼ି ଦେଇଥିବା କହିବା ପରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପଞ୍ଚାୟତ କାର୍ଯ୍ୟାଳୟରେ ରଖିଥିଲେ। ତାଙ୍କୁ ଗ୍ରାମର କେତେଜଣ ବ୍ୟକ୍ତି ଘରେ ଛାଡ଼ି ଆସିଛନ୍ତି। ପରିବାର ଲୋକଙ୍କ କହିବା କଥା, ନାବାଳକ ଜଣ ଗୁରୁବାରଠାରୁ କେଉଁ ଆଡ଼େ ପଳାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ତେବେ ପିଲାକୁ କିଏ ଅପହରଣ କରିଥିଲେ କି ସେ ନିଜେ ଚାଲିଆସିଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ପୂର୍ବତନ ସରପଞ୍ଚ ବିଭୁପ୍ରସାଦ ସାହୁ କହିଛନ୍ତି। ଅନୁରୂପ ଭାବେ ୪ଦିନ ତଳେ କାମାକ୍ଷାନଗର ଥାନା ଏକତାଳି ଗ୍ରାମ ନିକଟରେ ବୁଲୁଥିବା କେତେଜଣ ଅପରିଚିତ ଲୋକଙ୍କୁ ଦେଖି ଅଞ୍ଚଳବାସୀ ଚୋର ବୋଲି ଭାବିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗୁଜବ ସୃଷ୍ଟି ହୋଇଥିଲା। ଏ ନେଇ କାମାକ୍ଷାନଗର ଥାନାଧିକାରୀ ଅଭିନବ ଡାଲୁଆ କୁହନ୍ତି, ପିଲାଚୋରି କଥା ଗୁଜବ। ଏଭଳି ମିଛ ଖବର ପ୍ରଚାରିତ ହେବା ପରେ ପିଲା ଏବଂ ଅଭିଭାବକମାନେ ଭୟଭୀତ ହେଉଛନ୍ତି। ଏଭଳି ଗୁଜବଠାରୁ ଦୂରେଇ ରହିବା ସହ ନିଜ ପିଲାଙ୍କ ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ କଲେ କଙ୍ଗନା

ପୁରୀ ଅଫିସ,୧୯।୨

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓତ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ସକାଳେ କଙ୍ଗନା ଭୁବନେଶ୍ୱରରୁ ଯାଇ ପୁରୀରେ ପହଞ୍ଚିଥିଲେ। ସିଂହଦ୍ୱାର ସମ୍ମୁଖରେ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରି ଶ୍ରୀମନ୍ଦିର ଭିତରକୁ ନେଇଯାଇଥିଲେ। କଙ୍ଗନା ମା' ଲକ୍ଷ୍ମୀ, ବିମଳା ଆଦି ଦେବଦେବୀଙ୍କ ସମେତ ଦାରୁଦିଅଁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ମଙ୍ଗଳ ଆଳତି ଦର୍ଶନ ସହ ବେଢ଼ା ପରିକ୍ରମା କରିଥିଲେ। ବଡଦେଉଳରୁ ଫେରିବା ପରେ କଙ୍ଗନା ଗଣମାଧ୍ୟମକୁ କହିଛନ୍ତି, ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ମୋର ଦୀର୍ଘଦିନରୁ ଇଚ୍ଛା ଥିଲା। ଚଳିତବର୍ଷ ଆରମ୍ଭରୁ ଏ ନେଇ ଯୋଜନା କରିଥିଲି। ଏବେ ଦର୍ଶନ କରି ବେଶ୍ ଖୁସି ଅନୁଭବ କରୁଛି।

ଶ୍ରୀକୃଷ୍ଣ ଅବତାର ଶ୍ରୀଜଗନ୍ନାଥ ପୁରୀରେ ଅଧିଷ୍ଠିତ। ତାଙ୍କ ଦର୍ଶନ କରିବା ସୌଭାଗ୍ୟର ବିଷୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର କଲ୍ୟାଣ କରନ୍ତୁ ଓ ସମସ୍ତଙ୍କୁ ଖୁସିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଛି। ଅନ୍ୟପକ୍ଷରେ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀଙ୍କ ପକ୍ଷରୁ କଙ୍ଗନାଙ୍କୁ ମହାପ୍ରଭୁଙ୍କ ସୁନାବେଶର ଫଟୋଚିତ୍ର, ମଇଳମ ପୁଷ୍ପ ଓ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ସେହିପରି ଶ୍ରୀମନ୍ଦିର ପ୍ରଶାସନ ସମେତ କେତେକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସୂଚନାଯୋଗ୍ୟ, ପୁରୀ ଗସ୍ତରେ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ ବୋଲି କଙ୍ଗନା ପୂର୍ବରୁ ଘୋଷଣା କରିଥିଲେ। ଫିଲ୍ମ ଫେୟାର ଓ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା କଙ୍ଗନା ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାରେ ବିବାଦୀୟ ବୟାନ ଦେଇ ଚର୍ଚ୍ଚାକୁ ଆସିଥିଲେ।


ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓତଙ୍କୁ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ ମହାପ୍ରଭୁଙ୍କ ଫଟୋଚିତ୍ର ପ୍ରଦାନ କରୁଛନ୍ତି।

## ମୃତ ଶ୍ରମିକଙ୍କ ଚକ୍ଷୁ ଦାନକଲେ ପରିବାର

ପୋଲସରା,୧୯।୨ (ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଖଣ୍ଡୁରୁ ପଞ୍ଚାୟତର ଜଣେ ଶ୍ରମିକଙ୍କ ଗୁଜରାଟରେ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ଚକ୍ଷୁ ଦାନ କରିଛନ୍ତି। ମୃତ ଶ୍ରମିକ ହେଲେ କଙ୍କୋରଡ଼ା ଗ୍ରାମର ମୋଚିରାମ ପ୍ରଧାନଙ୍କ ପୁଅ ରୋହିତ (୩୫)। ସେ ସୁରଟର ଲୋମ୍‌ସ କମ୍ପାନୀରେ କାମ କରିବା ସହ ସିଦ୍ଧାର୍ଥନଗର ଭେଷ୍ଟାନ ପଞ୍ଚମ ଗଳିରେ ତାଙ୍କ ଭଉଣୀଙ୍କ ଘରେ ରହୁଥିଲେ। ଫେବୃୟାରୀ ୧୬ରେ କମ୍ପାନୀକୁ ଯାଉଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଘଟଣାସ୍ଥଳରୁ ମୃତ ରୋହିତଙ୍କ ଭଣଜା ଚକରା ସାହୁ ସୁରଟର ପ୍ରବାସୀ ଓଡ଼ିଆ ସମାଜ ଟ୍ରଷ୍ଟ ଭେଷ୍ଟାନ ଅଞ୍ଚଳ ସଙ୍ଗଠକଙ୍କୁ ଜଣାଇଥିଲେ। ସଭାପତି ପ୍ରଦୀପ କୁମାର ସାହୁଙ୍କ ପରାମର୍ଶକ୍ରମେ ସଙ୍ଗଠକ ରୁନୁ ଓ ତ୍ରିଲୋଚନ ପହଞ୍ଚି ମୃତଦେହ ତାଙ୍କ ପରିବାର ନିକଟରେ ପହଞ୍ଚାଇଥିଲେ। ପ୍ରବାସୀ ଓଡ଼ିଆ ସମାଜ ଟ୍ରଷ୍ଟ ସଭାପତି ସାହୁ, ଟ୍ରଷ୍ଟର ଆଇନ ପରାମର୍ଶଦାତ୍ରୀ ସ୍ୱାତୀ ରାଖଣ୍ଡ ପ୍ରମୁଖ ପହଞ୍ଚି ରୋହିତଙ୍କ ଚକ୍ଷୁ ଦାନ କରିବାକୁ ପରିବାର ଲୋକଙ୍କୁ ବୁଝାଇଥିଲେ। ପରିବାର ଲୋକେ ସମ୍ମତି ପ୍ରକାଶ କରିବା ପରେ ମେଡ଼ିକାଲ ଟିମ୍ ଆସି ମୃତଦେହକୁ ନେଇ ଚକ୍ଷୁ ବାହାର କରିବା ପରେ ଚକ୍ଷୁ ବ୍ୟାଙ୍କରେ ରଖାଯାଇଥିଲା।


ରୋହିତ ପ୍ରଧାନ

# କଥକ, ଓଡ଼ିଶୀ ନୃତ୍ୟ ମନ ମୋହିଲା

କୋଣାର୍କ,୧୯।୨(ଡି.ଏନ୍.ଏ.)

କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ୩୫ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଉତ୍ସବରେ ଘଣ୍ଟ ମର୍ଦ୍ଦଳ ଓ ଶଙ୍ଖ ଧ୍ୱନିର ତାଳେତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଣ୍ଡପରେ ବିଜେ ହେବା ପରେ ପରିବେଷଣ ହୋଇଥିଲା ପଞ୍ଚଦେବ ସ୍ତୁତି। ଏହି ଉତ୍ସବରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ତଥା ଶିଳ୍ପୀ ଗୁରୁ ପଦ୍ମଶ୍ରୀ ରଘୁନାଥ ମହାପାତ୍ର, ନାଲ୍‌କୋ ମହାପ୍ରବନ୍ଧକ ଆଶୁତୋଷ ରଥ, ଗୁରୁ ମନୋରଞ୍ଜନ ପ୍ରଧାନ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ନାଟ୍ୟମଣ୍ଡପର ସମ୍ପାଦକ ଶିବାଶିଷ ପ୍ରଧାନ, ଯୁଗ୍ମ ସମ୍ପାଦକ ଗୁରୁପଦ ବଳିଆର ସିଂ, ସୁଲୋଚନା ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନାଟ୍ୟମଣ୍ଡପକୁ ୧୦ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ମଞ୍ଚରେ ଘୋଷଣା କରିଥିଲେ ରାଜ୍ୟସଭା ସଦସ୍ୟ ମହାପାତ୍ର। ପ୍ରଥମ ଚରଣରେ ଗୁରୁ ନିମକାନ୍ତ ରାଉତରାୟଙ୍କ ଓଡ଼ିଶୀ ସଂଗୀତ ପରିବେଷଣ ହୋଇଥିଲା। ଦ୍ୱିତୀୟରେ ଭୁବନେଶ୍ୱରର ଦେବାଶିଷ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ରୋଜାଲିନ ମହାପାତ୍ର ଓ ସାଥିଙ୍କ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଏଥିରେ ଭଗବାନ ବିଷ୍ଣୁଙ୍କ ବିଭିନ୍ନ ଅବତାର ବର୍ଣ୍ଣନା କରାଯାଇଥିଲା। ଶେଷରେ କୋଲକାତାର ଗୁରୁ ମଧୁମିତା ରାୟଙ୍କ କଥକ ନୃତ୍ୟ ପରିବେଷଣ ହୋଇଥିଲା। ଉତ୍ସବକୁ ଇଂଲିଶରେ ସିନ୍ଧୁ ବ୍ରାଉନ, ଓଡ଼ିଆରେ ବିଶ୍ୱଜିତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ନାଟ୍ୟମଣ୍ଡପର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

**କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ**


କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।


**URGENT OFFICE JOB**
ନିଜ ଜିଲ୍ଲାରେ Office Job। ରହିବା, ଖାଇବା ଦିଆଯିବ। Salary- 27,000/-. Qua.- 7th to 10th & above.
Contact: 8144204606

**ଆବଶ୍ୟକ**
୧. ଟେଲର କଟିଙ୍ଗ ମାଷ୍ଟର (ପାର୍ଟ ଟାଇମ୍)
୨. ଟେଲର ଅପରେଟର (୧ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ଟେଲରିଂ କାମ ଜାଣିଥିବା ମହିଳା ଓ ପୁରୁଷ ଆବେଦନ କରିପାରିବେ)।
ସ୍ଥାନ- ଚକେଇସିହାଣୀ, ଭୁବନେଶ୍ୱର
Phone: 7008552119

**Urgently Required**
XEROX OPERATOR
Minimum Experience 3years
CHELSHHA
Ravitalkies Road, Bhubaneswar
Mob:- 9040821015

**Urgent Require**
1. DATA ENTRY OPERATOR
2. DESKTOP SUPPORT
3. SCAN OPERATOR
4. SURVEYOR
Salary- 12,000 To 15,000
For all over Odisha. Every district 5 no. under agency payroll (Except Khordha,Cuttack, Jajpur, Jagatsinghpur, Bhadrak)
Qualification: Graduate having good computer skill. (Male & Female both can apply)
Contact : 9078186393

**WANTED**
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରଟ୍, ଗୁଜୁରାଟ
CONTACT: 9157312448

ODISHAର ପ୍ରତ୍ୟେକ ଜିଲ୍ଲାପାଇଁ ସମ୍ପୂର୍ଣ୍ଣ କର୍ମ ନିଯୁକ୍ତି ସୂଚନା
1. OFFICE EXECUTIVE
2. SUPERVISOR
3. TELE CALLER
Qualification : 10th to Graduation
Age : 18-30 years,
Salary : Rs.12,500 - Rs.28,500 + Other facilities
CALL : 8826070897

**WANTED**
ଏକ ପ୍ରତିଷ୍ଠିତ ଟେକ୍ସଟାଇଲ କମ୍ପାନୀର ପ୍ରଚାର ପ୍ରସାର ପାଇଁ ୫୦ଜଣ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଆବଶ୍ୟକ। ଭୁବନେଶ୍ୱରରେ ରହି କାମ କରିବାକୁ ଇଚ୍ଛୁକ ପ୍ରାର୍ଥିନୀ/ପ୍ରାର୍ଥୀ ଯୋଗାଯୋଗ କରନ୍ତୁ। ମାସିକ ଦରମା ୧୫,୦୦୦/-। ଯୋଗ୍ୟତା: ମାଟ୍ରିକ ପାସ୍‌ରୁ ଉର୍ଦ୍ଧ୍ୱ।
ଠିକଣା: କୌଶଲ୍ୟାଗଙ୍ଗ ।
ଯୋଗାଯୋଗ: 8895920243.

ସିକ୍ୟୁରିଟି ଗାର୍ଡ ରେ ଆସିଲା ନିଯୁକ୍ତି
Posting Bhubaneswar (with EPF + ESI)
Sal : 9000/- to 16,000/-
ଓଡିଶାର ସବୁ ଜିଲ୍ଲାର ପ୍ରାର୍ଥୀ ଆବେଦନ କରିପାରିବେ ।
Mob: 8984433623,8342041401

Urgently required sales representative having experience of minimum 3 years industrial field. Interested candidates may send their CV at retrading_co@yahoo.co.in
Contact No.9830027878

**REQUIRED URGENTLY for** Techinical and Non-Technical Candidate 17nos for Post : Asst.Engg Asst. Manager / Jr. Engg / Supervisor Electrician / Technician / Store keeper Welder / Cleark / Peon.
Salary :- Rs 9,880/- ରୁ Rs 90,000/-
Mr. Prabhakar Mishra
Email : powersunflag@gmail.com
WhatsApp :- 8984171859

**REQUIRED-15 Posts** For Medicine retail operations and Blood Sample Collection & home delivery of medicines for reputed medicine house. Mail CV's to ppharmanic@gmail.com or Walk in interview during working hours from 21st to 28th Feb. 2021 at our store "PHARMANIC", Cuttack-Puri Road, adjacent to Patnaik Petrol Pump. Mob/Whatsapp-9437001163, 7735311858.

**HIRING**
MENDEL LIFE SCIENCE PVT. LTD.
Unit - 6, Bhubaneswar Branch, is looking for
1. A Pharmacist to work in Pharmacy Store.
2. Nurse with experience of handling IVF cases.
3. Marketing Officer with experience in field of Genetics and IVF.
Salary not a constraint for deserving candidates.
Interested candidates can visit and apply at our page:
http://recruitment.mendellifescience.in
For further queries, Contact: 9853484812.

**UTKAL UNIVERSITY**
VANI VIHAR, BHUBANESWAR-751004
WALK-IN-INTERVIEW
No. Estt-II/1395 (Pt.) /5189/2021 Dated: 19.02.2021
Interested candidates having Masters Degree in Psychology with at least 55% marks in aggregate or its equivalent and **B.Ed.** or **P.G. Diploma** in early childhood education or any such equivalent degree may attend the **walk-in-interview on 24.02.2021 at 11.00 AM** in the **Psychology Deptt. of Utkal University** for engagement of two Asst. Teacher in the Remedial School (DARCEE) under P.G. Deptt. of Psychology, Utkal University with a consolidated remuneration of **₹13,500/- per month.** The engagement is purely temporary for a period of one year or till the post is filled up in regular manner whichever is earlier. Candidates are required to come with their Bio-Data along with self attested copies of certificates and original certificates for verification at the time of interview. No TA / DA will be paid for the purpose.
Sd/- Registrar

**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ଼, ମୁମ୍ବାଇ**
www.rbi.org.in
ବିଜ୍ଞାପନ ସଂଖ୍ୟା ୨/୨୦୨୦-୨୧
୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର. ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| | ପ୍ୟାନେଲ ବର୍ଷ ୨୦୨୦ | |
| ୧. | ଆଇନ ଅଧିକାରୀ ଗ୍ରେଡ୍ 'ବି' | ୧୧ |
| ୨. | ପ୍ରବନ୍ଧକ (ବୈଷୟିକ-ସିଭିଲ) | ୦୧ |
| ୩. | ସହାୟକ ପ୍ରବନ୍ଧକ (ରାଜଭାଷା) | ୧୨ |
| ୪. | ସହାୟକ ପ୍ରବନ୍ଧକ (ସୁରକ୍ଷା ଓ ଶିଷ୍ଟାଚାର) | ୦୫ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଫେବୃଆରୀ ୨୩,୨୦୨୧ ଓ ଏମ୍ପ୍ଲୟମେଣ୍ଟ ନିଉଜ୍/ରୋଜଗାର ସମାଚାରର ଫେବୃଆରୀ ୨୭,୨୦୨୧/ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁ ଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନ୍‌ଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।
୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ (fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ଫେବୃଆରୀ ୨୩,୨୦୨୧ରୁ ମାର୍ଚ୍ଚ ୧୦,୨୦୨୧ (ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ) |
| ଅନ୍‌ଲାଇନ (online)/ଲିଖିତ ପରୀକ୍ଷା (Written Examination) | ଏପ୍ରିଲ୍ ୧୦,୨୦୨୧ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ। (ଏହି ବିଜ୍ଞାପନର ହିନ୍ଦୀ ରୂପାନ୍ତର ଦୈନିକ ଭାସ୍କର, ଦୈନିକ ଜାଗରଣ, ରାଜସ୍ଥାନ ପତ୍ରିକା ଓ ନବ ଭାରତ ଟାଇମସ୍‌ରେ ଉପଲବ୍ଧ ହେବ)।

**GOVERNMENT COLLEGE OF ENGINEERING, KEONJHAR**
At : Jamunalia, P.O.: Old Town, Dist., Keonjhar, Pin: 758002 (Odisha)
Tel:06766-213180 / Web: www.gcekjr.ac.in / Mail id- principal@gcekjr.ac.in
No. 158 Date: 18/02/2021
WALK-IN-INTERVIEW FOR ENGAGEMENT OF FACULTIES ON CONTRACT BASIS
No.KK-80:- The walk-in-interview for engagement of faculty on contract basis (purely temporary for Even Semester 2020-21) will be conducted from 25.02.2021 to 27.02.2021 for Computer Science & Engg, Civil Engineering, Mineral Engineering, Metallurgical Engineering, Mathematics and Management at Government College of Engineering, Keonjhar.
The applicants are required to fill up the Google Form after depositing an application fee online of Rs.500 in the college account. A/C Name - Government College of Engineering, Keonjhar, A/C No. 37140179346, IFS Code. SBIN0000113 by Dt. 23.02.2021 positively.
For more details and Google Form Link visit the college website: www.gcekjr.ac.in
Sd./- Principal, Government College of Engineering Keonjhar
OIPR-14059/11/0001/2021

## ୪ ବାଲି ବୋଝେଇ ଟ୍ରାକ୍ଟର ଜବତ

ସାରସକଣା: ମୟୂରଭଞ୍ଜ ଜିଲା ସାରସକଣା ତହସିଲ ଅଞ୍ଚଳରୁ ଶୁକ୍ରବାର ସକାଳୁ ୪ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ପୁନାସିଆସ୍ଥିତ ସୁବର୍ଣ୍ଣରେଖା କେନାଲ ରାସ୍ତାରୁ ଉକ୍ତ ଟ୍ରାକ୍ଟର ଜବତ ହୋଇଥିଲା। ଜବତ ଟ୍ରାକ୍ଟରଗୁଡ଼ିକଠାରୁ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସତ୍ୟବାନ ନାଏକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବାଲ୍ୟବିବାହ ନିରାକରଣ କମିଟି ବୈଠକ

**କେନ୍ଦୁଝର, ୧୯।୨(ଡି.ଏନ୍.ଏ.):** କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ବାଲ୍ୟବିବାହ ନିରାକରଣ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ବୈଠକ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ଆଇଡିଏ ବନାଯୋଡିର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରବାସିନୀ ଚକ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ରଘୁନାଥ ବେହେରା, ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଏବଂ ବାଲ୍ୟବିବାହ ନିରାକରଣ କମିଟିର ସଦସ୍ୟାସଦସ୍ୟମାନେ ଯୋଗ ଦେଇଥିଲେ। ସଦର ବ୍ଲକକୁ କିପରି ବାଲ୍ୟବିବାହମୁକ୍ତ ବ୍ଲକରେ ପରିଣତ କରି ହେବ ସେ ସମ୍ପର୍କରେ ଏକ ଦୀର୍ଘମିଆଦ କାର୍ଯ୍ୟଖସଡା ଆଗାମୀ ୩ମାସ ପାଇଁ ପ୍ରସ୍ତୁତ କରାଯାଇଥିଲା। ଆଇଡିଏ କର୍ମୀ ଚନ୍ଦ୍ରକାନ୍ତ ବରାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସ୍ୱାତୀରେଖା ମହାନ୍ତ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ।

### ଦିବାରାତ୍ର ରାଜ୍ୟସ୍ତରୀୟ ଭଲି ଟୁର୍ନାମେଣ୍ଟ

**ତେଲକୋଇ, ୧୯।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ମା' ଚର୍ଚ୍ଚିକା କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଭଲି ଟୁର୍ନାମେଣ୍ଟ କାଳିଆହତା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ତେବେ ଫାଇନାଲ ମ୍ୟାଚ୍ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଓ ତ୍ରିବେଣୀ ଯୋଡ଼ା ମଧ୍ୟରେ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ତ୍ରିବେଣୀ ଯୋଡ଼ାକୁ ହରାଇ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ୨୦ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ କମଳାନି ଦଣ୍ଡପାଟ ଯୋଗ ଦେଇଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୁଯୋଡ଼ା ସରପଞ୍ଚ ପରମେଶ୍ୱର ମୁଣ୍ଡା, ବାବୁଲାଲ ଫୁର୍ତ୍ତୀ, ଦିନବନ୍ଧୁ ପିଙ୍ଗୁଆ, କୁମୁଦିନୀ ନାଏକ ପ୍ରମୁଖ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

### ଚାନ୍ଦ କ୍ଲବ କଟକ ବିଜୟୀ

**ବାସୁଦେବପୁର,୧୯।୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଶୁଙ୍ଗୁଡ଼ା ସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୨ୟ ମ୍ୟାଚ୍‌ରେ ଶୁକ୍ରବାର ୨-୦ ଗୋଲ୍‌ରେ ଏଫ୍‌ସି କ୍ଲବ ରାଇରଙ୍ଗପୁରକୁ ହରାଇ ଚାନ୍ଦ କ୍ଲବ କଟକ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏଲଆଇସି ଅଧିକାରୀ ରାଧାକାନ୍ତ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଚିକିତ୍ସକ ଉମାକାନ୍ତ ଖୁଣ୍ଟିଆ, ପୂର୍ବତନ ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର ପୁହାଣ, ଯୁବନେତା ଉଦୟ ନାରାୟଣ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସହସମ୍ପାଦକ ହୃଷିକେଶ ସାହୁ, ଉପସଭାପତି ଦେବଦର୍ଶନ ଦାଶ, ସାଂସ୍କୃତିକ ସମ୍ପାଦକ ଉଦୟ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ବନ୍ଦ ଖଣିରେ ଚୋରା କାରବାର

**ଯୋଡ଼ା, ୧୯।୨(ଡି.ଏନ୍.ଏ.)**

ବନ୍ଦ ଖଣିରେ ଗଚ୍ଛିତ ଥିବା ଲୁହାପଥର ନିର୍ଦ୍ୱନ୍ଦ୍ୱରେ ଚୋରି ହେଉଛି। ଏହାପ୍ରତି ବିଭାଗର ଦୃଷ୍ଟି ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖାଯାଇଛି କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଜଜାଙ୍ଗସ୍ଥିତ ଏସ୍‌ଜି ପାଣ୍ଡିଆ ଲୌହ ଖଣିରେ। ଉକ୍ତ ଖଣିରେ ଗଚ୍ଛିତ ଥିବା ଉନ୍ନତମାନର ଲୁହାପଥର ଚୋରା ଚାଲାଣ ହେଉଥିବାବେଳେ ଗ୍ରାମବାସୀ ଟ୍ରକ୍‌କୁ ଅଟକାଇ ପୋଲିସ୍‌ରେ ଜିମା ଦେଇଥିଲେ। ଟ୍ରକଟି ଲୁହାପଥର ବୋଝେଇ କରି ପଳେଇ ଯିବାକୁ ଚେଷ୍ଟା କରୁଥିବାବେଳେ ଏକ ଖାଲରେ ଫଶିଯାଇଥିଲା। ଗ୍ରାମବାସୀ ଟ୍ରକ୍ ଡ୍ରାଇଭର ସୁଶାନ୍ତ କୁମାର ବେହେରାଙ୍କୁ ଅଟକାଇ ପୋଲିସ୍‌କୁ ଖବର ଦେଇଥିଲେ। ବାମେବାରୀ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଟ୍ରକ୍‌ରେ ବୋଝେଇ ହୋଇଥିବା ଲୁହାପଥରର ଆନୁମାନିକ ମୂଲ୍ୟ ଦେଢଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏସ୍‌ଜି ପାଣ୍ଡିଆ ଖଣିର ୨୦୧୩ ପର୍ଯ୍ୟନ୍ତ ଲିଜ୍ ଥିବାବେଳେ ୨୦୦୯ରେ ଏହାର ପରିବେଶୀୟ ଜନଶୁଣାଣୀ ବିଫଳ ହେବା ଯୋଗୁ ଏବଂ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଜରିମାନା ପଇଠ କରାଯାଇ ନ ଥିବାରୁ ଉକ୍ତ ଖଣିକୁ ବନ୍ଦ କରିଦିଆଯାଇଥିଲା। ଏହି ଖଣିରେ ପ୍ରାୟ ୫୦ ହଜାର ମେଟ୍ରିକ୍ ଟନ୍ ଉନ୍ନତମାନର ସାଇଜ୍ ଲୁହାପଥର ଗଚ୍ଛିତ ରହିଛି। ତେବେ ଏହି ଗଚ୍ଛିତ ଖଣିଜର ସୁରକ୍ଷା ଦାୟିତ୍ୱ ନିଆଯାଉ ନ ଥିବାରୁ ଖଣିଜ ଚୋରମାନେ ବିଭିନ୍ନ ଆଳରେ ଚୋରି କରୁଛନ୍ତି। ପୋଲିସ୍ ଓ ଖଣିବିଭାଗ ଏହାର ନିରପେକ୍ଷ ତଦନ୍ତ କଲେ ଏହି ଚୋରା କାରବାରରେ କେଉଁମାନେ ସମ୍ପୃକ୍ତ ତାହାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ୬ ଗାଡ଼ି ସହ ଲକ୍ଷାଧିକ ଟଙ୍କାର ଲୁହାପଥର ଜବତ



ଜବତ ହୋଇଥିବା ଡମ୍ଫର।

ରାଜ୍ୟ ସରକାରଙ୍କର ବିଭିନ୍ନ ଆଇନ, ସ୍କ୍ୱାଡ ଗଠନ ସତ୍ତ୍ୱେ ମଧ ଥମୁନାହିଁ ଖଣିଜ ଚୋରା କାରବାର। ପ୍ରତିଦିନ ହଜାର ହଜାର ଟନ୍ ଚୋରା ଖଣିଜ କାରବାର ହେତୁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ବାଂଶପାଣିଠାରେ ୨୦୦୯-୧୦ରେ ଖଣିବିଭାଗ ଦ୍ୱାରା ଜବତ ଲୁହାପଥରକୁ ଚୋରି କରୁଥିବାବେଳେ ଏକ ଟ୍ରକ୍‌କୁ ଯୋଡା ପୋଲିସ ବୁଧବାର ବିଳମ୍ବିତ ରାତିରେ ଧରିଛି। ସନ୍ଦିଗ୍ଧ ଅବସ୍ଥାରେ ଟ୍ରକ୍‌ଟି ଠିଆ ହୋଇଥିବା ବେଳେ ପୋଲିସ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଏହାକୁ ଜବତ କରିଥିଲା। ପୋଲିସକୁ ଦେଖି ଖଣିଜ ଚୋରମାନେ ପଳାଇଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି ଓ ଅଧିକ ତଦନ୍ତ ପାଇଁ ତାଙ୍କ ନାମ ଗୁପ୍ତ ରଖାଯାଇଥିବା ଯୋଡ଼ା ଥାନା ଅଧିକାରୀ ରାଇସେନ ମୁର୍ମୁ କହିଛନ୍ତି।

ସେହିପରି ଗୁରୁବାର ବିଳମ୍ବିତ ରାତିରେ ଅସେଇଁକଳା ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ୍ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଯୋଡ଼ା, ବଡବିଲ, ବିଲେଇପଦା, ଚମ୍ପୁଆର ଫରେଷ୍ଟ ପାରା ସ୍କ୍ୱାଡ୍, କେନ୍ଦୁଝର ଏସିଏଫ୍ ଅଜୟ କୁମାର ସାହୁ, ବଡବିଲ ରେଞ୍ଜ୍ ଅଧିକାରୀ ସୁଜିତ କୁମାର ସାହୁ, ଚମ୍ପୁଆ ରେଞ୍ଜ୍ ଅଧିକାରୀ ଶିବ୍ କୁମାର ରାଉତଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଯୋଡ଼ା ଖଣିମଣ୍ଡଳରୁ ଚୋରା ଚାଲାଣ ହେଉଥିବା ୫ ଲୁହାପଥର ବୋଝେଇ ଡମ୍ଫରକୁ ଧରିବାରେ ବନବିଭାଗ ସକ୍ଷମ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଓ ହେଲପର ଡମ୍ଫର ଛାଡି ଫେରାର୍ ହୋଇଯାଇଥିଲେ। ଜବତ ଚୋରା ଲୁହାପଥରର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା ଓ ବିଲେଇପଦା ବନପାଳ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି। ତେବେ ଆର୍‌ଟିଓଙ୍କ ସହିତ ବନବିଭାଗ ଯୋଗାଯୋଗ କରି ଜବତ ଗାଡ଼ିର ସବିଶେଷ ତଥ୍ୟ ପାଇଁ ଚିଠି କରିବ ବୋଲି ସୂଚନା ଦେଇଛି। ବିଳମ୍ବିତ ରାତିରେ ଏକାଧିକ ଟ୍ରକ ଜବତ ବେଳେ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗକୁ ସହଯୋଗ କରିଥିଲା। ଖଣିଜ ଚୋରି ରୋକିବା ପାଇଁ ଯୋଡ଼ାରେ ଥିବା ଖଣି ଯୁଗ୍ମ ନିର୍ଦ୍ଦେଶାଳୟର ନିଜସ୍ୱ ସ୍କ୍ୱାଡ୍, ରାଜ୍ୟ ଖଣି ବିଭାଗର ଉନ୍ନତ ଜ୍ଞାନ କୌଶଳରେ ଇଣ୍ଟିଗ୍ରେଟେଡ୍ ମାଇନିଂ ମିନେରାଲ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଥ୍ରିଏମ୍‌ଏସ୍) ପ୍ରଣାଳି ସରକାର କରିଥିଲେ ହେଁ ଚୋରି ରୋକାଯାଇ ପାରୁନି। ଏନେଇ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ପଚାରିବାରୁ ବିଭିନ୍ନ ଜାଗାରେ ଖଣିବିଭାଗ ଚଢ଼ାଉ କରୁଛି। ବିଭିନ୍ନ ରେଳ ସାଇଡିଂକୁ ପରିବହନ ହେଉଥିବା ଲୁହାପଥରର ଟ୍ରାନ୍‌ଜିଟ ପାସ୍‌ରେ ଚଞ୍ଚକତା କରି ଲୁହାପଥର ଚୋରା କାରବାର କରାଯାଉଛି ବୋଲି ସେ ସ୍ୱୀକାର କରିଥିଲେ।

## ଦଳ ଛାଡ଼ିଲେ ବାଉଁଶଗଡ଼ିଆ ସରପଞ୍ଚ



ଖବରଦାତା ସମ୍ମିଳନୀରେ ସରପଞ୍ଚ ବିଷ୍ଣୁପଦ ଘଡେଇ ଓ ଅନ୍ୟମାନେ।

**ଖଇରା, ୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ସରପଞ୍ଚ ତଥା ବିଶିଷ୍ଟ ଭାଜପା ନେତା ବିଷ୍ଣୁପଦ ଘଡେଇ ନିଜର ସମର୍ଥକଙ୍କ ସହ ଭାଜପାରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ବାଉଁଶଗଡିଆ ପଞ୍ଚାୟତ ଅଧୀନ ବରପଦା ଗ୍ରାମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଦଳ ଛାଡିବା କାରଣ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି। ସେ କଂଗ୍ରେସରୁ ନିଜର ଅଭିଯାନ ଆରମ୍ଭ କରିବା ପରେ ପ୍ରଥମେ ହରିପୁର ଓ ପରେ ବାଉଁଶଗଡିଆରୁ ୩ଥର ସରପଞ୍ଚ ଭାବେ ବିଜୟୀ ହୋଇଥିଲେ। ସେହିଭଳି ଥରେ ଜିଲା ପରିଷଦ ସଭ୍ୟ ଓ ହରିପୁର ସେବା ସମବାୟ ସମିତିରେ ୩ ଥର ବୋର୍ଡ ସଭାପତି ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହାଛଡା ୧୯୯୭ରୁ ଲଗାତାର ଭାବେ ସେ କଂଗ୍ରେସରୁ ବ୍ଲକ ସଭାପତି ଭାବେ ସଙ୍ଗଠନକୁ ମଜବୁତ୍ କରିବା ପରେ ୨୦୧୯ରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ସହ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଥିଲେ। ଏବେ ଭାଜପା ନେତୃବୃନ୍ଦ ଅସହଯୋଗ କରୁଥିବା ଆଉ ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଉଥିବା ଅଭିଯୋଗ ଆଣି ଦଳରୁ ଇସ୍ତଫା ଦେଉଥିବା କଥା କହିଛନ୍ତି। ସେ ବିଜେଡିରେ ଖୁବଶୀଘ୍ର ମିଶୁଥିବା ନେଇ ସମର୍ଥକମାନେ ସୂଚନା ଦେଇଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ସରପଞ୍ଚ ଘଡେଇଙ୍କ ସହ ନାଏବ ସରପଞ୍ଚ ବିଶ୍ୱମ୍ଭର ଜେନା, ୱାର୍ଡସଭ୍ୟ ଶରତ ପାତ୍ର, ସାବିତ୍ରୀ ଦେଉରୀ ଓ ପୁଷ୍ପଲତା ପାତ୍ର, ଶଙ୍କର୍ଷଣ ସ୍ୱାଇଁ, ଦୈତାରୀ ପଣ୍ଡା ଓ ଜଗନ୍ନାଥ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧିକ ରେଳ ଚଳାଚଳ, ଷ୍ଟେଶନ ବିକାଶ ଉପରେ ଗୁରୁତ୍ୱ



ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୧୯।୨**

ଦକ୍ଷିଣପୂର୍ବାଞ୍ଚଳ ରେଲୱେ ଅଧୀନ ଖଡ଼ଗପୁର ଡିଭିଜନ୍‌ର ସମସ୍ତ ଷ୍ଟେଶନର ବିକାଶ ନିମନ୍ତେ କୋଲକାତାସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ବୈଠକରେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କରୋନା ଯୋଗୁ ବନ୍ଦ ହୋଇଥିବା ଅଧିକ ରେଳ ଚଳାଚଳ ଓ ଷ୍ଟେଶନଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।

ବାଲେଶ୍ୱର ରେଳଷ୍ଟେଶନର ପଶ୍ଚିମ ପାର୍ଶ୍ୱରେ ନୂଆ ପ୍ଲାଟଫର୍ମ ସହ ଫୁଟ୍ ଓଭରବ୍ରିଜ୍ ନିର୍ମାଣ, ଇଣ୍ଡିଆନ ଅଏଲ ବ୍ୟବହାର କରୁଥିବା ଜମିକୁ ବ୍ୟବସାୟିକ ଉପଯୋଗୀ କରିବା ସହିତ ମାଲଗୋଦାମକୁ ସୋମନାଥପୁର ସ୍ଥାନାନ୍ତର କରିବା, ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତୀକରଣ, ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ୍‌ରେ ବଗି ବଢ଼ାଇବା ଓ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଏହାସହ ସେ ବସ୍ତା ରେଳଷ୍ଟେଶନରେ ନନ୍ଦନକାନନ, ନୀଳାଚଳ ଓ ସମ୍ପର୍କ କ୍ରାନ୍ତି ଟ୍ରେନ୍‌ର ରହଣି ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ଚେନ୍ନାଇ ପାଇଁ ସାପ୍ତାହିକ ଟ୍ରେନ୍ ଚଳାଚଳ କରିବା, ୬୮୦୧୧ ମେମୁ ଟ୍ରେନ୍ ଭାୟା ବାଲେଶ୍ୱର ନୀଳଗିରି ପର୍ଯ୍ୟନ୍ତ ଚଳାଚଳ କରାଇବା, ଡାଉନ ବାଘାଯତୀନ ଟ୍ରେନ୍ ସହିତ ଭୁବନେଶ୍ୱର-ବାଙ୍ଗିରିପୋଷି ଟ୍ରେନ୍‌ର ଯୋଗାଯୋଗ କରାଇବା, ଜଳେଶ୍ୱରରୁ ଦୀଘା ରେଳ ସଂଯୋଗ, ଜଳେଶ୍ୱର ଷ୍ଟେଶନ ପାରିପାର୍ଶ୍ୱିକ ରାସ୍ତାର ଉନ୍ନତୀକରଣ, ନୀଳଗିରି-ବାଲେଶ୍ୱର ମଧ୍ୟରେ ରେଳ ଚଳାଚଳ କରାଇବା, ବାଲେଶ୍ୱର ରେଳ ଷ୍ଟେଶନର ୧, ୨ ନଂ. ପ୍ଲାଟଫର୍ମ ଏବଂ ୩ ନଂ. ଦକ୍ଷିଣ ପାର୍ଶ୍ୱକୁ ବିସ୍ତାର କରିବା ପାଇଁ କହିଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ପ୍ଲାଟଫର୍ମର ସ୍ତର/ଉଚ୍ଚତା ବୃଦ୍ଧି କରିବା, ପଥଚାରୀ ବ୍ୟବହାର ପାଇଁ ଉଭୟ ପାର୍ଶ୍ୱରେ କଂକ୍ରିଟ୍ ରାସ୍ତା ନିର୍ମାଣ କରିବା ଆଦି ବିଭିନ୍ନ ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ରଖିଥିଲେ। ବୈଠକରେ ରେଳବୋର୍ଡ଼ ଅଧ୍ୟକ୍ଷ, ଜେନେରାଲ ମ୍ୟାନେଜରଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ ଏମ୍‌ପିମାନେ ଉପସ୍ଥିତ ଥିଲେ।

## କରୋନା ପ୍ରକୋପରୁ ରକ୍ଷା ଲାଗି ହରିନାମ ସଂକୀର୍ତ୍ତନ

**ରାଇବଣିଆ, ୧୯।୨**

ମହାମାରୀ କରୋନା ପ୍ରକୋପରୁ ରକ୍ଷା ନିମନ୍ତେ ଜଳେଶ୍ୱର ବ୍ଲକ ନଛିମପୁର ପଞ୍ଚାୟତର ନାଙ୍ଗୁଡ଼ସାହି ଗ୍ରାମରେ ୪ଦିନ ବ୍ୟାପୀ ୨୪ପ୍ରହର ବ୍ୟାପୀ ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି।

ଗତ ମଙ୍ଗଳବାର ଅପରାହ୍ନରେ ଘଟୋତ୍ତଳନ ସହିତ ଅପରାହ୍ନରେ ଅଧିବାସ ଓ ସନ୍ଧ୍ୟା ୫ଘଟିକାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ସେହିପରି ବୁଧବାର ୧୦ଘଟିକାରୁ ଠାଆ କାର୍ଯ୍ୟକ୍ରମ ଦିବସବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅପରାହ୍ନରେ ନାମ ବିଶ୍ରାମ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଅଜିତ ଦାସ, ତ୍ରିଲୋଚନ ଦାସ ଅଧିକାରୀ, ପୂର୍ବତନ ସରପଞ୍ଚ ସୁଦାମ ପାତ୍ର, ମଧୁସୂଦନ ଜେନା, କାର୍ତ୍ତିକ ଚନ୍ଦ୍ର ଦାସ, ଅନନ୍ତ ଦାସ ଅଧିକାରୀ, ରବୀନ୍ଦ୍ର ନାଥ ଦାସ, ରାଜେଶ କୁମାର ଜେନା, ସୁଶୀଲ ଜେନା, ସପନ ଜେନା ଓ ଦେବେନ୍ଦ୍ର ଗିରି ପ୍ରମୁଖ ପରିଚାଳନା କରୁଛନ୍ତି। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନେ ହରିନାମ ସଂକୀର୍ତ୍ତନ କରି ମୃଦଙ୍ଗ ତାଳେ ତାଳେ ନୃତ୍ୟ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଭକ୍ତମାନଙ୍କ ଉଦ୍ଦେଶ୍ୟରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚୋରଙ୍କୁ ଛେଚିଲେ ଗ୍ରାମବାସୀ

**୨ ଗିରଫ, ବାଇକ୍ ଜବତ**

**ରୂପ୍‌ସା/ବସ୍ତା, ୧୯।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ଅଧୀନ ପାରବିଲା ଶିବ ମନ୍ଦିରରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଦାନବାକ୍ସ ଭାଙ୍ଗି ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ୨ ଅଭିଯୁକ୍ତଙ୍କୁ ଗ୍ରାମବାସୀ ନିର୍ଘୁମ ମାଡ଼ ମାରି ବସ୍ତା ଥାନା ପୋଲିସ ଜିମା ଦେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଶୁକ୍ରବାର ଏକ ମାମଲା (ନଂ. ୫୦/୨୧) ରୁଜୁ କରାଯାଇଛି। ଗିରଫ ୨ ଅଭିଯୁକ୍ତ ସିଂଲା ଥାନା ସାର୍ଥା ଗ୍ରାମର ନିମାଇଁ ବେହେରା ଓ ଅମର୍ଦ୍ଦା ଫାଣ୍ଡି ପାଇକପଡ଼ା ଗ୍ରାମର ମଦନ ଜେନାଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଏକ ବାଇକ୍ (ନଂ. ଓଡ଼ି୦୧ଜେ-୬୬୯୫) ସହ ୧ହଜାର ୨୦ଟଙ୍କା ଜବତ ହୋଇଛି।

ରାତି ପ୍ରାୟ ୧ଟା ୩୦ମିନିଟ୍‌ରେ ସ୍ଥାନୀୟ ୩ଜଣ ଯୁବକ ଟେଲିକମ୍ ବିଭାଗରୁ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ମନ୍ଦିର ପାର୍ଶ୍ୱରେ ଏକ ବାଇକ୍ ଥିବା ଓ ମନ୍ଦିର ଖୋଲାଥିବା ସନ୍ଦେହରେ ସେମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଜଣେ ଅଭିଯୁକ୍ତଙ୍କୁ ସେଠାରେ କାବୁ କରାଯାଇଥିଲା। ଅନ୍ୟଜଣଙ୍କୁ ଶୁକ୍ରବାର ସକାଳେ ଗ୍ରାମବାସୀ ଧରିଥିଲେ। ଅଭିଯୁକ୍ତଦ୍ୱୟ ୨ଦିନ ପୂର୍ବରୁ ପଣ୍ଡରୁଙ୍ଗୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଏଟିଏମ୍ କାର୍ଡ଼ ଓ ଆଧାରକାର୍ଡ଼ ଆଦି ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

## ଧାମରା ପାଇଁ ପ୍ରସ୍ତୁତ ହେଲା ମାଷ୍ଟରପ୍ଲାନ୍

**ଭଦ୍ରକ ଅଫିସ,୧୯।୨**

ଭଦ୍ରକ ଜିଲା ଧାମରା ବନ୍ଦରାଞ୍ଚଳର ୫୭ ରାଜସ୍ୱ ଗାଁର ୪୬ ହଜାର ୫୨୧ ଜନସଂଖ୍ୟାକୁ ନେଇ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହାର ଦ୍ୱିତୀୟ ପର୍ଯ୍ୟାୟ ଷ୍ଟକହୋଲଡରଙ୍କୁ ନେଇ ଧାମରାର ଏକ ହୋଟେଲ ସମ୍ମିଳନୀ କକ୍ଷରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଅତିରିକ୍ତ ଜିଲାପାଳ ଅରୁଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଯୋଜନା ପ୍ରସ୍ତୁତକାରୀ ସଂସ୍ଥା ବେଙ୍ଗାଲୁରୁ ସ୍କାଏ ଗ୍ରୁପ କମ୍ପାନୀର ମ୍ୟାନେଜର ଗାର୍ଗି ଘୋଷ ପ୍ରୋଜେକ୍ଟର ମାଧ୍ୟମରେ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଭୌଗୋଳିକ ଅବସ୍ଥିତି, ପ୍ରାକୃତିକ ସମ୍ବଳ, ଜନସଂଖ୍ୟା, କୋଠାବାଡ଼ି, ଗମନାଗମନ, ବର୍ହିରାଗତ ଜନସଂଖ୍ୟା, ପ୍ରାକୃତିକ ଅଭିବୃଦ୍ଧି, ଆର୍ଥିକ ସ୍ଥିତି, ନିଯୁକ୍ତି ସମ୍ବନ୍ଧୀୟ ବ୍ୟବସ୍ଥା, ରାସ୍ତା, ରେଳପଥ, ଜଳପଥ, ବସ୍‌ଷ୍ଟାଣ୍ଡ, ଟ୍ରକ ଟର୍ମିନାଲ, ସ୍ୱାସ୍ଥ୍ୟ, ଶିକ୍ଷା, ପାର୍କ, ସ୍ୱରେଜ ବ୍ୟବସ୍ଥା, ଟେଲିକମ୍ୟୁନିକେଶନ, ପୋଲିସ, ଅଗ୍ନିସେବା, ଡାକସେବା ଏବଂ ଶ୍ମଶାନ ଆଦି ବ୍ୟବସ୍ଥାକୁ ଯୋଜନାରେ ସ୍ଥାନିତ କରାଯାଇଛି। ଏହା ଉପରେ ଅଧିକ ତର୍ଜମା ଲାଗି କର୍ମଶାଳା ହୋଇଥିଲା। ୨୦୪୦ ସୁଦ୍ଧା ଧାମରା ବନ୍ଦରାଞ୍ଚଳର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ମାଷ୍ଟରପ୍ଲାନ୍ କରାଯାଇଥିବା ସୂଚନା ଦିଆଯାଇଛି। ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାସ, ତହସିଲଦାର ସୁଶାନ୍ତ ସୁତାର, ଧାମରା ସ୍ୱତନ୍ତ୍ର ଯୋଜନା ଅଧିକାରୀ ପ୍ରଶାନ୍ତ ପରିଡ଼ା, ସ୍କାଏଗ୍ରୁପ ଟିମ୍ ଲିଡର ରଞ୍ଜନ ଚଟୋପାଧ୍ୟାୟ ପ୍ରମୁଖ କର୍ମଶାଳାରେ ଯୋଗ ଦେଇଥିଲେ।

## ଭୁବନେଶ୍ୱରକୁ ପଦଯାତ୍ରା କରିବ ଭଞ୍ଜସେନା

**ଆଦିବାସୀଙ୍କ ସମସ୍ୟାର ସମାଧାନ ଦାବି**

**ବାରିପଦା ଅଫିସ,୧୯।୨**

ମୟୂରଭଞ୍ଜ ଜିଲାରେ ଥିବା ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଶୁକ୍ରବାର ଭଞ୍ଜସେନାର ଆଦିବାସୀ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ୬ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏକ ମାସ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ କଲେ ଶାଖାର କର୍ମକର୍ତ୍ତାମାନେ ମୟୂରଭଞ୍ଜ ଜିଲାରୁ ଭୁବନେଶ୍ୱରକୁ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବେ ବୋଲି ଶାଖା ସଭାପତି ବାଗୁନ ହାଁସଦା ଚେତାବନୀ ଦେଇଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଆଦିବାସୀଙ୍କ ଧର୍ମ କୋର୍ଡରେ 'ସାରନା' କୋର୍ଡକୁ ଯୋଡ଼ିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ସୁପାରିଶ କରିବା, ଆଦିବାସୀ ଛାତ୍ରୀନିବାସରେ କେବଳ ମହିଳା କର୍ମଚାରୀ ନିଯୁକ୍ତି,ଏକଲବ୍ୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ଆଦି ଉଲ୍ଲେଖ ରହିଛି। ପ୍ରାରମ୍ଭରେ ଶତାଧିକ ମହିଳା ପୁରୁଷ ପାରମ୍ପରିକ ବେଶଭୂଷାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ମାଦଳ ଓ ଧୂମସାର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଆଦର୍ଶ ମାଝି, ହିକିମ ମାରାଣ୍ଡି, ପ୍ରଶାନ୍ତ ମୁର୍ମୁ, କର୍ଣ୍ଣ ସୋରେନ, ମଧୁସୂଦନ କିସ୍କୁ, ସୁକୁଲ ସୋରେନ,ଗୌରା ମୁର୍ମୁ, ଲୋକନାଥ କିସ୍କୁ, ସୁଶାନ୍ତ ମାରାଣ୍ଡି, ବୁଦ୍ଧେଶ୍ୱର ହାଁସଦା, ଶିବ ଶଙ୍କର ସିଂ, କିସନ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ

**ଭଣ୍ଡାରିପୋଖରୀ, ୧୯।୨(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ମଣ୍ଡିରେ ଧାନକିଣା ଅବ୍ୟବସ୍ଥା ନେଇ ନବନିର୍ମାଣ କୃଷକ ସଙ୍ଗଠନ ଓ ଚାଷୀମାନେ ଶୁକ୍ରବାର ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ଛକରେ ଧାନ ବସ୍ତା ରଖି ଆନ୍ଦୋଳନ କରିଛନ୍ତି। ଫଳରେ ୧୬ ନଂ. ଜାତୀୟ ରାଜପଥରୁ ଭଣ୍ଡାରିପୋଖରୀ ବ୍ଲକ ରାସ୍ତାରେ ଦୀର୍ଘ ସମୟ ଧରି ଚଳାଚଳ ବନ୍ଦ ରହିଥିଲା। ଗତ ୧ ତାରିଖରୁ ଟୋକନ ପାଇ ଚାଷୀମାନେ ମଣ୍ଡିରେ ଧାନ ରଖି ଜଗି ବସିଛନ୍ତି। ଟାର୍ଗେଟ୍ ନାହିଁ, ନମ୍ବର ପଡୁନାହିଁ କହି ଚାଷୀଙ୍କୁ ସମିତି ଠକି ଚାଲିଛି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇ ନିରାଶ ହେବାପରେ ଏଭଳି ପଦକ୍ଷେପ ନେଇଥିବା ଚାଷୀମାନେ ପ୍ରକାଶ କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ନଗୁଆଁ ସେବା ସମବାୟ ସମିତି ବଦଳରେ ଚଳିତବର୍ଷ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ଧାନ କିଣାଯାଉଥିଲା। ସେମାନେ ଋଣ ନେଇ ଚାଷ କରିଥିଲେ। ଟୋକନ ଅନୁଯାୟୀ ଧାନ ବିକି ପାରୁନାହାନ୍ତି। କେତେଜଣ ଚାଷୀଙ୍କ ଟୋକନ ମଧ୍ୟ ବାତିଲ୍ ହୋଇଯାଇଛି। ସମିତିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ ଧାନ ଉଠିପାରୁ ନାହିଁ। ଏପରିକି ଠିକ୍ ସମୟରେ ମିଲରମାନେ ବସ୍ତା ଦେଉ ନାହାନ୍ତି। ଧାନରେ ବ୍ୟାପକ କଟ୍‌ନି ଛଟ୍‌ନି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ କିଛି ସୁଫଳ ମିଳୁନି। ନବନିର୍ମାଣ କୃଷକ ସଙ୍ଗଠନ ଓ ଚାଷୀ ବିବେକାନନ୍ଦ ଜେନା, ରବୀନ୍ଦ୍ର ପଣ୍ଡା, ଦାଶରଥି ପାତ୍ର, ହୃଷିକେଶ ଜେନା, ବିଜୟ ନାୟକ, ମୁରଲୀଧର ଓଝା, ନିତ୍ୟାନନ୍ଦ ଭାରତୀ, ଦେବେନ୍ଦ୍ର ବାରିକ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ଭଣ୍ଡାରିପୋଖରୀ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଓ ବ୍ଲକ ଯୋଗାଣ ଅଧିକାରୀ ରେବତୀସ ସିଂ ନାୟକ ପହଞ୍ଚି ୫ ଦିନ ମଧ୍ୟରେ ସମସ୍ତ ଧାନ କିଣାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।



ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ଛକରେ ଚାଷୀମାନେ ଧାନବସ୍ତା ରଖି ଧାରଣା ଦେଇଛନ୍ତି।

## ସରିଲା ଗୀତାଜ୍ଞାନ ଯଜ୍ଞ

**ବାସୁଦେବପୁର, (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ନଂ. ୱାର୍ଡ଼ ଭୈରବପୁର ଗ୍ରାମର ଆରାଧ ଦେବତା ଭବାନୀଶଙ୍କର ମହାଦେବ ମନ୍ଦିର ସାମ୍ନାରେ ଚାଲିଥିବା ଗୀତାଜ୍ଞାନ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଭୈରବପୁର, ବାଷଠୀ, ବଳିବିନ୍ଧା, ବଂଶୀପାଟଣା, ଗୋପାଳପୁର, ପଞ୍ଚୁରିଖି ଆଦି ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଯାଜ୍ଞିକ ପଣ୍ଡିତ ଗଣେଶ ଚନ୍ଦ୍ର ପଣ୍ଡା, ଦୈତାରୀ ପଣ୍ଡା, ବଳରାମ କର, ଗଦାଧର ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ମହେଶ୍ୱର ନାୟକ, ଶାନ୍ତିଲତା ନାୟକ, ରମେଶ ସାମଲ, ବିମଳା ସାମଲ, ଜିତେନ୍ଦ୍ର ଅଗସ୍ତି, ନିତୁ ଅଗସ୍ତି ପ୍ରମୁଖ ଯଜ୍ଞର ପୁରୋଧା ଦାୟିତ୍ୱ ତୁଲାଇଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା କାର୍ଯ୍ୟକ୍ରମ। ସ୍ଥାନ: ବସ୍ତା ବ୍ଲକ କାର୍ଯ୍ୟାଳୟ। ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବର୍ଦ୍ଧନା ଉତ୍ସବ। ସ୍ଥାନ:ବ୍ରିଟ୍ କଲ୍ୟାଣ ମଣ୍ଡପ। ସମୟ: ଅପରାହ୍ନ ୪ଟା।
- ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ। ସ୍ଥାନ: କମିଟି କାର୍ଯ୍ୟାଳୟ, ଏଡ଼ିଏମ୍ ଛକ। ସମୟ: ଅପରାହ୍ନ ୫ଟା।
- ରୂପ୍‌ସା ଶ୍ରୀ ଶ୍ରୀ ସର୍ବେଶ୍ୱର ମହାଦେବଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ୧୦୮ କଳସ ଶୋଭାଯାତ୍ରା। ସ୍ଥାନ: ଗୁଆବଣିଆ ମନ୍ଦିର। ସମୟ: ପୂର୍ବାହ୍ନ ୮ଟା।
- ନେତାଜୀ କ୍ଲବ ଆନୁକୂଲ୍ୟରେ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ। ସ୍ଥାନ: ବାହାନଗା ବ୍ଲକ ସାହାସପୁର। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପଡିଆ। ସମୟ: ଅପରାହ୍ନ ୩ଟା।

**ଭଦ୍ରକ**

- ଗାୟକ ପୀୟୁଷ ବିଶ୍ୱନାଥ ସ୍ୱାଇଁଙ୍କ ଦ୍ୱାରା ଦ୍ୱିତୀୟ ରାତ୍ର ପାଲା ପରିବେଷଣ। ସ୍ଥାନ: ଭବାନୀଶଙ୍କର ମହାଦେବ ମନ୍ଦିର, ଭୈରବପୁର, ବାସୁଦେବପୁର। ସମୟ: ସନ୍ଧ୍ୟା ୬ଟା।
- କୋଭିଡ୍ ଟିକାକରଣର ତଦାରଖ। ସ୍ଥାନ: ଭଦ୍ରକ। ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୩ୟ ମ୍ୟାଚ୍। ସ୍ଥାନ: ନୀଳମଣି ମିନିଷ୍ଟାଡିୟମ, ଶୁଙ୍ଗୁଡ଼ା, ବାସୁଦେବପୁର। ସମୟ: ଅପରାହ୍ନ ୩ଟା।
- ଅଟଳ ବିହାରୀ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ। ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପରିସର। ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ବୁଦ୍ଧିଜୀବୀ ପ୍ରକୋଷ୍ଠରେ ବଜେଟକୁ ନେଇ ଆଲୋଚନା। ସ୍ଥାନ: ଟାଉନ ହଲ୍, ଭଦ୍ରକ। ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**

- ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଙ୍କୀର୍ତ୍ତନ। ସ୍ଥାନ- ସାରସକଣା ଶ୍ରୀଜଗନ୍ନାଥ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।

**କେନ୍ଦୁଝର**

- ନାରୀ ସମାଜ ପକ୍ଷରୁ ସାଧାରଣ ସଭା। ସ୍ଥାନ: ସଦର ବ୍ଲକ ନେଲୁଙ୍ଗ ପଞ୍ଚାୟତ ଆମ୍ବୁଆ ବସ୍ତି ପାଲା ମଣ୍ଡପ। ସମୟ: ପୂର୍ବାହ୍ନ ୧୧ଟା।

# ସୁବର୍ଣ୍ଣରେଖା ବାଲି ସଇରାତରେ ଏନ୍‌ଜିଟି ଟିମ୍

**ଜଳେଶ୍ୱର, ୧୯।୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଏକାଧିକ ମାମଲା ରୁଜୁ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ଏନ୍‌ଜିଟି ନିର୍ଦ୍ଦେଶରେ ସୁବର୍ଣ୍ଣରେଖା ବାଲିସଇରାତଗୁଡ଼ିକୁ ପ୍ରଶାସନିକ ଅଧିକାରୀ, ବୈଜ୍ଞାନିକ ତଥା ବିଶେଷଜ୍ଞମାନେ ଆସି ପରିଦର୍ଶନ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଶୁକ୍ରବାର କେନ୍ଦ୍ରୀୟ ଏନ୍‌ଜିଟିର ନିର୍ଦ୍ଦେଶରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡର ବରିଷ୍ଠ ବିଶେଷଜ୍ଞ, ଷ୍ଟେଟ୍ ଏନଭରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି, ରାଜ୍ୟ ପଲ୍ୟୁଶନ କଣ୍ଟ୍ରୋଲବୋର୍ଡ଼ର ବାଲେଶ୍ୱରସ୍ଥିତ ଇଞ୍ଜିନିୟରଙ୍କ ସହିତ ବାଲେଶ୍ୱର ଜିଲାପାଳ ମଧ୍ୟାହ୍ନରେ ଆସି ସୁବର୍ଣ୍ଣରେଖା ବାଲି ସୈରାତ ପରିଦର୍ଶନ କରିଥିଲେ। ଏପରି ଘଟଣା ହଠାତ୍ ପ୍ରଚାରିତ ହେବା ପରେ ସମସ୍ତ ବାଲି ସୈରାତ ଓ ବେଆଇନ ବାଲି ଉତ୍ତୋଳନ ବନ୍ଦ ହୋଇଯାଇଥିଲା। ଏହି ଟିମ୍ ମହମ୍ମଦନଗରପାଟଣାଠାରେ ଥିବା ୫ଟି ବାଲି ସୈରାତ ବୁଲି ଅଧିକ ତଥ୍ୟ ସଂଗ୍ରହ କରିଥିଲେ। ଟିମ୍ ସଦସ୍ୟମାନେ ନଦୀବାଲିର ସ୍ଥିତି ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ଏହାକୁ ରୋକିବାରେ ବିଫଳ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ଟିମ୍‌ରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଡ. ପି.କେ. ନାୟକ, ଡ. ଜି.ପି. ସିଂ, ଇଂ. ନରୋତ୍ତମ ପ୍ରଧାନ ଓ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


୪ଜଣିଆ ଟିମ୍ ସୁବର୍ଣ୍ଣରେଖା ବାଲି ସଇରାତ ପରିଦର୍ଶନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର

**ଭଦ୍ରକ ଅଫିସ, ୧୯।୨**

ମୌଳିକ ସୁବିଧା ଓ ଅଧିକାର ସମ୍ବଳିତ ୧୧ ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡି କର୍ମଚାରୀମାନେ ବାଲଗୋପାଲ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା, ଯେପର୍ଯ୍ୟନ୍ତ ସରକାରୀ କର୍ମଚାରୀ ଘୋଷଣା କରା ନ ଯାଇଛି ସେତେଦିନ ଯାଏ କର୍ମୀଙ୍କୁ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ମାସିକ ଦରମା ପ୍ରଦାନ, ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଦେଶରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦେବା ସହିତ ସମସ୍ତ କର୍ମୀଙ୍କୁ ପ୍ରାଇମେରୀ ଟିଚର ଓ ସହାୟିକାଙ୍କୁ ଆସିଷ୍ଟାଣ୍ଟ ପ୍ରାଇମେରୀ ଟିଚର ଭାବେ ମାନ୍ୟତା ପ୍ରଦାନ ଆଦି ରହିଛି। ଆସୋସିଏଶନର ରାଜ୍ୟ ସମ୍ପାଦିକା ସୁମିତା ମହାପାତ୍ର, ଭଦ୍ରକ ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବିଶ୍ୱାଳ, ସମ୍ପାଦିକା ଜୟନ୍ତୀ ଲେଙ୍କା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ତାଲିମପ୍ରାପ୍ତ ଯୁବତୀଯୁବକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୧୯।୨**

**ଶିଳ୍ପ/ଲଘୁ ଉଦ୍ୟୋଗ ସଚେତନତା କର୍ମଶାଳା**

ବାଲେଶ୍ୱର ଜିଲା ଦକ୍ଷତା କମିଟି ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷରେ ଏକ ଶିଳ୍ପ/ଲଘୁ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରି ଶିଳ୍ପାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ଯୁବତୀଯୁବକଙ୍କୁ ବିଭିନ୍ନ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସେମାନଙ୍କୁ ସ୍ଥାନୀୟ ଉଦ୍ୟୋଗ ସମୂହରେ ନିଯୁକ୍ତି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ନିୟୋଜନ ଅଧିକାରୀ ନିମାଇଁ ଚରଣ ମହାନ୍ତି ସ୍ୱାଗତଭାଷଣ ଦେଇ କର୍ମଶାଳା ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଉପନିର୍ଦ୍ଦେଶକ ଅସିତ ବରନ୍ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜିଲାରେ ଉପଯୁକ୍ତ ଭିତ୍ତିଭୂମି ସହ ଶିକ୍ଷିତ ଯୁବସମାଜ ରହିଥିବା ବେଳେ ଏହାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଯୁବତୀଯୁବକଙ୍କ ମଧ୍ୟରେ ଯେଉଁ ଦକ୍ଷତା ବ୍ୟବଧାନ ରହିଛି, ତାହାକୁ ପୂରଣ କରିବା ପାଇଁ ଜିଲାର ଶିଳ୍ପାନୁଷ୍ଠାନ/ଉଦ୍ୟୋଗୀମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଭଦ୍ରକ ଜିଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ସକ୍ରିୟ ସହଯୋଗ କରିଥିବା ବେଳେ ଜିଲା ଦକ୍ଷତା ସଂଯୋଜିକା ଭାରତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

# ପ୍ରୀତିରଞ୍ଜନ ରୋଟାରି ମିଡ୍‌ଟାଉନ ସଭାପତି

**ଭଦ୍ରକ ଅଫିସ, ୧୯।୨**



ଯୁବ ଉଦ୍ୟୋଗୀ ପ୍ରୀତିରଞ୍ଜନ ଜେନା ଭଦ୍ରକ ରୋଟାରି ମିଡ୍‌ଟାଉନ କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ପୂର୍ବତନ ରୋଟାରି ଗଭର୍ନର ରୋଟାରିଆନ ଅଜୟ ଅଗ୍ରୱାଲ, ବିଧାୟକ ସଞ୍ଜୀବ ମଲ୍ଲିକ, ବର୍ତ୍ତମାନର ସଭାପତି ରୋଟାରିଆନ ଅମିତ ମଲ୍ଲିକ, ରୋଟାରିଆନ ଅତିଶ ବେହେରା, ଶିଶିର ମିଶ୍ର, ବେଦପ୍ରକାଶ ଗୁପ୍ତା, ଇନ୍ଦ୍ରଜିତ୍ ସିଂ, ରାହୁଲ ଖେରିଆ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ବିବୃତିରେ ସମାଜସେବା ଓ ସାମାଜିକ ସୌହାର୍ଦ୍ଦ୍ୟ ବୃଦ୍ଧି ଦିଗରେ ରୋଟାରିର ପ୍ରତିବଦ୍ଧତା ଅବ୍ୟାହତ ରହିବ ଏବଂ ସାମାଜିକ କାର୍ଯ୍ୟକ୍ରମ ପୂର୍ବଭଳି ଜାରି ରହିବ ବୋଲି ସେ କହିଛନ୍ତି।

# ଦି ହୋମ୍ ଏଣ୍ଟରପ୍ରାଇଜର୍ସର ନୂତନ ଶାଖା


ତହସିଲଦାର ଅନନ୍ତ କୁମାର ହାଁସଦା ଉଦ୍‌ଘାଟନ କରୁଛନ୍ତି।

**ଚିତ୍ରଡ଼ା, ୧୯।୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଏସ୍‌ଏସ୍‌ବି ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ଦି ହୋମ୍ ଏଣ୍ଟରପ୍ରାଇଜର୍ସର ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ଅନନ୍ତ କୁମାର ହାଁସଦା, ସମ୍ମାନିୟ ଅତିଥି ଭାବରେ ଓଡ଼ିଆ ଫିଲ୍ମ ଅଭିନେତା ଅସିତ ପତି ଯୋଗଦେଇ ଫିତା କାଟି ନୂତନ ଶାଖାର ଶୁଭାରମ୍ଭ କରିଥିଲେ। ଯୋଗେଶ୍ୱର ମିଶ୍ର, ବଟକୃଷ୍ଣ ପାଢ଼ୀ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଚିଫ୍ ମ୍ୟାନେଜର ମାନସ ରଞ୍ଜନ ପାଣିଗ୍ରାହୀ, ବାରିପଦା ବ୍ରାଞ୍ଚ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚିଫ୍ ମ୍ୟାନେଜର ସୁଶାନ୍ତ ପ୍ରଧାନ, ଚିତ୍ରଡ଼ା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ମ୍ୟାନେଜର ରାଜୀବ ଲୋଚନ ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଏଣ୍ଟରପ୍ରାଇଜର୍ସରେ ବିଭିନ୍ନ ଘର ତିଆରି ସାମଗ୍ରୀ ଉପଲବ୍ଧ ହେଉଥିବା ପ୍ରୋପାଇଟର ତୁଳସୀ ରଞ୍ଜନ ଧର ମହାପାତ୍ର ଏବଂ ରମଣୀ ରଞ୍ଜନ ଧର ମହାପାତ୍ର ସୂଚନା ଦେଇଛନ୍ତି।

# ପଞ୍ଚଲିଙ୍ଗେଶ୍ୱରରେ ମାଘସପ୍ତମୀ

**ସଜନାଗଡ଼, ୧୯।୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ନିକଟସ୍ଥ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଶୁକ୍ରବାରଠାରୁ ମାଘସପ୍ତମୀ ମେଳା ଆରମ୍ଭ ହୋଇଛି। ପବିତ୍ର ମାଘସପ୍ତମୀ ତିଥିଠାରୁ ୯ଦିନ ଧରି ଚାଲିବାକୁ ଥିବା ବେଳେ ଆଗାମୀ ପୂର୍ଣ୍ଣିମା ତିଥିରେ ଶେଷ ହେବ। ଏହି ମେଳାକୁ ସରପଞ୍ଚ ଉଷାରାଣୀ ରାଉଳ, ଟ୍ରଷ୍ଟବୋର୍ଡ଼ର ସଭ୍ୟ କୈଳାସ ଚନ୍ଦ୍ର ପଣ୍ଡା, ସଦସ୍ୟ ସନାତନ ବାରିକଙ୍କ ଦ୍ୱାରା ଘଟୋତ୍ତଳନ ହୋଇ ସ୍ଥାପନା ହେବା ପରେ ଅଧିବାସ ଓ ଯଜ୍ଞ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିନ ଭଜନ, କୀର୍ତ୍ତନ, ପାଲା, ସଙ୍କୀର୍ତ୍ତନ ଆଦି ଆୟୋଜନ କରାଯାଇଛି। ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଆଇନଜୀବୀ ଅମର ପଟ୍ଟନାୟକ, ସମାଜସେବୀ ବସନ୍ତ ରାଉଳ, ସ୍ଥାନୀୟ ହୋଟେଲ ଓ ବ୍ୟବସାୟୀ ମହାସଂଘର ସଭ୍ୟ ତଥା ଟ୍ରଷ୍ଟ ବୋର୍ଡ଼ର ମ୍ୟାନେଜର ଉପସ୍ଥିତ ଥିଲେ।

# ଡାକ୍ତର ନିଯୁକ୍ତି ଆନ୍ଦୋଳନକୁ ସମର୍ଥନ ଜଣାଇଲା ଭାଜପା

**ପାଟଣା, ୧୯।୨ (ସ୍ୱ.ପ୍ର.):** ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗତ ସୋମବାରଠାରୁ ଡାକ୍ତର ପୂରଣ ଦାବିରେ ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ ଜଣାଇ ଶୁକ୍ରବାର ଭାଜପାର ପ୍ରତିନିଧି ମଣ୍ଡଳୀ କେନ୍ଦୁଝରଠାରେ ଜିଲା ଚିକିତ୍ସାଧିକାରୀ ଅଶୋକ କୁମାର ଦାଶ ଓ ଡେପୁଟି କଲେକ୍ଟର ସୋନା ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଭବାନୀ ଶଙ୍କର ନାଏକ, ସତ୍ୟବ୍ରତ ନାଏକ ପ୍ରମୁଖ ସାମିଲ ଥିଲେ।

# ପେନ୍‌ସନ ଅପେକ୍ଷାରେ ୭୬ ଅବସରପ୍ରାପ୍ତ ଶିକ୍ଷକ

**ବାଲେଶ୍ୱର ଅଫିସ, ୧୯।୨**

**ବାଲେଶ୍ୱର ଶିକ୍ଷା ଜିଲା**

ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ ଅଧୀନରେ ଦୀର୍ଘଦିନ ଶିକ୍ଷକତା କରି ଅବସର ନେଇଥିବା ୭୬ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଭିନ୍ନ କାରଣରୁ ଏଯାଏ ପେନସନ ମିଳିପାରିନାହିଁ। ଏନେଇ ଶିକ୍ଷକମାନେ ଅବସର ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଦେଖା କରି ନିରାଶ ହେଉଛନ୍ତି। ମୋଟ ୭୬ଜଣ ଶିକ୍ଷକଙ୍କ ମଧ୍ୟରୁ ୪୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କର ଫାଇଲ୍ ପଡ଼ିଛି କଣ୍ଟ୍ରୋଲ୍ ଅଫ୍ ଆକାଉଣ୍ଟ, ରାଜ୍ୟସରକାର, ଭୁବନେଶ୍ୱର କାର୍ଯ୍ୟାଳୟରେ। ଅନୁମୋଦନ ପରେ ପେନସନ ମିଳିବ। ଏଥିପାଇଁ ଦିନ ଗଡ଼ି ଚାଲିଛି। ସେହିପରି ୪ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କର ଫାଇଲ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ପଡ଼ି ରହିଛି। ବକେୟା ଛୁଟି, ବର୍ଦ୍ଧିତ ଦରମା, ନୂତନ ଦରମା ଅଧିନିୟମ-୨୦୧୭ ପାଇଁ ୧୨ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଫାଇଲ୍ ପଡ଼ିରହିଛି। ସେହିପରି ବକେୟା ଛୁଟିର ମଞ୍ଜୁରୀ ନିମନ୍ତେ ୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟରେ ଫାଇଲ୍ ପଡ଼ିରହିଛି। ଭିଜିଲାନ୍ସ ମାମଲାରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଛନ୍ଦି ହୋଇ ପେନସନରୁ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷରେ ଅବସରପ୍ରାପ୍ତ ଶିକ୍ଷକଙ୍କର ମୃତ୍ୟୁ ପରେ ପରିବାର ଲୋକେ ଲିଗାଲ ହେୟାର ଦାଖଲ ନ କରିବା କାରଣରୁ ୩ ପରିବାର ପେନସନରୁ ବଞ୍ଚିତ ରହିଛନ୍ତି। ସେହିପରି ଜଣେ ଶିକ୍ଷକ ଅବସର ପରେ ମଧ୍ୟ ନିଜର ସେବା ପୁସ୍ତକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ ନ କରିବାରୁ ପେନସନରୁ ବଞ୍ଚିତ ରହିଥିବାର ଜଣାପଡ଼ିଛି। ଏନେଇ ଜିଲାଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଘନଶ୍ୟାମ ମିଶ୍ର କହନ୍ତି, ପେନସନଧାରୀଙ୍କ ସମସ୍ତ କାଗଜପତ୍ର ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ସେଠାରୁ ମଞ୍ଜୁର ହୋଇଆସିଲେ ଉକ୍ତ ସେବା ଯୋଗାଇ ଦିଆଯିବାରେ ବିଳମ୍ବ ହେବ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ୫ ବଖରା ଜଳିଗଲା

**ଖଇରା, ୧୯।୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ହରିପୁର ପଞ୍ଚାୟତ ଅଧୀନ ବରପଡିଆ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ପିତାମ୍ବର ପାତ୍ରଙ୍କର ୫ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଏଥିରେ ତାଙ୍କର ଧାନଚାଉଳ ଓ ଆସବାବପତ୍ର, ଭୋଟର କାର୍ଡ, ଆଧାରକାର୍ଡ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା କୁହାଯାଉଛି । ବିଦ୍ୟୁତ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

# ଦୀନକୃଷ୍ଣ କଲେଜରେ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

**ଜଳେଶ୍ୱର, ୧୯।୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଅନ୍ୟତମ ପୁରାତନ ମହାବିଦ୍ୟାଳୟ ଦୀନକୃଷ୍ଣ କଲେଜରେ ୩ଦିନ ବ୍ୟାପୀ ୟୁଥ ରେଡକ୍ରସ୍‌ର ଯୁବତୀଯୁବକମାନଙ୍କୁ ରକ୍ତଦାନ ଲାଗି ସଚେତନତା, ଫାଷ୍ଟ ଏଡ୍, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ତଥା ଏଚ୍‌ଆଇଭି ସଂକ୍ରମଣ ସଚେତନତା ସମ୍ପର୍କରେ କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଏହି ଶିବିରକୁ ଆଞ୍ଚଳିକ ନିର୍ଦ୍ଦେଶକ ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସରେ ବାଙ୍ଗିରିପୋଷିର ବିନୋଦିନୀ ମହିଳା ମହାବିଦ୍ୟାଳୟର ଡ. ଗଜେନ୍ଦ୍ର ନାଥ ନନ୍ଦ, ଫାଷ୍ଟ ଏଡ୍ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ଅଧ୍ୟାପକ ଏଚ୍‌ଆଇଭି ସଂକ୍ରମଣ ସଚେତନତା ସଂକ୍ରମଣ ସମ୍ପର୍କରେ ତାଲିମ ଦେଇଥିଲେ। ରକ୍ତଦାନ ସମ୍ପର୍କରେ ସୁଧୀର କୁମାର ମୁଦୁଲି ଯୁବତୀଯୁବକଙ୍କୁ ସଚେତନ କରିଥିବା ବେଳେ ଡ. ମାନସ କୁମାର ଦାସ ରେଡକ୍ରସ୍‌ର ଇତିହାସ ଓ ନୀତି ସମ୍ପର୍କରେ ପ୍ରକାଶ କରିଥିଲେ। ଶୁକ୍ରବାର ସକାଳେ ୟୁଥ ରେଡ଼କ୍ରସର ପତାକାକୁ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଉତ୍ତୋଳନ କରିଥିଲେ।


सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

CPRMSE NOTICE

CPRMSE beneficiaries of CMPDIL are requested to submit data for implementation of ERP and issue of SMART CARDs latest by **10.03.2021 on priority.**
For further details kindly visit : **www.cmpdi.co.in**.

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019

F.No. J-11032(027/2020-21/S&P Date: 17-02-2021

E-TENDER & TENDER CALL NOTICE

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender & Tender for **"(1) Fully Automated Immunoassay Analyser on Reagent Rental Basis (2) Chemiluminescence Based Fully Automated Immunoassay Analyser for Infection Markers Testing on Reagent Rental Basis (3) Rate Contract for Tc-99m Generator for the Dept. of Nuclear Medicine, (4) Hiring of Taxi and Bus Services, (5) Intra-Aortic Ballon Pump for Critically ill Cardiac patients for the Dept. of CTVS at AIIMS, Bhubaneswar in Two Bid System".** The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the e-tenders & Tender without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar

OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH
(District Child Protection Unit)
Odisha State Child Protection Society, W&CD Department
Govt. of Odisha, Ph.-06622-273343

Letter No.663/DCPU/SNG/2021 Date 19.02.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଦିସା, ସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ.ନଂ.-୯୯୩୮୧୭୦୪୫୦/ଅଫିସ- ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ. ନଂ.-୯୪୩୭୦୮୫୪୩୪/ଅଫିସ- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | କ୍ରିସିକା (ସା ଦିସା ଦ୍ୱାରା ଦିଆଯାଇଥିବା ନାମ) | ୦୩।୦୨।୨୦୨୧ | ଝିଅ | ବଡଗାଁ, ସୁନ୍ଦରଗଡ଼, ତା୦୩।୦୨।୨୦୨୧ |  |

Sd./- District Child Protection Officer, Sundargarh

GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel. 06766-258301 (O), e-mail: se_nerwkjr@rediffmail.com
eProcurement Notice for Road Works
Identification No. Road Online NCB No.288

No.O-1103:- No.624/ Date:10.02.2021

1. Name of the work : Improvement of Road Works under RIDF & Inter District Inter Block Connectivity.
2. Total No. of work : 05 (Five) Nos. 3. Estimated cost : As per Annexure.
4. Class of contractor : As per Annexure. 5. Period of completion: As per Annexure.
6. Other details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.288 | Dt.22.02.21 at 11.00 A.M. | Dt.04.03.21 upto 3.00 P.M. | Dt.03.03.21 upto 3.00 P.M. | Dt.06.03.21 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25048/11/0016/2021 Sd./- Superintending Engineer, N.E.R.W. Circle, Keonjhar

OFFICE OF THE PANCHAYAT SAMITI, PATNA
At/P.O.- Patna, Dist.- Keonjhar, Pin-758030 (ODISHA)
E Mail- ori-patna@nic.in
No.499/Dt.18.02.2021

RE-TENDER CALL NOTICE NO.-04/pat/2020-21

The Block Development Officer, Patna invites sealed percentage rate bid tender on behalf of Governor of Odisha from registered and eligible Civil Contractors of the State P.W.D. (R&B)/Water Resources/Rural Works/M.I./C.P.W.D. for 03 (Three) Nos. Construction of AWC building at different place as mention in tender call notice No.4/pat/2020-21 as a tender value Rs.11,06,788.00 (Rupees Eleven lakhs six thousand seven hundred eighty eight only) each AWC under OMBADC eventually to be drawn up in the P.W.D. P1 form in conformity with the Detailed Tender Call Notice. The tender papers (including Tender Call Notice, Approved Tender Schedule & DTCN) will be available in the official website http://www.kendujhar.nic.in from Dt.19.02.2021 to 01.03.2021 upto 1.00 P.M. and can be downloaded from the website. The last date for receipt of tender paper is upto 5.30 P.M. of 01.03.2021 through Registered Post/Speed Post only.
The authority reserves the right to reject any /all tenders without assigning any reason thereof.

Sd./- Block Development Officer
Patna, Keonjhar

# ଜୋକୋଭିଚ୍‌-ମେଦ୍‌ଭେଡେଭ ଫାଇନାଲ


ରିଟର୍ନ ଶଟ୍ ଖେଳିବା ଅବସରରେ ଡାନିଲ ମେଦ୍‌ଭେଡେଭ।

## ଅଷ୍ଟ୍ରେଲିଆନ୍ ଓପନ

**ମେଲବୋର୍ନ,୧୯।୨(ପି.ଟି.)**

ଚଳିତ ଅଷ୍ଟ୍ରେଲିଆନ୍ ଓପନ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ସର୍ବିୟାର ଟପ୍ ସିଡ୍ ଖେଳାଳି ନୋଭାକ ଜୋକୋଭିଚ୍ ଓ ଚତୁର୍ଥ ସିଡ୍ ରୁଷିଆରେ ଡାନିଲି ମେଦ୍‌ଭେଡେଭ ପରସ୍ପରକୁ ଭେଟିବେ। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜୋକୋଭିଚ୍ ୬-୩, ୬-୪, ୬-୨ ସେଟ୍‌ରେ ରୁଷିଆ କ୍ୱାଲିଫାୟର ଅସଲାନ କାରାଶେଭଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ଅନ୍ୟପଟେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ମେଦ୍‌ଭେଡେଭ ୬-୪, ୬-୨, ୭-୫ ସେଟ୍‌ରେ ପଞ୍ଚମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିଟିସ୍‌ପାସଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

ସ୍ଥାନୀୟ ରଡ ଲେଭର ଏରିନାରେ ୭,୦୦୦ ଦର୍ଶକଙ୍କ ସାମ୍ନାରେ ୨୫ ବର୍ଷୀୟ ମେଦ୍‌ଭେଡେଭ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ସେ ପୂର୍ବରୁ ୨୦୧୯ରେ ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଏପର୍ଯ୍ୟନ୍ତ ୧୭ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ୍ ଏଥର ଫାଇନାଲରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ମେଦ୍‌ଭେଡେଭ ଏବେ ପୂରା ଫର୍ମରେ ଅଛନ୍ତି ଓ ବିଜୟ ମୁମେଣ୍ଟମ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। ଏ ପର୍ଯ୍ୟନ୍ତ ମେଦ୍‌ଭେଡେଭ କ୍ରମାଗତ ୨୦ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଏହି ବିଜୟଧାରା ମଧ୍ୟରେ ସେ ଟପ୍-୧୦ରେ ଥିବା ୧୨ଜଣ ଖେଳାଳିଙ୍କୁ ହରାଇ ୩ଟି ଟ୍ରଫି ହାସଲ କରିଛନ୍ତି। ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ମେଦ୍‌ଭେଡେଭ ଖେଳିଥିଲେ ଓ ସିଟିସ୍‌ପାସ୍‌ଙ୍କୁ ହରାଇଥିଲେ। ସିଟିସ୍‌ପାସ କ୍ୱାର୍ଟରରେ ଦ୍ୱିତୀୟ ସିଡ୍ ସ୍ପେନର ରାଫାଲ ନାଡାଲଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ସେହିପରି ମେଦ୍‌ଭେଡେଭ କ୍ୱାର୍ଟରରେ ସପ୍ତମ ସିଡ୍ ଖେଳାଳି ନିଜ ଦେଶର ଆନ୍ଦ୍ରେ ରୁବ୍ଲେଭଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ଜୋକୋଭିଚ୍‌ଙ୍କ ଉପରେ ଚାପ ରହିବ ବୋଲି ଏପର୍ଯ୍ୟନ୍ତ ଦୁଇଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ମେଦ୍‌ଭେଡେଭ କହିଛନ୍ତି।


ଟ୍ରଫି ସହ ଖୁସି ମୁହୂର୍ତ୍ତରେ ଏଲିସ ମେର୍ଟେନ୍ସ ଓ ଅରିନା ସାବାଲେଙ୍କା।

## ମେର୍ଟେନ୍ସ-ସାବାଲେଙ୍କାଙ୍କୁ ଟାଇଟଲ

**ମେଲବୋର୍ନ,୧୯।୨(ଏପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ ଯୋଡି ଏଲିସ ମେର୍ଟେନ୍ସ ଓ ଅରିନା ସାବାଲେଙ୍କା ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ବେଲଜିୟମର ମେର୍ଟେନ୍ସ ଓ ବେଲାରୁଷର ସାବାଲେଙ୍କା ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ତୃତୀୟ ସିଡ୍ ଯୋଡି ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭା ଓ ବାର୍ବୋରା କ୍ରେଜସିକୋଭାଙ୍କୁ ୬-୨, ୬-୩ ସେଟ୍‌ରେ ଅତି ସହଜରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ୯ଟି ସିଙ୍ଗଲ୍ସ ଟାଇଟଲ ଜିତିଥିବା ସାବାଲେଙ୍କା ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ସ୍ଥାନ ପାଇଛନ୍ତି। ପୂର୍ବରୁ କ୍ରେଜେସିକୋଭା ଓ ସିନିଆକୋଭା ୨୦୧୮ରେ ମିଳିତ ଭାବେ ୱିମ୍ବେଲଡନ ଓ ଫ୍ରେଞ୍ଚ୍ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ।

## ଅଙ୍କିତାଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ

**ମେଲବୋର୍ନ, ୧୯।୨ (ପି.ଟି.)**


ଅଙ୍କିତା ରାଇନା

ରୁଷୀୟ ପାର୍ଟନର କାମିଲା ରାଖିମୋଭାଙ୍କ ସହ ଫିଲିପ୍ ଆଇଲାଣ୍ଡ ଟ୍ରଫି ହାସଲ କରିବା ଦ୍ୱାରା ଭାରତର ଅଙ୍କିତା ରାଇନା ତାଙ୍କ ଟେନିସ କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଛନ୍ତି। ଏହା ଦ୍ୱାରା ତାଙ୍କର ଡବଲ୍ସ ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ରେ ପ୍ରବେଶ ପକ୍କା ହୋଇଛି। ଏଠାରେ ଟାଇଟଲ ମୁକାବିଲାରେ ଅଙ୍କିତା ଓ କାମିଲା ରୁଷୀୟ ଯୋଡ଼ି ଆନ୍ନା ବ୍ଲିନକୋଭା ଓ ଆନାସ୍ତାସିଆ ପୋଟାପୋଭାଙ୍କୁ ୨-୬, ୬-୪, ୧୦-୭ରେ ହରାଇ ଦେଇଛନ୍ତି। ୨୮ ବର୍ଷୀୟା ଭାରତୀୟ ଖେଳାଳି ଓ ତାଙ୍କ ପାର୍ଟନର ୮୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶିକୁ ବାଣ୍ଟିନେଇଛନ୍ତି। ଏହାଛଡ଼ା ସେ ୨୮୦ ର୍‍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ବର୍ତ୍ତମାନ ଡବ୍ଲ୍ୟୁଟିଏ ତାଲିକାର ୧୧୫ତମ ସ୍ଥାନରେ ରହିଥିବା ଅଙ୍କିତା ଆସନ୍ତା ସପ୍ତାହରେ ପ୍ରକାଶ ପାଇବାକୁ ଥିବା ତାଲିକାରେ ୯୪ତମ ସ୍ଥାନ ଅଧିକାର କରିବେ। ସାନିଆ ମିର୍ଜାଙ୍କ ପରେ ଡବଲ୍ସ ଟପ୍ ୧୦୦ରେ ପ୍ରବେଶ କରିବାରେ ସାନିଆ ମିର୍ଜାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଖେଳାଳି ହେବେ। ସାନିଆ କିନ୍ତୁ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି। ଗତ ଦୁଇ ସପ୍ତାହ ଅଙ୍କିତାଙ୍କ ପାଇଁ ଅତ୍ୟନ୍ତ ସ୍ମରଣୀୟ। ଭାରତୀୟ ଖେଳାଳି ଅଷ୍ଟ୍ରେଲିଆନ ଓପନରେ ତାଙ୍କ ଗ୍ରାଣ୍ଡସ୍ଲାମ ପଦାର୍ପଣ କରିଥିଲେ। ଏକ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ସେ ଆହୁରି ମଧ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିପାରିଛନ୍ତି।

## ଏଟିକେ ମୋହନବାଗାନ ବିଜୟୀ

**ମାର୍ଗାଓ, ୧୯।୨:** ରୟ କ୍ରିଷ୍ଣାଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଶୁକ୍ରବାର ମ୍ୟାଚରେ ଟେବୁଲ ଟପ୍ପର ଏଟିକେ ମୋହନବାଗାନ ୩-୧ ଗୋଲ୍‌ରେ ଏସ୍‌ସି ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। କ୍ରିଷ୍ଣା ୧୫ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ମାତ୍ର ଅସାବଧାନତା ଯୋଗୁ ୪୧ତମ ମିନିଟରେ ଦଳର ଜୋସ୍ ଲୁଇସ୍ ଏସ୍ପିନୋସା ଆରୋୟୋ ଏକ ଆତ୍ମଘାତୀ ଗୋଲ କରିବାରୁ ମ୍ୟାଚ ୧-୧ ସ୍ତରକୁ ଚାଲିଆସିଥିଲା। ପ୍ରଥମାର୍ଦ୍ଧ ଖେଳ ଏହି ସ୍ଥିତିରେ ଶେଷ ହୋଇଥିଲା। ରୟ କ୍ରିଷ୍ଣାଙ୍କ ସହାୟତାରେ ଡେଭିଡ୍ ୱିଲିୟମ୍ସ (୭୨ତମ) ଏବଂ ଜାଭିହର୍ନାଣ୍ଡେଜ ୮୯ତମ) ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ।

## '୧୫ କୋଟି କେତେ'

**ଖ୍ରୀଷ୍ଟଚର୍ଚ୍ଚ, ୧୯।୨ (ପି.ଟି.):** ଆଇପିଏଲ୍ ଖେଳାଳି ନିଲାମରେ ଅଧିକ ଦାମ୍‌ରେ ବିକ୍ରି ହୋଇ ସମସ୍ତଙ୍କୁ ଚକିତ ଦେଇଥିବା କ୍ରିକେଟରମାନଙ୍କ ମଧ୍ୟରେ ରହିଛନ୍ତି ନ୍ୟୁଜିଲାଣ୍ଡର କାଇଲ ଜେମିସନ। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ପେସ୍ ବୋଲରଙ୍କୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୧୫ କୋଟି ଟଙ୍କା (ପ୍ରାୟ ୨ ନିୟୁତ ଆମେରିକୀୟ ଡଲାର) ରେ କ୍ରୟ କରିଛି। ମଧ୍ୟରାତ୍ରରେ ସେ ଯେତେବେଳେ ଏହା ଜାଣିବାକୁ ପାଇଲେ ନିଜେ ଅଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। କାରଣ ଏହାଦ୍ୱାରା ସେ ଆଇପିଏଲରେ ନ୍ୟୁଜିଲାଣ୍ଡର ସବୁଠାରୁ ଦାମି ଖେଳାଳି ମାନ୍ୟତା ଲାଭ କରିଥିଲେ। କେବଳ ସେତିକି ନୁହେଁ ଟି୨୦ ଟୁର୍ନାମେଣ୍ଟର ଇତିହାସରେ ଏହା ଚତୁର୍ଥ ସର୍ବୋଚ୍ଚ। ଜେମିସନ ବହୁ ମୂଲ୍ୟରେ ବିକ୍ରି ହୋଇଥିବା ଖବର ନ୍ୟୁଜିଲାଣ୍ଡର ପୂର୍ବତନ ପେସ୍‌ର ଓ ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍ ଶେନ୍ ବଣ୍ଡଙ୍କ ଏକ ମେସେଜ ମାଧ୍ୟମରେ ଜଣାଇଥିଲେ। ଏହା ବଡ଼ ଖୁସିର ବିଷୟ ବୋଲି କହି ସେ ବଧାଇ ମଧ୍ୟ ଜଣାଇଥିଲେ। ନ୍ୟୁଜିଲାଣ୍ଡ ଡଲାରରେ ଏହାର ପରିମାଣ କେତେ ହେବ ତାହା ସେ ଆକଳନ କରିପାରି ନ ଥିଲେ। ଏହା ସେ ଜାଣିବାକୁ ଚାହିଁଥିଲେ। ଗୁରୁବର ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାମ କିଙ୍ଗ୍ସ ମଧ୍ୟ ଜେମିସନଙ୍କ ନେବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ଏହି ଦୁଇ ଦଳ ବିଡ୍‌ରେ ପରାସ୍ତ ହୋଇଥିଲେ। ଆଗକୁ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳାଯିବାକୁଥିବାରୁ ଜେମିସନ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଟିମ୍ ସହ ଖ୍ରୀଷ୍ଟ ଚର୍ଚ୍ଚରେ ଅଛନ୍ତି। ଜେମିସନ ଗତବର୍ଷ ନିଜ ଦେଶରେ ଭାରତ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ।

## ଓଡ଼ିଶା ଏଫ୍‌ସି ଛାଡ଼ିଲେ ପେଟନ

**ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି):** ଅନ୍ତରିଣ କୋଚ୍ ଗେରାଲ୍ଡ ପେଟନ ବ୍ୟକ୍ତିଗତ କାରଣ ଦର୍ଶାଇ ଓଡ଼ିଶା ଏଫ୍‌ସି ଛାଡ଼ିଛନ୍ତି। ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ଗୋଆ ବିପକ୍ଷ ମ୍ୟାଚପରେ ସେ ସ୍ୱଦେଶ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଚଳିତ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଶେଷ ୨ଟି ମ୍ୟାଚପାଇଁ ସେ ଉପଲବ୍ଧ ହେବେନାହିଁ। ପେନଟଙ୍କ ଅନୁପସ୍ଥିତିରେ କୋଚ୍ ଷ୍ଟିଭେନ ଡିଆସଙ୍କୁ ଅନ୍ତରିଣ ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ଓଡ଼ିଶା ଏଫ୍‌ସି ଏହାର ଶେଷ ୨ଟି ଲିଗ୍ ମ୍ୟାଚ ମୁମ୍ବାଇ ସିଟି ଏଫ୍‌ସି ଓ ଇଷ୍ଟବେଙ୍ଗଲ ବିପକ୍ଷରେ ଖେଳିବ।

## ରାଜ୍ୟ ତୀରନ୍ଦାଜୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଆର୍ଚେରୀ ଆସୋସିଏଶନ ଆନୁକୂଲ୍ୟରେ ୨୨ତମ ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଶୁକ୍ରବାର କଟକର ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ କିଡ୍ସ କାଟେଗୋରିର ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ଭଦ୍ରକର ପୀୟୁଷ ପ୍ରୀତମ ଦୀକ୍ଷିତ ପ୍ରଥମ, କଳାହାଣ୍ଡିର ରୋମିୟା ମାଝି ଦ୍ୱିତୀୟ ଓ ସମ୍ବଲପୁରର କ୍ରିଶ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗରେ କଟକର ପ୍ରିଶା ମିଶ୍ର ପ୍ରଥମ ହୋଇଥିଲେ। ରିକର୍ଭ ରାଉଣ୍ଡର ବାଳକ ବିଭାଗରେ କଟକର ଜେ.ଭିହାନ ରେଡ୍ଡୀ ପ୍ରଥମ ହୋଇଥିବାବେଳେ ବାଳିକାରେ ହିମାଦ୍ରି ବାଗାର୍ତ୍ତୀ ଓ ସୁଶ୍ରୀ ଆଲିଶା ପ୍ରଧାନ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି।


ପ୍ରଥମ ଦିବସରେ ଅନୁଷ୍ଠିତ କିଡ୍ସ କାଟେଗୋରିରେ ଦୁଇ ପ୍ରତିଯୋଗୀ ତୀର ଚାଳନା କରୁଛନ୍ତି।

## ଭୁବନେଶ୍ୱର 'ଏ'ର ବୃହତ୍ ବିଜୟ


ଦେବାଶିଷ ନାୟକ


ଶ୍ରେଷ୍ଠ ସିଂ


ରୀତେଶ ପ୍ରିୟରଞ୍ଜନ


ସାଗର ମଲିକ


ସାଇଦୀପ ମହାପାତ୍ର

### ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍

**ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୪ଟି ସୁପରଲିଗ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର 'ଏ', 'ବି', କିଟ୍ ଓ କଟକ 'ଏ' ଦଳ ବିଜୟ ହାସଲ କରିଛି।

ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୬ ଉଇକେଟରେ ରାଉରକେଲାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାଉରକେଲା ୩୪.୩ ଓଭରରେ ମାତ୍ର ୯୨ ରନକରି ଅଲଆଉଟ ହୋଇଥିଲା। ଅଧିନାୟକ ହେମନ୍ତ ନାୟକ ସର୍ବାଧିକ ୩୨ ରନ କରିଥିଲେ। ବିପକ୍ଷ ଦଳର ଦେବାଶିଷ ନାୟକ ୧୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ସୁଶୀଲ ବାରିକ ଓ ବିକାଶ ନାଏକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୯୩ ରନ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର 'ବି' ୨୬.୧ ଓଭରରେ ୪ ଉଇକେଟ ହରାଇ ୯୬ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ସାରାଂଶ କୁମାର ସର୍ବାଧିକ ୪୨ ରନ କରି ଅପରାଜିତ ରହିଥିଲେ। ପରାଜିତ ଦଳର ଗୌତମ ସୁନା ୩ଟି ଉଇକେଟ ନେଇଥିଲେ। ରେଲୱେ ଷ୍ଟାଡିୟମରେ ଭୁବନେଶ୍ୱର 'ଏ' ୨୩୨ ରନରେ ଭଦ୍ରକକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର 'ଏ' ୫୦ ଓଭରରେ ୮ ଉଇକେଟ ହରାଇ ୨୮୮ ରନ କରିଥିଲା। ଅଧିନାୟକ ଅଂଶୁମାନ ସାହୁ ସର୍ବାଧିକ ୭୨, ସମ୍ବିତ ବରାଳ ୫୭, ଏମ.ଜି. ଗୋନାଳ ୫୫ ଓ ସାଇ ଶୁଭମ୍ ୫୨* ରନ କରିଥିଲେ। ପ୍ରତିପକ୍ଷ ଦଳର କୁମାର ସାହୁ ୪ଟି ଓ ଆଶୁତୋଷ ସାମଲ ୨ଟି ଉଇକେଟ ନେଇଥିଲେ। ଚାପର ବଶବର୍ତ୍ତୀ ହୋଇ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଭଦ୍ରକ ୨୧ ଓଭରରେ ମାତ୍ର ୫୬ ରନ କରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ରୀତେଶ ପ୍ରିୟରଞ୍ଜନ ମାତ୍ର ୧୧ ରନ ଦେଇ ୫ ଉଇକେଟ ନେଇଥିବାବେଳେ ଶୁଭମ୍ ଶ୍ରୀ ୨ଟି ଉଇକେଟ ପାଇଥିଲେ।

### ସମ୍ବଲପୁରକୁ ହରାଇଲା କିଟ୍

କଟକର ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କିଟ୍ ୪ ଉଇକେଟରେ ସମ୍ବଲପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ସମ୍ବଲପୁର ବିପକ୍ଷ ଦଳର ବୋଲିଂକୁ ସାମ୍ନା କରି ନ ପାରି ୨୮.୪ ଓଭରରେ ମାତ୍ର ୯୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ହ୍ରିତିକ ପଟେଲ ସର୍ବାଧିକ ୩୩ ରନ କରିଥିଲେ। କିଟ୍‌ର ସାଗର ମଲିକ ୧୦ ଓଭରରେ ୨୫ ରନ ଦେଇ ୫ ଉଇକେଟ ସଫଳତା ପାଇଥିବାବେଳେ ମଣିତେଜ ମହାନ୍ତି ୧୯ ରନରେ ୪ଟି ଉଇକେଟ ନେଇଥିଲେ। ଜବାବରେ କିଟ୍ ୨୭.୧ ଓଭରରେ ୬ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରି ନେଇଥିଲା। ନବିଦତ୍ୟ ମଲିକ ୩୫ ରନରେ ଅପରାଜିତ ରହିଥିଲେ। ସମ୍ବଲପୁରର ଶ୍ରେଷ୍ଠ ସିଂ ୫ ଉଇକେଟ ନେଇଥିଲେ। ବିଓଏସ୍‌ଇ ପଡ଼ିଆରେ କଟକ 'ଏ' ୭୩ ରନ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କଟକ 'ଏ' ୫୦ ଓଭରରେ ୯ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୭୭ ରନ କରିଥିଲେ। ବିପକ୍ଷ ଦଳର ପ୍ରଶାନ୍ତ ଗାଙ୍ଗାଇ ଓ ଅରୁଣ ରାଉତ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର ୩୫.୨ ଓଭରରେ ୧୨୨ ରନ କରି ଅଲଆଉଟ ହୋଇଯାଇଥିଲା। ଅଧିନାୟକ ସୁମନ ଓଝା ସର୍ବାଧିକ ୫୫ ରନ କରି ଅପରାଜିତ ରହିଥିଲେ। ବିଜୟୀ ଦଳର ସାଇଦୀପ ମହାପାତ୍ର ୨୦ ରନରେ ୫ଟି ଓ ଶଶାଙ୍ଗ ରୁଙ୍ଗ୍‌ଟା ୩ଟି ଉଇକେଟ ନେଇଥିଲେ।

## ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ସେମିରେ

**ଲଖନପୁର, ୧୯।୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା କ୍ରୀଡ଼ା ସଂଘ ଓ ରାଜ୍ୟ ଫୁଟ୍‌ବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଓଏସ୍‌ଏପି ବାଟାଲିୟନ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଆନ୍ତଃ ଜିଲା ପି. ସି. ବେହେରା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତା ଶୁକ୍ରବାର ୫ମ ଦିବସରେ କ୍ୱାର୍ଟର ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଝାରସୁଗୁଡ଼ା ଓ ଭୁବନେଶ୍ୱର-ବି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର-ବି ଦଳ ୧-୦ଗୋଲ୍‌ରେ ବିଜୟୀ ହୋଇଛି। କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ-ଏ ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ସଙ୍ଘମିତ୍ରା ମଲ୍ଲିକ ଓ ଭୁବନେଶ୍ୱର-ବି ଦଳର କାମିନୀ ମୁଣ୍ଡାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ କରାଯାଇଥିଲା। କେନ୍ଦ୍ରାପଡ଼ା, ଭୁବନେଶ୍ୱର-ଏ, କଟକ, ଭୁବନେଶ୍ୱର-ବି ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଜବାହର ନବୋଦୟ ସ୍କୁଲ୍ ଅଧ୍ୟକ୍ଷା ଦୀକ୍ଷାଜ୍ୟୋତି ମିଶ୍ର, ଡିଏଭି ସ୍କୁଲ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ତାପସ ରାୟ ଚୌଧୁରୀ, ପ୍ରଜ୍ୱଳ ପଟେଲ, ମାନ୍ଧାତା ସାଏ, ବିଜୟ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମିନି ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ନିତ୍ୟାନନ୍ଦ ମେହେର, ସନ୍ୟାସୀ ମୁଣ୍ଡା, ଶଶିକାନ୍ତ ଦାସିଆ ଓ ସୁଲତାନା ପରବିନ୍ ଖେଳ ପରିଚାଳନା କରିଥିଲେ। ସେହିପରି ପରେଡ୍ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍‌ରେ ରାଜେଶ୍ୱର ରାଓ, ନିରଞ୍ଜନ ମହାକୁଡ ଓ ଶୁଭମ୍‌ପାତ୍ର ଖେଳ ପରିଚାଳନା କରିଥିଲେ।

## ସେମିରେ ଭଦ୍ରକ ୟୁନିକ ଏକାଡେମୀ

**ଭଣ୍ଡାରିପୋଖରୀ, ୧୯।୨ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଶୁକ୍ରବାର ୨୭ତମ ରାଜ୍ୟସ୍ତରୀୟ ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର ଟାଉନ କ୍ଲବକୁ ହରାଇ ଭଦ୍ରକ ୟୁନିକ୍ କ୍ରିକେଟ ଏକାଡେମୀ ବିଜୟୀ ହୋଇଛି। ଟାଉନ କ୍ଲବ ଟସ୍ ଜିତି ୧୫ ଓଭରରେ ୭୦ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ଦାସ ୧୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାଜେଶ ବଳ ୫ ଓଭରରେ ୧୨ ରନ୍ ଦେଇ ୪ ଉଇକେଟ ନେଇଥିଲେ। ୟୁନିକ ଏକାଡେମୀ ୯.୫ ଓଭରରେ ୧ ଉଇକେଟ ହରାଇ ୭୪ ରନ୍ କରି ସେମିକୁ ଉନ୍ନୀତ ହୋଇଛି। ଦଳର ତାପସ ରାଉତ ୨୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାକେଶ ବାରିକ ୧ ଉଇକେଟ ନେଇଥିଲେ। ରାଜେଶ ବଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା ଓ ଚିନ୍ମୟ ସେନାପତି ଅମ୍ପାୟାର, ଅଜୟ ବାରିକ ସ୍କୋରର ଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରତ୍ୟୁଷ ସାହୁ। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ଜଳସମ୍ପଦ ସହକାରୀ ଯନ୍ତ୍ରୀ ପରେଶ ଦାସ, ସଦାଶିବ ଦାସ, ଜଗନ୍ନାଥ ଜେନା, ତରଣୀସେନ ସାହୁ, ସୁଶାନ୍ତ ସ୍ୱାଇଁ, ମହାବୀର ଯୁବକ ସଂଘ ସଭାପତି ଗୋପୀନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ।


ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ଚନ୍ଦ୍ରଭାଗାରେ ସିଆଇଆଇ ବିଚ୍ ସକର ୨୨ରୁ

**ଭୁବନେଶ୍ୱର, ୧୯।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାରେ ପ୍ରଥମଥର ପାଇଁ 'ବିଚ୍ ସକର ୨୦୨୧' ଆୟୋଜନ ହେବାକୁ ଯାଉଛି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୨ ତାରିଖରୁ କୋଣାର୍କସ୍ଥିତ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଇଭେଣ୍ଟରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଟେକ୍‌ନିକାଲ ପାର୍ଟନର ଭାବେ ଦାୟିତ୍ୱ ତୁଲାଇବ।

କୋଣାର୍କରେ ଥିବା ଦୀର୍ଘ ସମୁଦ୍ର ଉପକୂଳକୁ ଆହୁରି ଆକର୍ଷଣୀୟ କରିବାକୁ ଓ ଫୁଟ୍‌ବଲର ବିକାଶ ପାଇଁ ପ୍ରଥମଥର ପାଇଁ ଏଭଳି ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଏଥିରେ ୧୦ଟି ଦଳ ଅଂଶଗ୍ରହଣ କରିବ। ଦଳଗୁଡିକ ହେଲା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର, ନାଲ୍‌କୋ, ଟାଟା ଷ୍ଟିଲ୍, ଗୁପ୍ତା ପାୱାର, ଇଣ୍ଡିଆନ ଅଏଲ, ସିଏସ୍‌ଏମ୍, ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ, ପାରାଦୀପ ପୋର୍ଟ ଟ୍ରଷ୍ଟ, ଗ୍ରୀଡ୍‌କୋ ଓ କ୍ୟାପ୍‌ଜେମିନି। ଏହି ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ସାମିଲ ରହିବେ। ଫ୍ଲଡ୍ ଲାଇଟ୍ ତଳେ ୩ ମିନିଟ୍‌ର ବ୍ରେକ୍ ସହ ମ୍ୟାଚ୍‌ଗୁଡିକ ୧୨ ମିନିଟ୍ ଧରି ଖେଳାଯିବ। ଆସନ୍ତା ୨୨ ଓ ୨୩ ତାରିଖରେ ସବୁ ମ୍ୟାଚ୍‌ଗୁଡିକ ଅପରାହ୍ନ ୪ଟାରୁ ଆରମ୍ଭ ହେବ। ୨୩ ତାରିଖ ସନ୍ଧ୍ୟା ୬.୩୦ ମିନିଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଇଭେଣ୍ଟ ଅବସରରେ ଦୁଇଟି ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଖେଳାଯିବ। ଅନ୍ତିମ ଦିବସରେ ସିଆଇଆଇ ଓ ମହିଳା ଦଳ ମଧ୍ୟରେ ଏହି ମ୍ୟାଚ୍ ଆୟୋଜନ ହେବ।




ପର୍ଯ୍ୟଟନ ବିଭାଗ ଓ ସିଆଇଆଇ ମିଳିତ ଭାବେ ଏହି ମେଗା ଇଭେଣ୍ଟ ଆୟୋଜନ କରିବେ ଓ ଏହା ଖୁସିର କଥା ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ କହିଛନ୍ତି। ଏହା ଦ୍ୱାରା ପର୍ଯ୍ୟଟନ ଓ କ୍ରୀଡ଼ାର ବିକାଶ ହେବ ଓ ବିଶ୍ୱରେ ଏହାର ପ୍ରଚାର ଓ ପ୍ରସାର ମଧ୍ୟ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ଫୁଟବଲ ସହିତ ବିଚ୍ ସକର ଅଙ୍ଗାଅଙ୍ଗି ଭାବେ ଜଡିତ ଓ ଏହି ଇଭେଣ୍ଟରେ ଚନ୍ଦ୍ରଭାଗା ବିଚ୍‌ରେ ଉତ୍ସବମୁଖର ପରିବେଶ ସୃଷ୍ଟିକରିବ ଓ ଏହାକୁ ଦେଖିବାକୁ ବହୁ ଲୋକ ଏକାଠି ହେବେ ବୋଲି ଓଡ଼ିଶା କାଉନସିଲର ଟାଟା ଷ୍ଟିଲ ଲିମିଟେଡର ଅଧ୍ୟକ୍ଷ ତଥା କେ.ପି.ଓ. ପ୍ରୋଜେକ୍ଟର ଭାଇସ୍ ପ୍ରେସିଡେଣ୍ଟ ଓ ହେଡ୍ ଅପରେଶନ ରାଜୀବ କୁମାର କହିଛନ୍ତି। ଏହି ଦୁଇ ଦିନିଆ ଇଭେଣ୍ଟ ସଫଳ ହେବ ଓ ଏହା ଦ୍ୱାରା ବିଚ୍ ସହିତ ଜଡିତ ପରିବାର, ଯୁବ ସଂସ୍କୃତି, ଫିଟ୍‌ନେସ ଓ ଅନ୍ୟାନ୍ୟ ଜିନିଷଗୁଡିକର ମହତ୍ତ୍ୱ ବଢ଼ିବ ବୋଲି ସେ କହିଛନ୍ତି।

ଏହି ଭିନ୍ନ ପ୍ରକାରର ଇଭେଣ୍ଟରେ ସାମିଲ ହେବାକୁ ଯାଉଥିବାରୁ ବେଶ୍ ଆନନ୍ଦିତ ଅଛୁ ବୋଲି ଓଡ଼ିଶା ଏଫ୍‌ସିର ଗ୍ରାସ୍‌ରୁଟ ମ୍ୟାନେଜର ଶୁଭମ ଦାସ କହିଛନ୍ତି। ଏହା ଦ୍ୱାରା ରାଜ୍ୟ ସୁନ୍ଦର ସମୁଦ୍ର ଉପକୂଳ ଓ ଫୁଟ୍‌ବଲ ଏକାଠି ହୋଇପାରିବେ। ଏଭଳି କାର୍ଯ୍ୟକ୍ରମର ଆୟୋଜନ ପାଇଁ ଓଡ଼ିଶା ଏଫ୍‌ସି ସବୁବେଳେ ଉତ୍ସର୍ଗୀକୃତ ମନୋଭାବ ଆପଣେଇଛି। ଏହାଦ୍ୱାରା ଫୁଟ୍‌ବଲର ପ୍ରଚାର ଓ ପ୍ରସାର ହେବ। ଏଥିପାଇଁ ସିଆଇଆଇ ଓ ଓଡ଼ିଶା ପର୍ଯ୍ୟଟନ ବିଭାଗକୁ ଧନ୍ୟବାଦ ଜଣାଉଛୁ ବୋଲି ଶୁଭମ କହିଛନ୍ତି।

## ସଂକ୍ଷେପରେ

### ଆଶିଷ ସିଂ ଅବକାରୀ କମିଶନର

ଭୁବନେଶ୍ୱର,୧୯।୨(ବ୍ୟୁରୋ): ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ ନୂଆ ଅବକାରୀ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ଅଞ୍ଜନ କୁମାର ମାଣିକଙ୍କୁ ଆଇଜି ରେଜିଷ୍ଟ୍ରେଶନ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

### ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀଙ୍କ ଭବିଷ୍ୟନିଧି ଅର୍ଥ ବ୍ୟାଙ୍କ ଖାତାକୁ ଗଲା

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ରାଜ୍ୟର ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଅବସର ନେଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ପୂର୍ଣ୍ଣାଙ୍ଗ ବା ପୁନଃମୂଲ୍ୟାୟନ ଭବିଷ୍ୟନିଧି ପାଣ୍ଠି ଅର୍ଥ ସେମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେଲା। ପୂର୍ବରୁ ବିତରଣ ଅଧିକାରୀ (ଡିଡିଓ)ଙ୍କ ମାଧ୍ୟମରେ ଏହା ଜମା ହେଉଥିବାବେଳେ ଏବେ ରାଜ୍ୟ ପେନ୍‌ସନ ଟ୍ରେଜେରି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଚିଠି ସଂଖ୍ୟା ୨୬୯୬୮, ତା.୦୬-୧୦-୨୦ ଏବଂ ଲେଖା ନିୟନ୍ତ୍ରକଙ୍କ ଆଦେଶ ସଂଖ୍ୟା ୧୫, ତା. ୧୯-୦୧-୨୦୨୧ ଅନୁସାରେ ଏହି ପାଣ୍ଠି ଅର୍ଥ ଜମା ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ବ୍ୟାଙ୍କ ଖାତାରେ ଅର୍ଥ ଜମା ବାବଦରେ ଉପଭୋକ୍ତାଙ୍କୁ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ମଧ୍ୟ ସୂଚନା ଦିଆଯାଉଛି। ଏ ସମ୍ପର୍କରେ ସେମାନେ ସମ୍ପୃକ୍ତ ବ୍ୟାଙ୍କ ସହ ହିତାଧିକାରୀ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

### ପଶ୍ଚିମବଙ୍ଗରେ ପରିବର୍ତ୍ତନ ଜରୁରୀ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୨(ବ୍ୟୁରୋ): ଦେଶର ଅର୍ଥନୀତି ସମ୍ଭାଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ପଶ୍ଚିମବଙ୍ଗରେ ଏବେ ଯୁବକମାନେ ରୋଜଗାର ନ ପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ସେମାନଙ୍କୁ ରୋଜଗାର ଦେବା ପାଇଁ ଏଠାରେ ସରକାରଙ୍କୁ ପରିବର୍ତ୍ତନ କରି ମୋଦି ସରକାରଙ୍କୁ ଆଣାଯିବା ଜରୁରୀ। ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ସମେତ ଅନେକ ସ୍ଥାନରେ ଭାଜପା ଦ୍ୱାରା ଆୟୋଜିତ ପରିବର୍ତ୍ତନ ଯାତ୍ରାରେ ଶୁକ୍ରବାର ସାମିଲ ହେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଧର୍ମେନ୍ଦ୍ର କହିଛନ୍ତି, ଭାରତୀୟ ସଭ୍ୟତା, ଜୀବନ, ସ୍ୱାଧୀନତା ସଂଗ୍ରାମ, କଳା, ସାହିତ୍ୟ ଓ ସଂସ୍କୃତିରେ ପଶ୍ଚିମବଙ୍ଗର ସ୍ଥାନ ବହୁ ଉର୍ଦ୍ଧ୍ୱରେ । କିନ୍ତୁ ଏଠାରେ ଅନେକ ମୌଳିକ ସମସ୍ୟା ବିଶେଷଭାବେ ରୋଜଗାର ମୁଖ୍ୟ ସମସ୍ୟା ହୋଇଛି। ଅନେକ ଶିଳ୍ପ କାରଖାନା ବନ୍ଦ ହୋଇପଡିଛି । ରୋଜଗାର ନ ମିଳିବା କାରଣରୁ ଏଠାକାର ଯୁବକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ପଶ୍ଚିମବଙ୍ଗରେ ପରିବର୍ତ୍ତନ ଜରୁରୀ। ଏଠାକାର ସାମଗ୍ରିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତିବଦ୍ଧ । ଏହି କାରଣରୁ ପଶ୍ଚିମବଙ୍ଗର ବିକାଶ ବିନା ସମଗ୍ର ଭାରତ ବର୍ଷର ସନ୍ତୁଳିତ ବିକାଶ ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନର ପରିକଳ୍ପନା କରିଛନ୍ତି । ତେବେ ପଶ୍ଚିମବଙ୍ଗରେ ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଯାଇଥିବା ପରିବର୍ତ୍ତନ ଯାତ୍ରା ସଫଳ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସୌର ପ୍ରକଳ୍ପ ପାଇଁ ୭୦ କୋଟି ବ୍ୟୟବରାଦ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

■ ୨୦୨୨ ସୁଦ୍ଧା ୨୨୫୦ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ଲକ୍ଷ୍ୟ

■ ଚିପିଲିମାରେ ୧୦ ମେଗାୱାଟ୍ ସୌର ପ୍ରକଳ୍ପ ନିର୍ମାଣ ହେବ

ରାଜ୍ୟରେ ୨୦୨୨ ସୁଦ୍ଧା ୨୨୫୦ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶା ଅଣପାରମ୍ପରିକ ନୀତି -୨୦୧୬ ଅନୁଯାୟୀ ଏହି ସୌର ପ୍ରକଳ୍ପ ସ୍ଥାପନ କରାଯିବ। ରାଜ୍ୟରେ ଏ ପର୍ଯ୍ୟନ୍ତ ୪୭୨ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ହେଉଛି। ଏଥିସହିତ ଏହି ସମୟରେ ରାଜ୍ୟର ୧୭ଟି ସହର ଯଥା ସମ୍ବଲପୁର, ବୁର୍ଲା, ହୀରାକୁଦ, ରାଉରକେଲା, ପୁରୀ, ଖୋର୍ଦ୍ଧା, ବ୍ରହ୍ମପୁର, ଛତ୍ରପୁର, ଜୟପୁର, କୋରାପୁଟ, ନବରଙ୍ଗପୁର, ସୁନାବେଡ଼ା, ବାଲେଶ୍ୱର, ଭଦ୍ରକ, ବାରିପଦା, ଭୁବନେଶ୍ୱର ଓ ବଲାଙ୍ଗୀରରେ ସରକାରୀ କୋଠାଘର ଉପରେ ଅତିକମ୍‌ରେ ୧୭ ମେଗାୱାଟ୍ କ୍ଷମତା ବିଶିଷ୍ଟ ରୁଫ୍‌ଟପ୍ ସୋଲାର ପ୍ରକଳ୍ପ ସ୍ଥାପନ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି। ଏହି ପ୍ରକଳ୍ପ ପାଇଁ ୭୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୧-୨୨ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ । ସେହିପରି ସମ୍ବଲପୁର ଚିପିଲିମା ଜଳବିଦ୍ୟୁତ୍ କେନ୍ଦ୍ର ପରିସରଭୁକ୍ତ ଅବ୍ୟବହୃତ ୬୦ ଏକର ଜମିରେ ୧୦ ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ହେବ । ଏ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ଛାତ ଉପରେ ସୌରଶକ୍ତି ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଆର୍ଥିକ ପ୍ରୋତ୍ସାହନ କେବଳ ଆବାସିକ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଉଛି। ୩ କିଲୋୱାଟ୍ କ୍ଷମତା ପାଇଁ ୪୦ ପ୍ରତିଶତ ସବ୍‌ସିଡି ଦିଆଯାଉଥିବା ବେଳେ ୩ କିଲୋୱାଟ୍‌ରୁ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ୨୦ ପ୍ରତିଶତ ସବ୍‌ସିଡି ଦିଆଯାଉଛି। ଏଥିସହିତ ପ୍ରଧାନମନ୍ତ୍ରୀ କୁସୁମ ଯୋଜନାରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଉତ୍ପାଦିତ ସୌରଶକ୍ତିର ୟୁନିଟ୍ ପିଛା ୩.୦୮ ଟଙ୍କା କ୍ରୟ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। କେନ୍ଦ୍ର ସରକାର ୫ ବର୍ଷ ପାଇଁ ୟୁନିଟ୍ ପିଛା ୪୦ ପଇସା ପ୍ରୋତ୍ସାହନ ରାଶି ଦେବାକୁ ଅନୁମୋଦନ କରିଛନ୍ତି। ଅଫଗ୍ରୀଡ୍ ସୌର ପ୍ରକଳ୍ପ ପାଇଁ ରାଜ୍ୟ ସରକାର ବଜେଟରେ ସମ୍ପୂର୍ଣ୍ଣ ବ୍ୟୟବରାଦ କରିଛନ୍ତି। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପ୍ରଶାନ୍ତ ଜଗଦେବଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ମାର୍ଚ୍ଚ ୧୫ରୁ 'କୃଷି ଓଡ଼ିଶା-୨୦୨୧'



ବୈଠକରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ୧୫ରୁ ଆରମ୍ଭ ହେବ 'କୃଷି ଓଡ଼ିଶା-୨୦୨୧'। ଏହା ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଫିକି) ସହଯୋଗରେ ୫ ଦିନ ଧରି ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୃଷି ଭବନଠାରେ ଏକ ପ୍ରସ୍ତୁତି ବୈଠକ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ 'କୃଷି ଓଡ଼ିଶା'ର ବିଷୟବସ୍ତୁ 'ସମନ୍ୱିତ ଚାଷ: ଚାଷୀଙ୍କ ବିକାଶ' ରଖାଯାଇଥିବାବେଳେ ରାଜ୍ୟର କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ଯେପରିଏହା ସହାୟକ ହୋଇପାରିବ ସେଥି ନିମନ୍ତେ ପ୍ରତି ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ବିଭିନ୍ନ ବିଭାଗ ସହିତ ଉପଯୁକ୍ତ ସମନ୍ୱୟ ରଖି କୃଷି ଓଡ଼ିଶା ଆୟୋଜନକୁ ସଫଳ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଚଳିତ ବର୍ଷ 'କୃଷି ଓଡ଼ିଶା'ରେ କୃଷକ ଉତ୍ପାଦକ ସଙ୍ଗଠନ, ମିଲେଟ୍ ମିଶନ ଓ ମିଶନ ଶକ୍ତି, ଅମଳ ପରବର୍ତ୍ତୀ ଫସଲ ପରିଚାଳନା ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଆଦି ବିଷୟ ଉପରେ କେନ୍ଦ୍ରିତ ହେବ। କୋଭିଡ୍-୧୯ ମାର୍ଗଦର୍ଶିକାକୁ ପାଳନ କରି ଏହାର ଆୟୋଜନ କରାଯିବା ସହ ଏହାକୁ ଅଧିକ ସଫଳ କରିବା ପାଇଁ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ କରାଯିବାକୁ ସ୍ଥିର ହୋଇଛି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ, ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଫିକିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚନ୍ଦ୍ରଭାଗାରେ ୩ ଠାକୁରଙ୍କ ମହାସ୍ନାନ



ଠାକୁରଙ୍କୁ ମହାସ୍ନାନ କରାଯାଉଛି।

କୋଣାର୍କ,୧୯।୨(ଡି.ଏନ୍.ଏ.)

ଚନ୍ଦ୍ରଭାଗାରେ ଶୁକ୍ରବାର ମାଘମେଳା କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମାଘବୁଡ଼ ପାଇଁ ଶ୍ରଦ୍ଧାଳଙ୍କୁ ବାରଣ ଥିବାବେଳେ କେବଳ ୫୦୦ଜଣଙ୍କୁ ନେଇ ନୀତି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ମାଘସପ୍ତମୀ ତିଥିରେ ତିନି ଠାକୁର ଚନ୍ଦ୍ରଭାଗା ତୀର୍ଥ ଜଳରେ ମହାସ୍ନାନ କରିଛନ୍ତି। ଠାକୁରଙ୍କ ମହାସ୍ନାନ ପରେ ଭୋରୁ ସେବାୟତମାନେ ବୁଡ଼ ପକାଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ରାତି ୧୦ଟାରେ ମାଧିପୁର ଗ୍ରାମର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର, କୁରୁଜଂଗ ଗ୍ରାମର ଶ୍ରୀଶ୍ରୀ ଦକ୍ଷିଣେଶ୍ୱର ଓ ସନ୍ତପୁର ଗ୍ରାମର ଶ୍ରୀଶ୍ରୀ ଈଶାଣେଶ୍ୱରଙ୍କ ଚଳନ୍ତିପ୍ରତିମା ନିଜ ନିଜ ଆସ୍ଥାନରୁ ବିମାନରେ ବିଜେ କରିଥିଲେ। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ତିନି ଠାକୁର ବଜାର ପରିକ୍ରମା କରିବା ପରେ ଏନ୍‌ଏସି କାର୍ଯ୍ୟାଳୟ, ଆର୍‌ଆଇ ଅଫିସ ଓ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରାତି ୩ଟା ୨୫ରେ ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ଠାକୁରମାନେ ବିଜେ କରିଥିଲେ। ଆଧ୍ୟାତ୍ମିକ ପରିବେଶରେ ହରିବୋଲ ଘଣ୍ଟ ମୃଦଙ୍ଗର ଶବ୍ଦ ତୀର୍ଥ କ୍ଷେତ୍ରକୁ ପ୍ରକମ୍ପିତ କରିଥିଲା। ତୀର୍ଥ ପୁଷ୍କରିଣୀରେ ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ସାଧୁସନ୍ତମାନେ ୧୦୮ ଦୀପ ଆଳତି କରିଥିଲେ। ସମସ୍ତ ନୀତି ସମାପନ ପରେ ତିନି ଠାକୁର ତୀର୍ଥ ଜଳରେ ସ୍ନାନ କରିଥିଲେ। ଭୋର ୪ଟା ୩୦ମିରେ ଠାକୁରଙ୍କ ସେବାୟତ ଓ ସାଧୁସନ୍ତ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇଥିଲେ। ଗ୍ରହଶାନ୍ତି ନିମନ୍ତେ ଶ୍ରଦ୍ଧାଳୁମାନେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସେହିଭଳି ଶାମ୍ବଦଶମୀ ତିଥିରୁ ୨୭ଦିନ ଯାତ୍ରାରେ ବାହାରିଥିବା ପ୍ରଭୁ ସୂର୍ଯ୍ୟ ନାରାୟଣଙ୍କ ଚଳନ୍ତିପ୍ରତିମା ରଥାରୂଢ଼ ହୋଇ ଅବଧୂତ ମଠକୁ ବାହୁଡ଼ି ଆସିଥିଲେ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ଅଞ୍ଚଳରେ ୧୪୪ ଧାରା ଲଗାଯାଇଥିଲା।

**ପୁଷ୍କରିଣୀରେ ୧୦୮ ଦୀପର ଆଳତି**

## କ୍ଷୀରୋଦ ସାହୁ ପାଇବେ 'ଶାମ୍ଭବୀ ପୁରସ୍କାର'

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷ ପାଇଁ ସମ୍ମାନଜନକ ଶାମ୍ଭବୀ ପୁରସ୍କାର ଘୋଷଣା କରାଯାଇଛି। ଅନୁଗୋଳ ଜିଲାର ତାଳଚେର ନିବାସୀ କ୍ଷୀରୋଦ ସାହୁ 'ଅଷ୍ଟମ ଶାମ୍ଭବୀ ପୁରସ୍କାର' ପାଇବେ। ଏକ ପାଞ୍ଚଜଣିଆ ବିଚାରକମଣ୍ଡଳୀ କ୍ଷୀରୋଦଙ୍କୁ ବିଜେତା ଭାବେ ବାଛିଛନ୍ତି। କ୍ଷୀରୋଦ ଶିକ୍ଷା ଓ ନୈତିକ ସହାୟତା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିବା ସହ ସାମାଜିକ ସେବା ପାଇଁ ନିଜକୁ ସମର୍ପି ଦେଇଛନ୍ତି। ତାଙ୍କର ସମ୍ପୂର୍ଣ୍ଣ ଧଳା ଡ୍ରେସ୍ କୋଡ୍ ଓ ମୋଟର ସାଇକେଲ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ଆବଶ୍ୟକ ସମୟରେ ସେ ଲୋକଙ୍କ ନିକଟରେ ସର୍ବଦା ପହଞ୍ଚି ସେମାନଙ୍କ ହୃଦୟ ଜିତିପାରିଛନ୍ତି। ଏସବୁ ସାମାଜିକ ସେବାକାର୍ଯ୍ୟ ପାଇଁ ତାଙ୍କୁ 'ଶାମ୍ଭବୀ ପୁରସ୍କାର' ନିମନ୍ତେ ମନୋନୀତ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର ସହିତ ୨ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ। ଉଦୀୟମାନ ସମାଜ ପ୍ରବର୍ତ୍ତକମାନଙ୍କୁ ସ୍ୱୀକୃତି ପ୍ରଦାନ ଏବଂ ଏହାଦ୍ୱାରା ଅଧିକରୁ ଅଧିକ ନାଗରିକଙ୍କୁ ପରିବର୍ତ୍ତନର ପ୍ରତିନିଧି ଭାବେ କାର୍ଯ୍ୟ କରିବା ଦିଗରେ ଅନୁପ୍ରାଣିତ କରିବା ପାଇଁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ୨୦୧୪ରୁ ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଅପରପକ୍ଷରେ ଶାମ୍ଭବୀ ପୁରସ୍କାର କମିଟି ଭୁବନେଶ୍ୱରର ନିବେଦିତା ଲେଙ୍କାଙ୍କୁ 'ଜୁରି କମେଣ୍ଡେଶନ-୨୦୨୧ ପୁରସ୍କାର' ନିମନ୍ତେ ଘୋଷଣା କରିଛନ୍ତି। 'ଯଶୋଦା ମା' ଭାବେ ଜଣାଶୁଣା ନିବେଦିତା ତାଙ୍କ ଜୀବନର ୧୫ବର୍ଷ ସାମାଜିକ ଅବହେଳିତ ପିଲାଙ୍କ ଉଚ୍ଚଶିକ୍ଷା ଓ ଜୀବିକା ନିମନ୍ତେ ନିଜକୁ ଉତ୍ସର୍ଗ କରିଛନ୍ତି। ବିଜେତାଙ୍କୁ ଆସନ୍ତା ମାର୍ଚ୍ଚରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ।

## ହର୍ଟିକଲଚର ଓଭରସିୟର ଗିରଫ



ଉମାଶଙ୍କର ବେହେରାଙ୍କୁ ଭିଜିଲାନ୍ସ କର୍ମଚାରୀ କାବୁ କରିଛନ୍ତି।

ବୁଗୁଡ଼ା,୧୯।୨(ଡି.ଏନ.ଏ.)

**ଲାଞ୍ଚ ନେବାବେଳେ ମୂଲିଆ ବେଶରେ ଧରିଲା ଭିଜିଲାନ୍ସ**

ଗଞ୍ଜାମ ଜିଲା ଭଞ୍ଜନଗର ଉଦ୍ୟାନ ବିଭାଗ କାର୍ଯ୍ୟାଳୟର ବୁଗୁଡ଼ା ଦାୟିତ୍ୱରେ ଥିବା ଓଭରସିୟର ଶୁକ୍ରବାର ଲାଞ୍ଚ ନେଇ ଗିରଫ ହୋଇଛନ୍ତି। ସେ ହେଲେ ଉମା ଶଙ୍କର ବେହେରା। ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲିଠାରେ ଚାଷୀ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କଠାରୁ ଉମାଶଙ୍କର ୨୬ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ କର୍ମଚାରୀ ତାଙ୍କୁ କାବୁ କରିଛନ୍ତି। ଏ ନେଇ ନଂ. ୨/୨୧ରେ ଏକ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି। ଭଞ୍ଜନଗର ଲଣ୍ଡେଇସାହିରେ ଥିବା ଉମାଶଙ୍କରଙ୍କ ବାସଭବନରେ ଭିଜିଲାନ୍ସର ଏକ ଟିମ୍ ଚଢ଼ାଉ କରିଛି। ଗତ ଅକ୍ଟୋବର ମାସରେ କରଚୁଲିରେ ପରିବା ଚାଷରେ ଲତା ବାଡ଼ କରିବା ପାଇଁ ଓଭରସିୟର ଉମାଶଙ୍କର ୧୩ ଚାଷୀଙ୍କୁ ୧୨,୫୦୦ ଟଙ୍କା ଲେଖାଏର କାର୍ଯ୍ୟାଦେଶ ଦେଇଥିଲେ। ବାଡ଼ କାମ ସରିବା ପରେ ଉମାଶଙ୍କର ୧୦ ଜଣଙ୍କୁ ବିଲ୍ ବାବଦ ଅର୍ଥ ଦେଇଥିବା ବେଳେ ୩ ଜଣଙ୍କ ବିଲ୍ କରି ନ ଥିଲେ। ଏହି ୩ ଜଣଙ୍କ ବିଲ୍ ପାସ କରିବାକୁ ସେ ପୂର୍ଣ୍ଣଚନ୍ଦ୍ରଙ୍କୁ ୧୩ ଚାଷୀଙ୍କଠାରୁ ୨୦୦୦ ଟଙ୍କା ଲେଖାଏ ଆଦାୟ କରି ୨୬ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ଏଥିରେ ଚାଷୀମାନେ ରାଜି ହୋଇ ନ ଥିଲେ। ପୂର୍ଣ୍ଣଚନ୍ଦ୍ର ଏ ସମ୍ପର୍କରେ ଗତ ବୁଧବାର ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଭିଜିଲାନ୍ସ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ନାୟକ ଓ ଶରତ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବ୍ରହ୍ମପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାକର ସେଠୀ ଓ କିରାଣି ସୂର୍ଯ୍ୟନାରାୟଣ ପଣ୍ଡା କରଚୁଲିରେ ପୂର୍ଣ୍ଣଚନ୍ଦ୍ରଙ୍କ ଫାର୍ମ ହାଉସକୁ ଆସିଥିଲେ। ସେମାନେ ଯୋଜନା ପ୍ରକାରେ ମୂଲିଆ ବେଶ ହୋଇ ମାଟି ଖୋଳା ଓ ଫାର୍ମହାଉସରେ ରଙ୍ଗ ଦେବା କାମ କରିବା ଅଭିନୟ କରିଥଲେ। ଏହି ସମୟରେ ଓଭରସିୟର ଉମାଶଙ୍କର ସେଠାକୁ ଆସି ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ୨୬ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ।

# ଶ୍ରଦ୍ଧାଳୁଙ୍କୁ ବାରଣ ନେଇ କଂଗ୍ରେସର ଏତଲା

କୋଣାର୍କ,୧୯।୨(ଡି.ଏନ୍.ଏ.)



କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ କଂଗ୍ରେସକର୍ମୀମାନେ ଏତଲା ଦେଉଛନ୍ତି।

ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ତୀର୍ଥରେ ଅନୁଷ୍ଠିତ ମାଘସପ୍ତମୀ ବୁଡ଼କୁ ଶ୍ରଦ୍ଧାଳୁଙ୍କୁ ବାରଣ ଓ ଚନ୍ଦ୍ରଭାଗାରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯିବା ନେଇ କୋଣାର୍କ ନଗର କଂଗ୍ରେସ ଓ କାକଟପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିରୋଧ କରିବା ସହ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ଚଳିତଥର ମାଘମେଳାରେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କୁ ବୁଡ଼ ପକାଇବା ପାଇଁ ବାରଣ କରାଯିବା ସହ ଉକ୍ତ ଅଞ୍ଚଳରେ ୧୪୪ ଧାରା ଲଗାଯାଇଥିଲା। ତେବେ ଏହାକୁ ବିରୋଧ କରି କାକଟପୁର ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପ୍ରଭାରୀ ସୁବାସ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କୋଣାର୍କ ନଗର କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ବଜାର ପରିକ୍ରମା କରିବା ସହ ଜିଲା ପ୍ରଶାସନ ଓ ସ୍ଥାନୀୟ ମନ୍ତ୍ରୀଙ୍କ ମନମୁଖୀ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାରେ କୋଣାର୍କ ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କାଣ୍ତି, ପୂର୍ବତନ ସରପଞ୍ଚ ବିଚିତ୍ରା ନନ୍ଦ ଦାସ, ପ୍ରତାପ କାଣ୍ତି, ପୂର୍ବତନ କାଉନସିଲର ସୁବୋଧ ଖଟୁଆ, ବିଜୟ କୁମାର ନନ୍ଦୀ, କଂଗ୍ରେସ ସାଧାରଣ ସମ୍ପାଦକ ନୃସିଂହ ନାୟକ, କାକଟପୁର ବ୍ଲକ ୮ନଂ ଜୋନ ସଭାପତି ଲକ୍ଷ୍ମୀକାନ୍ତ ଜେନା ଓ ବିଶ୍ୱାସ ଦେବ ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ଥିଲେ। ଦଳ ପକ୍ଷରୁ ଜିଲା ପ୍ରଶାସନର ଏପରି କାର୍ଯ୍ୟ ନୀତି ବିରୋଧ ବୋଲି କହିବା ସହ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ପୋଖରୀରୁ ମୃତଦେହ ଜବତ

ସାଲେପୁର,୧୯।୨(ଡି.ଏନ.ଏ.)

ସାଲେପୁର ଥାନା ରାଇସୁଙ୍ଗୁଡ଼ା ଗ୍ରାମର ବ୍ରାହ୍ମଣ ସାହି ପୋଖରୀରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର ରଶ୍ମିରଞ୍ଜନ ଷଡ଼ଙ୍ଗୀ (୫୨)। ସେ ୨ ଦିନ ହେବ ନିଖୋଜ ଥିଲେ। ପୋଖରୀରେ ରଶ୍ମିରଞ୍ଜନଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଶନିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବ। ରଶ୍ମିରଞ୍ଜନଙ୍କ ପରିବାରରେ ଆଉ କେହି ନ ଥିବା ଗ୍ରାମବାସୀ କହିଛନ୍ତି।



ଧାନମଣ୍ଡିରେ ଲାଗିରହିଥିବା ଅବ୍ୟବସ୍ଥା ପ୍ରତିବାଦରେ ବିଧାନସଭା ଗୃହରେ ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟଙ୍କ ହଙ୍ଗାମା।

# ଭିଡିଓ ଭାଇରାଲ ନେଇ ବିଜେଡି, ଭାଜପା ମୁହାଁମୁହିଁ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ବିଧାନସଭାରେ ଆଲୋଚନା ପାଇଁ ଚାଷୀ ସମସ୍ୟା, ସୀମା ବିବାଦ, ଓଡିଶା ସୀମାରେ ଆନ୍ଧ୍ର ନିର୍ବାଚନ କରାଇବା, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଆଦି ପ୍ରସଙ୍ଗ ରହିଛି। ଏହି ସମୟରେ ରାଜ୍ୟ ସରକାର ଜାଣିଶୁଣି ଏସ୍‌ଆଇଟିକୁ ଲଗାଇ ପରୀ ହତ୍ୟାକାଣ୍ଡ ସମ୍ପର୍କିତ ଭିଡିଓ ଗଣମାଧ୍ୟମରେ ରିଲିଜ କରାଇଥିବା ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଅଭିଯୁକ୍ତ ନାବାଳକଙ୍କ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇନାହିଁ । ତଦନ୍ତ ପ୍ରକ୍ରିୟା ଚାଲିଥିବାବେଳେ ପଚରାଉଚରା ସମୟରେ ଅଭିଯୁକ୍ତଙ୍କ ବ୍ୟକ୍ତିଗତ ଭିଡିଓକୁ ଭାଇରାଲ କରିବା ଆଇନ ଅସଙ୍ଗତ। ଗଣତନ୍ତ୍ର ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଏହି ରିପୋର୍ଟ କେବଳ ଯାଞ୍ଚ ଏଜେନ୍ସି ଓ ହାଇକୋର୍ଟ ମଧ୍ୟରେ ରହିବା କଥା । କିନ୍ତୁ ରାଜ୍ୟ ସରକାରଙ୍କ ଏସ୍‌ଆଇଟି ଏହାକୁ ଜାଣିଶୁଣି ପୂର୍ବରୁ ପ୍ରଘଟ କରିଥିଲେ ଏବଂ ଗୁରୁବାରର ଭିଡିଓ ମଧ୍ୟ ଏସ୍‌ଆଇଟି ପ୍ରଘଟ କରିଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ପରୀ ହତ୍ୟାକାଣ୍ଡର ତଦନ୍ତକୁ ବାଟବଣା କରିବା ଏବଂ ବିଧାନସଭାରେ ରାଜ୍ୟ ସରକାରଙ୍କ ଅପାରଗତା ନେଇ ଯେଉଁସବୁ ପ୍ରସଙ୍ଗ ରହିଛି ସେଥିରୁ ଦୃଷ୍ଟି ହଟାଇବା ପାଇଁ ଏସ୍‌ଆଇଟି ଅଭିଯୁକ୍ତଙ୍କ ଭିଡିଓ ଭାଇରାଲ କରିଛି । ଏହି ଭିଡିଓକୁ କେଉଁ ବ୍ୟକ୍ତି କାହା ନିର୍ଦ୍ଦେଶରେ ଭାଇରାଲ କରିଛନ୍ତି ତାହାର ତଦନ୍ତ ହେବା ନିହାତି ଆବଶ୍ୟକ । ଏହି ଷଡ଼ଯନ୍ତ୍ରରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ମୁଖା ଖୋଲଯିବା ଦରକାର ବୋଲି ସେ କହିଛନ୍ତି। ଭାଜପା ମନ୍ତବ୍ୟ ଉପରେ କଡା ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଲେଖାଶ୍ରୀଙ୍କ ବକ୍ତବ୍ୟ ଯେତିକି ଆଶ୍ଚର୍ଯ୍ୟଜନକ ତାହାଠାରୁ ଅଧିକ ଯନ୍ତ୍ରଣାଦାୟକ। ସେ ଭୁଲି ଯାଉଛନ୍ତି ପରୀ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ଏକ ଜଘନ୍ୟ ଅପରାଧ । ଏହି ଘଟଣାର ତଦନ୍ତ ତାଙ୍କ ଇଚ୍ଛା ଅନୁଯାୟୀ ନୁହେଁ ବରଂ ବିଭିନ୍ନ ତଥ୍ୟ ପ୍ରମାଣକୁ ନେଇ କରାଯାଇଛି। ପ୍ରଥମ ଦିନରୁ ଲକ୍ଷ୍ୟ କରାଯାଉଛି ଭାଜପା ତଦନ୍ତକୁ ବାଟବଣା ଲାଗି ଉଦ୍ୟମ କରିବା ସହିତ ଅଭିଯୁକ୍ତଙ୍କୁ ବଞ୍ଚାଇବା ପାଇଁ ବ୍ୟକ୍ତିଗତ ସ୍ତରରେ ଅତ୍ୟନ୍ତ ଅଶାଳୀନ ଓ ଅପମାନଜନକ ଶବ୍ଦ ପ୍ରୟୋଗ କରୁଛନ୍ତି । ଏଭଳି ଆଚରଣ ଓ ଉଚ୍ଚାରଣ ପାଇଁ ତାଙ୍କୁ ଲଜ୍ଜା ଲାଗିବା କଥା। ଅତୀତରେ ରାଜ୍ୟ ରାଜନୀତିରେ କେବେ ହେଲେ ଏଭଳି ଶବ୍ଦ ବ୍ୟବହାର ଦେଖାଯାଇ ନ ଥିଲା, ଯାହା ଓଡିଆ ସଂସ୍କୃତି ଓ ନୀତିର ପରିପନ୍ଥୀ ବୋଲି ଇପ୍ସିତା କହିଛନ୍ତି।

## ମାସ୍କ ପାଇଁ ମାର୍ଶାଲ ନିଯୁକ୍ତ

ଗତ ୩ ସପ୍ତାହ ମଧ୍ୟରେ ଶୁକ୍ରବାର କରୋନା ନୂଆ ସଂକ୍ରମଣ ମାମଲା ସର୍ବାଧିକ ହୋଇଥିବା ଜଣାପଡ଼ିଛି। ୭୫ ପ୍ରତିଶତ ନୂଆ ମାମଲା କେରଳ ଓ ମହାରାଷ୍ଟ୍ରରୁ ଆସୁଛି। କେରଳରେ ଶିକ୍ଷାନୁଷ୍ଠାନ ଖୋଲିବା ଏବଂ ମୁମ୍ବାଇରେ ଲୋକାଲ ଟ୍ରେନ୍ ଚଳାଚଳ ଯୋଗୁ କୋଭିଡ୍ ସଂକ୍ରମଣ ବଢ଼ୁଥିବା କୁହାଯାଉଛି। ଫଳରେ ମୁମ୍ବାଇରେ ମାସ୍କ ନିୟମ କଡ଼ାକଡ଼ି ପାଳନ କରିବା ଲାଗି ପାଖାପାଖି ୫ ହଜାର ମାର୍ଶାଲ ନିଯୁକ୍ତ କରାଯାଇଛି।

## ସଂକ୍ଷେପରେ

### କୋଇଲା ଦୁର୍ନୀତି ପଶ୍ଚିମବଙ୍ଗରେ ସିବିଆଇ ଚଢ଼ାଉ

**କୋଲକାତା, ୧୯।୨(ଆଇଏଏନ୍ଏସ୍):** ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗରେ କୋଇଲା ଦୁର୍ନୀତିକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଜୋର୍‌ଦାର ଚଢ଼ାଉ ଆରମ୍ଭ ହୋଇଛି। ଶୁକ୍ରବାର କୋଇଲା ମାଫିଆ ଜୟଦେବ ମଣ୍ଡଳଙ୍କ ଘର ସମେତ ୪ ଜିଲାର ୧୩ଟି ସ୍ଥାନରେ ସିବିଆଇ ଅଧିକାରୀମାନେ ଚଢ଼ାଉ କରିଛନ୍ତି। ଫେରାର ଥିବା କୋଇଲା ମାଫିଆ ଅନୁପ୍ ମାଝି ସମ୍ପୃକ୍ତ କୋଇଲା ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ଜାରି ରହିଛି। କୋଲକାତା, ପୁରୁଲିଆ, ପଶ୍ଚିମ ବର୍ଦ୍ଧମାନ ଏବଂ ବାଙ୍କୁଡ଼ାରେ ଚଢ଼ାଉ ହୋଇଥିଲା।

କୋଇଲା ଚୋରା କାରବାର ମାମଲାରେ ଗତବର୍ଷ ନଭେମ୍ବର ୨୮ରେ ସିବିଆଇ ଟିମ୍ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତରପ୍ରଦେଶର ୪୫ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରିଥିଲା।


### ଅମିତ୍ ଶାହାଙ୍କୁ ସମନ



**ନୂଆଦିଲ୍ଲୀ, ୧୯।୨:** ତୃଣମୂଳ କଂଗ୍ରେସ ଏମ୍‌ପି ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ଦାଏର ମାନହାନି ମାମଲା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଏକ ସ୍ୱତନ୍ତ୍ର କୋର୍ଟ ସମନ ଜାରି କରିଛି। ୨୨ ତାରିଖରେ ହାଜର ହେବା ଲାଗି ବିଧାୟକ ଓ ଏମ୍‌ପିମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ଅଦାଲତ ଶାହାଙ୍କୁ ନିର୍ଦ୍ଦେଶ ଦେଇଛି। ୨୦୧୮ ଅଗଷ୍ଟରେ କୋଲକାତାରେ ଅନୁଷ୍ଠିତ ଭାଜପାର ଯୁବ ସ୍ୱାଭିମାନ ସମାବେଶ ରାଲିରେ ଶାହା ଟିଏମ୍‌ସି ନେତା ଅଭିଷେକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଅଭିଷେକ ନାରଦା, ସାରଦା, ରୋଜ ଭ୍ୟାଲି, ସିଣ୍ଡିକେଟ ଦୁର୍ନୀତି ସହ ସମ୍ପୃକ୍ତ ବୋଲି ଶାହା କହିଥିଲେ। ଅଭିଷେକ ଏନେଇ ମାନହାନି ମାମଲା ଦାଏର କରିଥିଲେ।

### ଉନ୍ନାଓ ମାମଲାରେ ୨ ଗିରଫ

**ଲକ୍ଷ୍ନୌ, ୧୯।୨:** ଉତ୍ତରପ୍ରଦେଶର ଉନ୍ନାଓରେ ଦୁଇ ନାବାଳିକା ମୃତ୍ୟୁ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଦୁଇ ଝିଅଙ୍କ ମୃତଦେହ ରହସ୍ୟଜନକ ସ୍ଥିତିରେ ମିଳିଥିବାବେଳେ ତୃତୀୟ ଝିଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗିରଫ ଦୁଇଜଣଙ୍କ ମଧ୍ୟରୁ ଜଣେ ୩ ନାବାଳିକାଙ୍କୁ ବିଷ ଦେଇଥିବା ପୋଲିସ କହିଛି। ଗିରଫ ଦୁଇଜଣଙ୍କ ମଧ୍ୟରୁ ଜଣକ ନାଁ ବିନୟ ଓରଫ ଲମ୍ବୁ ହୋଇଥିବାବେଳେ ଅନ୍ୟ ଜଣକ ନାବାଳକ। ଜଣେ ନାବାଳିକା ସହ ବିନୟଙ୍କର ସମ୍ପର୍କ ହୋଇଥିଲା। ସେ ଉକ୍ତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲେ। କିନ୍ତୁ ନାବାଳିକା ଏହାକୁ ବିରୋଧ କରୁଥିଲେ। ତାଙ୍କୁ ମାରିଦେବା ପାଇଁ ବିନୟ କୀଟନାଶକ ମିଶା ପାଣି ପିଇବାକୁ ଦେଇଥିଲେ। ସେହି ପାଣି ବୋତଲକୁ ୩ ଜଣ ଝିଅ ପିଇଥିବା ବିନୟ ଜାଣି ନ ଥିଲା ବୋଲି କହିଛନ୍ତି।



## ଅଗଷ୍ଟରେ ‘ଅତରଙ୍ଗୀ ରେ’

**ମୁମ୍ବାଇ, ୧୯।୨:** ଅକ୍ଷୟ କୁମାର, ସାରାଅଲ୍ଲୀ ଖାନ ଓ ଧନୁଷଙ୍କ ଅଭିନୀତ ଫିଲ୍ମ ‘ଅତରଙ୍ଗୀ ରେ’ ଆସନ୍ତା ଅଗଷ୍ଟ ୬ ତାରିଖରେ ମୁକ୍ତିଲାଭ କରିବ। ଆନନ୍ଦ ଏଲ୍ ରାଏଙ୍କ ନିର୍ଦ୍ଦେଶନାରେ ଗତ ବର୍ଷ ଡିସେମ୍ବରରୁ ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହୋଇଛି। ଏହାର କିଛି ଫଟୋ ଅକ୍ଷୟ ଟୁଇଟରରେ ଶେୟାର କରିଛନ୍ତି। ଏଥିରେ ସାରା ଉଭୟ ଅକ୍ଷୟ ଓ ଧନୁଶଙ୍କ ସହ ରୋମାନ୍ସ କରୁଥିବା ଦେଖିବାକୁ ମିଳିବ। କରୋନା କଟକଣା ହଟାଯାଇ ପୂର୍ଣ୍ଣ କ୍ଷମତାରେ ସିନେମା ହଲ୍ ଚାଲିବାକୁ କେନ୍ଦ୍ର ସରକାର ଘୋଷଣା କରିବା ପରେ ବଡ଼ ଫିଲ୍ମଗୁଡ଼ିକର ରିଲିଜ ଡେଟ୍ ଧାର୍ଯ୍ୟ କରାଯାଇସାରିଛି। ଏହି ମୁଭିଗୁଡ଼ିକ ମଧ୍ୟରେ ଅମିତାଭ ବଚ୍ଚନଙ୍କ ଝୁଣ୍ଡ, ଅକ୍ଷୟ କୁମାରଙ୍କ ବେଲ ବଟମ୍, ଆୟୁଷ୍ମାନ ଖୁରାନାଙ୍କ ଚଣ୍ଡିଗଡ଼ କରେ ଆସିକି ଆଦି ରହିଛି।

## ରାଜ ପରିବାରରୁ ବିଚ୍ଛେଦ


ପ୍ରିନ୍ସ ହ୍ୟାରି ଓ ମେଘାନ

**ଲଣ୍ଡନ, ୧୯।୨:** ବ୍ରିଟିଶ୍ ରାଜ ପରିବାରରୁ ପ୍ରିନ୍ସ ହ୍ୟାରି ଓ ତାଙ୍କ ସ୍ତ୍ରୀ ମେଘାନ ଚୂଡ଼ାନ୍ତ ସମ୍ପର୍କ ଛିନ୍ନ କରିଛନ୍ତି। ସେମାନେ ରାଜତନ୍ତ୍ରର କାର୍ଯ୍ୟକାରୀ ସଦସ୍ୟ ଭାବେ ଫେରିବେ ନାହିଁ ବୋଲି ରାଣୀ ଏଲିଜାବେଥ୍‌ଙ୍କୁ ଜଣାଇଦେଇଥିବା ବକିଂହାମ୍ ପ୍ୟାଲେସ୍ ପକ୍ଷରୁ ଶୁକ୍ରବାର କୁହାଯାଇଛି। ରାଜକୀୟ ଭୂମିକାରୁ ଓହରିଯିବେ ବୋଲି ଗତବର୍ଷ ଉଭୟ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେମାନଙ୍କ ନିଷ୍ପତ୍ତି ସମସ୍ତଙ୍କୁ ଦୁଃଖିତ କରିଥିଲେ ମଧ୍ୟ ଡ୍ୟୁକ୍ ଓ ଡଚେସ୍ ଅଫ୍ ସସେକ୍ସ ପରିବାରର ସବୁଠୁ ପ୍ରିୟ ସଦସ୍ୟ ଭାବେ ରହିବେ ବୋଲି ପ୍ୟାଲେସ୍ ପକ୍ଷରୁ କୁହାଯାଇଛି। ରାଜ ପରିବାରରୁ ସମ୍ପର୍କ ତୁଟାଇଥିବାରୁ ସେମାନଙ୍କୁ ମିଳିଥିବା ସମ୍ମାନଜନକ ସାମରିକ ନିଯୁକ୍ତି ଓ ରାଜକୀୟ ପୃଷ୍ଠପୋଷକତା ରାଣୀଙ୍କ ପାଖକୁ ଫେରିଆସିବ।

# ସଂଘର୍ଷରେ ମରିଛନ୍ତି ୪ ଚାଇନା ସୈନ୍ୟ

**ନୂଆଦିଲ୍ଲୀ, ୧୯।୨**

**ମାନିଲା ବେଜିଂ**
- ପାଙ୍ଗୋଙ୍ଗ୍ ନିକଟରୁ ସରିଲା ସୈନ୍ୟ ପ୍ରତ୍ୟାହାର
- ଆଜି କମାଣ୍ଡର ସ୍ତରୀୟ ଆଲୋଚନା

ପୂର୍ବ ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ଗତବର୍ଷ ଜୁନ୍‌ରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ସେଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ତେବେ ଚାଇନା ଏହାର ସୈନ୍ୟ ମୃତାହତ ସମ୍ପର୍କରେ ତଥ୍ୟ ଗୋପନ ରଖିଥିଲା। ଶେଷରେ ବେଜିଂ ଗଲ୍‌ୱାନରେ ନିହତ ୪ ସୈନ୍ୟଙ୍କୁ ଶୁକ୍ରବାର ମରଣୋତ୍ତର ଭାବେ ସମ୍ମାନିତ କରିଛି। ଏହି ସଂଘର୍ଷରେ ଅନ୍ୟ ଜଣେ କଲୋନେଲ୍ ଗୁରୁତର ଆହତ ହୋଇଥିଲେ ବୋଲି ବେଜିଂ କହିଛି। ଦେଶ ପାଇଁ ଜୀବନ ଦେଇଥିବା ୪ ସୈନ୍ୟଙ୍କୁ ଚାଇନା ମରଣୋତ୍ତର ଭାବେ ମର୍ଯ୍ୟାଦାଜନକ ଉପାଧି ଓ ପ୍ରଥମ ଶ୍ରେଣୀ ମେରିଟ୍ ପ୍ରଶଂସାପତ୍ର ପ୍ରଦାନ କରିଥିବା ଚାଇନାର ଜାତୀୟ ଗଣମାଧ୍ୟମ ପିପୁଲ୍ସ ଡେଲିରେ ପ୍ରକାଶ ପାଇଛି।

ପାଙ୍ଗୋଙ୍ଗ୍ ହ୍ରଦର ଉଭୟ ପାର୍ଶ୍ୱରୁ ଭାରତ ଓ ଚାଇନା ସେମାନଙ୍କ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେଇଛନ୍ତି। ଏଥିସହିତ ଚାଇନା ସୈନ୍ୟ ସେଠାରେ ନିର୍ମାଣ କରିଥିବା ବଙ୍କର, କ୍ୟାମ୍ପ ଆଦିକୁ ବୁଲ୍‌ଡୋଜରରେ ଭାଙ୍ଗିଦେଇଥିବା ଦେଖାଯାଇଛି। ଏହି ପ୍ରକ୍ରିୟା ଶେଷ ହୋଇଥିବାବେଳେ ଅନ୍ୟ ଅଞ୍ଚଳରୁ ସୈନ୍ୟ ଫେରାଇନେବା ଲାଗି ଶନିବାର ସେନା କମାଣ୍ଡର ସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ। ପାଙ୍ଗୋଙ୍ଗ ହ୍ରଦର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରୁ ସୈନ୍ୟ ପ୍ରତ୍ୟାହାର ଲାଗି ଦୁଇ ସେନା ସହମତିରେ ପହଞ୍ଚିଥିଲେ। ପର୍ଯ୍ୟାୟକ୍ରମେ ଓ ସମନ୍ୱୟ ରକ୍ଷା କରି ସେନା ହ୍ରାସ ଲାଗି ନିଷ୍ପତ୍ତି ହୋଇଥିଲା। ଦୀର୍ଘ ୯ ମାସ ଧରି ପୂର୍ବ ଲଦାଖରେ ମୁହାଁମୁହିଁ ସ୍ଥିତି ଲାଗି ରହିବା ପରେ ସୈନ୍ୟ ପ୍ରତ୍ୟାହାର ସମ୍ପର୍କରେ ଗତ ୧୦ ତାରିଖରେ ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଗଣମାଧ୍ୟମ ଆଗରେ ଘୋଷଣା କରିଥିଲେ। ଲଦାଖରେ ସେନାର ନୂଆ କେ-୯ ହୋୱିତ୍‌ଜର ପରୀକ୍ଷାକୁ ନେଇ ଶନିବାର ଦୁଇ ଦେଶ ମଧ୍ୟରେ ଦଶମ ପର୍ଯ୍ୟାୟ କମାଣ୍ଡର ସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ। ଏହାବ୍ୟତୀତ ଗୋଗ୍ରା, ହଟ୍ ସ୍ପ୍ରିଙ୍ଗ୍‌ସ ଏବଂ ଡେପ୍‌ସାଙ୍ଗ ପ୍ଲେନ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ସମ୍ପର୍କରେ ଆଲୋଚନା ହେବ ବୋଲି ଜଣାପଡିଛି।

## ଗଲ୍‌ୱାନ ସଂଘର୍ଷର ଭିଡିଓ ଜାରି



**ନୂଆଦିଲ୍ଲୀ, ୧୯।୨**

ଗତବର୍ଷ ଜୁନ୍‌ରେ ପୂର୍ବ ଲଦାଖର ଗଲ୍‌ୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ସମୟର ଭିଡିଓ ବେଜିଂ ଜାରି କରିଛି। ଏଥିରେ ଉଭୟ ପକ୍ଷ ସୈନ୍ୟ ସଂଘର୍ଷରେ ଲିପ୍ତ ଥିବା ଦେଖିବାକୁ ମିଳିଛି। ଗଲ୍‌ୱାନ ସଂଘର୍ଷରେ ୩୦ ଚାଇନା ସୈନ୍ୟ ନିହତ ହୋଇଥିବା ଭାରତ ବିଶ୍ୱାସ କରୁଥିବାବେଳେ ୪ ଜଣ ନିହତ ହୋଇଥିବା ଶୁକ୍ରବାର ବେଜିଂ ପ୍ରଥମ ଥର ପାଇଁ ସ୍ୱୀକାର କରିବା ସହ ସେମାନଙ୍କ ନାଁ ଘୋଷଣା କରିଛି। ଭାରତୀୟ ଯବାନମାନେ ଚାଇନା ପାର୍ଶ୍ୱକୁ ଜବରଦସ୍ତ ପ୍ରବେଶ କରିଥିଲେ ବୋଲି ଚାଇନା ଷ୍ଟେଟ୍ ମିଡିଆ ବିଶ୍ଳେଷକ ଶେନ୍ ଶିୱେନି ଅଭିଯୋଗ କରିଛନ୍ତି। ତେବେ ଶେନ୍‌ଙ୍କ ପକ୍ଷରୁ ଟୁଇଟ୍ ହୋଇଥିବା ଅନ୍ୟ ଏକ ଭିଡିଓରେ ଚାଇନା ସୈନ୍ୟମାନେ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣାତ୍ମକ ବ୍ୟବହାର ଦେଖାଉଥିବା ଦେଖିବାକୁ ମିଳିଛି। ଭିଡିଓରେ ଥିବା ପିପୁଲ୍ସ ଲିବରେଶନ ଆର୍ମୀର ଜଣେ ଅଫିସରଙ୍କୁ ଗଲ୍‌ୱାନ ଉପତ୍ୟକା ଅଞ୍ଚଳର ସୀମା ସୁରକ୍ଷାର ସ୍ୱୀକୃତି ସ୍ୱରୂପ ସମ୍ମାନିତ କରାଯାଇଛି। ଚାଇନା ଷ୍ଟେଟ୍ ମିଡିଆ ଭିଡିଓ ମାଧ୍ୟମରେ ଅନ୍ୟ ଏକ ପ୍ରଚାର ପାଇଁ ଉଦ୍ୟମ କରୁଛି। ଭିଡିଓରେ ଉଭୟ ପକ୍ଷର ସୈନ୍ୟ ପ୍ରବଳ ଶୀତରେ ନଦୀ ପାର ହୋଇ ପରସ୍ପରକୁ ଭେଟିବା ସହ ଠେଲାପେଲା ହେଉଥିବା ଦେଖାଯାଉଛି। ରାତି ହେବାରୁ ଫ୍ଲାସ୍ ଲାଇଟ୍, ଲାଠି ଓ ଢାଲ ଧରି ଚିତ୍କାର କରୁଛନ୍ତି।

## ୩ ଦିନ ପାଇଁ ଜେଲ ଗଲେ ଦିଶା ରବି



**ନୂଆଦିଲ୍ଲୀ, ୧୯।୨**

ଚାଷୀ ଆନ୍ଦୋଳନ ସମ୍ପର୍କିତ ଟୁଲ୍‌କିଟ୍ ସୋସିଆଲ ମିଡିଆରେ ଶେୟାର କରିବା ଅଭିଯୋଗରେ ଗିରଫ ହୋଇଥିବା ଜଳବାୟୁ କର୍ମୀ ଦିଶା ରବିଙ୍କୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ହାଜତରେ ୫ ଦିନ ଜେରା କରିବା ପରେ ଦିଲ୍ଲୀ ପୋଲିସ ଦିଶାଙ୍କୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଆକାଶ ଜୈନଙ୍କ ଅଦାଲତରେ ହାଜର କରାଇଥିଲା। ସହଅଭିଯୁକ୍ତ ଶାନ୍ତନୁ ମୁକୁଲ ଏବଂ ନିକିତା ଜାକୋବ୍‌ଙ୍କୁ ଜେରା ପରେ ଆବଶ୍ୟକ ପଡ଼ିଲେ ପୋଲିସ ଦିଶାଙ୍କୁ ପୁଣି ଜେରା ପାଇଁ କୋର୍ଟଙ୍କ ଅନୁମତି ମାଗିପାରେ। ପୂର୍ବ ଜେରା ବେଳେ ଦିଶା ଦେଇଥିବା ଉତ୍ତରରେ ତାଳମେଳ ନ ଥିଲା। ସେ ସହ-ଅଭିଯୁକ୍ତମାନଙ୍କ ଉପରେ ଦୋଷ ଲଦିବାକୁ ଉଦ୍ୟମ କରିଥିଲେ। ସହ-ଅଭିଯୁକ୍ତ ମୁକୁଲ ଓ ଜାକୋବ୍‌ଙ୍କୁ ୨୨ରେ ତଦନ୍ତକାରୀ ସଂସ୍ଥା ଆଗରେ ହାଜର ହେବା ଲାଗି କୁହାଯାଇଛି।


ବଡ଼ଗାମ୍ ଓ ଶୋପିଆନ୍ ଜିଲାରେ ଦୁଇଟି ଘଟଣାରେ ୩ ଆତଙ୍କବାଦୀ ଓ ଜଣେ ପୋଲିସଙ୍କ ମୃତ୍ୟୁ ପରେ ବଘାତ୍ ଚୌକ୍‌ରେ ସୁରକ୍ଷା ବଳର ତଲାସି ଅଭିଯାନ।

## ୩ ପୋଲିସ ଶହୀଦ

**ଶ୍ରୀନଗର, ୧୯।୨(ପି.ଟି.)**

**ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରରେ ପୃଥକ୍ ଘଟଣାରେ ୩ ଆତଙ୍କବାଦୀ ନିହତ ହେବା ସହ ୩ ଜଣ ପୋଲିସ ଶହୀଦ ହୋଇଛନ୍ତି। ଶ୍ରୀନଗର ସହରରେ ଜଣେ ଆତଙ୍କବାଦୀ ୨ ଜଣ ପୋଲିସଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ଉଚ୍ଚ ସୁରକ୍ଷା ବଳୟ ମଧ୍ୟରେ ଥିବା ଏୟାରପୋର୍ଟ ରୋଡ୍‌ରେ ଏହି ଆକ୍ରମଣ ହୋଇଛି। ଆତଙ୍କବାଦୀ ଅତି ନିକଟରୁ ଦୁଇ ପୋଲିସ କର୍ମଚାରୀଙ୍କୁ ଗୁଳି କରିଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ମୃତ ପୋଲିସ କର୍ମଚାରୀଦ୍ୱୟ ହେଲେ କନ୍‌ଷ୍ଟେବଲ୍ ସୋହେଲ ଏବଂ ମହମ୍ମଦ ୟୁସୁଫ୍। ଆକ୍ରମଣକାରୀ ସାକିବ୍ ବୋଲି ଚିହ୍ନଟ କରାଯାଇଛି।

ଗତ ୩ ଦିନ ମଧ୍ୟରେ ଶ୍ରୀନଗର ସହରରେ ଏହା ଦ୍ୱିତୀୟ ଆକ୍ରମଣ। ବୁଧବାର ଆତଙ୍କବାଦୀ ଦୁର୍ଗାନାଗ ଅଞ୍ଚଳରେ ଜଣେ ରେଷ୍ଟୁରାଣ୍ଟ ମାଲିକଙ୍କ ପୁଅଙ୍କୁ ଗୁଳି କରିଥିଲେ। ଶୁକ୍ରବାର ସକାଳେ ଶୋପିଆନ୍‌ର ବଡିଗାମ୍ ଅଞ୍ଚଳରେ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ସେହିପରି ବଡ୍‌ଗାମ୍‌ର ବୀରୱା ଅଞ୍ଚଳରେ ତଲାସି ଅଭିଯାନ ବେଳେ ଜଣେ ପୋଲିସ ନିହତ ହେବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି।

## ପ୍ୟାରିସ୍ ଜଳବାୟୁ ଚୁକ୍ତିକୁ ଫେରିଲା ଆମେରିକା

**ୱାଶିଂଟନ, ୧୯।୨**

ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରୁ ଓହରିଯିବାର ୧୦୭ ଦିନ ପରେ ଆମେରିକା ଶୁକ୍ରବାର ଆନୁଷ୍ଠାନିକ ଭାବେ ଫେରିଥିବାରୁ ବିଶ୍ୱ ନେତୃବୃନ୍ଦ ଏହାର ପ୍ରଶଂସା କରିଛନ୍ତି। ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଆମେରିକା ଅଧିକ ଗମ୍ଭୀରତା ପ୍ରଦର୍ଶନ କରିବ ବୋଲି ବିଶ୍ୱ ନେତାମାନେ ଆଶାବ୍ୟକ୍ତ କରିଛନ୍ତି। ୨୦୩୦ ସୁଦ୍ଧା ଉତ୍ତାପ ବଢ଼ାଉଥିବା ଗ୍ୟାସ୍ ନିର୍ଗମନ କମାଇବା ଲାଗି ରଖାଯାଇଥିବା ଲକ୍ଷ୍ୟ ସମ୍ପର୍କରେ ଆଗାମୀ ଦିନରେ ଆମେରିକାରୁ ଘୋଷଣା ହେବ ବୋଲି ସେମାନେ ଆଶା ରଖିଛନ୍ତି।

# ମଙ୍ଗଳରେ ଜୀବସତ୍ତା ଖୋଜିବ ରୋଭର

ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାକୁ ମିଳିଛି ଅଭୁତପୂର୍ବ ସଫଳତା। ମଙ୍ଗଳ ଗ୍ରହର ଦୁର୍ଗମ ସ୍ଥାନ ଜେଜେରୋ କ୍ରେଟରରେ ‘ପର୍ସିଭେରାନ୍ସ ରୋଭର’ ଅବତରଣ କରାଇ ଏହା ଇତିହାସ ରଚିଛି। ସୌରଜଗତ ସୃଷ୍ଟିର ରହସ୍ୟ ଉନ୍ମୋଚନ ସହ ଲୋହିତ ଗ୍ରହରେ ଜୀବସତ୍ତା ସନ୍ଧାନ କରିବ ଏହି ରୋଭର। ୮ ବର୍ଷ ତଳେ ଆରମ୍ଭ ହୋଇଥିବା ‘ମଙ୍ଗଳ ୨୦୨୦’ ମିଶନର ସଫଳତା ପରେ ଏଠାକୁ ସର୍ବାଧିକ ରୋଭର ପଠାଇବାରେ ମଧ୍ୟ ନାସା ରେକର୍ଡ କରିଛି। ବିଲିୟନ ବର୍ଷ ପୂର୍ବେ ଜେଜେରୋ କ୍ରେଟରରେ ନଦୀ ବହୁଥିବାର ତଥ୍ୟ ମିଳିବା ପରେ ସେଠାରେ ପୂର୍ବରୁ ଜୀବନ ମଧ୍ୟ ରହିଥିଲା ବୋଲି ବୈଜ୍ଞାନିକଙ୍କ ବିଶ୍ୱାସ। ଏହାର ପ୍ରମାଣ ଖୋଜିବାକୁ ଯାଇଥିବା ରୋଭର ସେଠାରୁ ଫଟୋ ଉତ୍ତୋଳନ କରିବ। ଏଥିସହ ସେଥିରେ ଖଞ୍ଜା ଯାଇଥିବା ସ୍ୱତନ୍ତ୍ର ଯନ୍ତ୍ରରେ ମାଟି ଓ ପଥର ନମୁନା ସଂଗ୍ରହ କରାଇ ଜୀବସତ୍ତାର ସନ୍ଧାନ କରାଯିବ। ଏହା ଦ୍ୱାରା ସୃଷ୍ଟିର ଅନେକ ରହସ୍ୟ ଉପରୁ ମଧ୍ୟ ପରଦା ହଟିପାରିବ ବୋଲି ନାସା କହିଛି।

## ନାସାର ନବମ ଅଭିଯାନ

୧୯୭୦ ଦଶକ ପରଠାରୁ ଏହା ନାସାର ନବମ ମଙ୍ଗଳ ଅଭିଯାନ। ପର୍ସିଭରେନ୍ସ ରୋଭର ଏହି ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ ପଠାଯାଇଥିବା ସବୁଠାରୁ ବଡ଼ ରୋଭର। ୧.୮ କେଜି ଓଜନ ବିଶିଷ୍ଟ ଏହି ଯାନର ଉଚ୍ଚତା ୦.୪୯ ମିଟର ହୋଇଥିବାବେଳେ ସେଥିରେ ୧.୨ ମିଟର ଦୀର୍ଘର ରୋବୋଟିକ୍ ଡେଣା ରହିଛି। ଏଥିରେ ୧୯ଟି କ୍ୟାମେରା ଓ ୨ଟି ମାଇକ୍ରୋଫୋନ ଖଞ୍ଜାଯାଇଛି। ଯାନରେ ଲାଗିଥିବା ସ୍ୱତନ୍ତ୍ର ଯନ୍ତ୍ର ସେଠାରୁ ମାଟି ଓ ପଥର ନମୁନା ସଂଗ୍ରହ କରିବ। ୩୦ ଜୁଲାଇ ୨୦୨୦ରେ କେନେଡି ସ୍ପେସ୍ ସେଣ୍ଟରରୁ ରୋଭର ଏହାର ମଙ୍ଗଳ ଯାତ୍ରା ଆରମ୍ଭ କରିଥିଲା। ୬ ମାସରୁ ଅଧିକ ସମୟ ନେଇ ଏହା ଲୋହିତ ଗ୍ରହର ମାଟି ଛୁଇଁଛି। ରୋଭର ସେଠାରେ ଏକ-ମଙ୍ଗଳ ବର୍ଷ ପାଇଁ ରହିବ, ଯାହା ପୃଥିବୀରେ ୬୮୭ ଦିନ ସହ ସମାନ।



## ନେତୃତ୍ୱ ନେଇଥିଲେ ସ୍ୱାତୀ ମୋହନ



ପର୍ସିଭରେନ୍ସ ରୋଭର ଯେତେବେଳେ ମଙ୍ଗଳ ମାଟିରେ ପହଞ୍ଚିଥିଲା ସେତେବେଳେ ଖୁସିରେ ଆତ୍ମହରା ହୋଇ ନାସାର ନିୟନ୍ତ୍ରଣ କକ୍ଷରେ ‘ଟଚ୍‌ଡାଉନ କନଫର୍ମଡ୍’ (ସଫଳତାପୂର୍ବକ ଅବତରଣ କଲା) ବୋଲି ଚିତ୍କାର କରି କହିଥିଲେ ଜଣେ ମହିଳା ବୈଜ୍ଞାନିକ। ଏହି ସ୍ୱର ଥିଲା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ବୈଜ୍ଞାନିକ ଡ. ସ୍ୱାତୀ ମୋହନଙ୍କର। ରୋଭରକୁ ଲୋହିତ ଗ୍ରହରେ ପହଞ୍ଚାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାତୀଙ୍କ ନେତୃତ୍ୱରେ ନାସାର ‘ମଙ୍ଗଳ ୨୦୨୦’ ମିଶନ ଆଗେଇଥିଲା। ଅଭିଯାନକୁ ନିୟନ୍ତ୍ରଣ କରିବା ସହ ସ୍ୱାତୀ ଏହାର ମାର୍ଗଦର୍ଶିକା ମଧ୍ୟ ପାଲଟିଥିଲେ। ରୋଭର ଅବତରଣରେ ସେ ଫ୍ଲାଇଟ୍ କଣ୍ଟ୍ରୋଲର ଦାୟିତ୍ୱରେ ଥିଲେ। ମଙ୍ଗଳ ଗ୍ରହର ବାୟୁମଣ୍ଡଳ ପାର ହୋଇ ମାଟି ଛୁଇଁବା କ୍ଷଣି ଏ ବିଷୟରେ ସେ ପ୍ରଥମେ ଘୋଷଣା କରିଥିଲେ। ଭାରତରେ ଜନ୍ମ ନେଇଥିବା ସ୍ୱାତୀ ମାତ୍ର ୧ ବର୍ଷର ହୋଇଥିବାବେଳେ ପରିବାର ସହ ଆମେରିକା ପଳାଇଥିଲେ। ପିଲାବେଳୁ ହିଁ ବିଜ୍ଞାନ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ୯ ବର୍ଷର ହୋଇଥିବାବେଳେ ଟିଭିରେ ‘ଷ୍ଟାର ଟ୍ରେକ୍’ ଶୋ ଦେଖିବା ପରେ ମହାକାଶ ବିଜ୍ଞାନ ପ୍ରତି ତାଙ୍କର ରୁଚି ବଢ଼ିଥିଲା ବୋଲି ସେ କହିଛନ୍ତି। ସେ କର୍ନେଲ ୟୁନିଭର୍ସିଟିରୁ ମେକାନିକାଲ ଓ ଏରୋସ୍ପେଶ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଏଥିସହ ଏରୋନଟିକ୍ସ/ଆଷ୍ଟ୍ରୋନଟିକ୍ସରେ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରେ ଏମ୍‌ଏସ୍ ଏବଂ ପିଏଚ୍‌ଡି ଡିଗ୍ରୀ ଧାରଣ କରିଛନ୍ତି।

## କଠିନ ୭ ମିନିଟ୍

ପ୍ରାୟ ୨୦ ହଜାର କିଲୋମିଟର ପ୍ରତି ଘଣ୍ଟା ବେଗରେ ମଙ୍ଗଳ ମୁହାଁ ହୋଇଥିବା ନାସା ଯାନ ‘ପର୍ସିଭେରାନ୍ସ ରୋଭର’ର ଅବତରଣ କିନ୍ତୁ ସେତେ ସହଜ ନ ଥିଲା। ଅବତରଣ ପୂର୍ବର ୭ ମିନିଟ୍ ନାସା ବୈଜ୍ଞାନିକଙ୍କ ମନରେ ମିଶନ ଅସଫଳତାର ଆଶଙ୍କା ଜମାଟ ବାନ୍ଧିଥିଲା। ରୋଭର ସଫଳତାର ସହ ମଙ୍ଗଳରେ ଓହ୍ଲାଇପାରିବ କି ନା ତାହା ଜାଣିବାକୁ ସମଗ୍ର ବିଶ୍ୱ ଏହା ଉପରେ ନଜର ଅଟକାଇ ରଖିଥିଲା। ଏହାର ବେଗ ଘଣ୍ଟା ପ୍ରତି ୧୬ଶହ କିମିକୁ କମିବା ପରେ ଏଥିରେ ସଂଯୋଗ କରାଯାଇଥିବା ୭୦.୫ ଫୁଟର ସୁପରସୋନିକ ପାରାସୁଟ୍ ଖୋଲିଥିଲା। ମଙ୍ଗଳରେ ସଫଳ ଅବତରଣ କରିବା ପରେ ବୈଜ୍ଞାନିକମାନେ ଖୁସିରେ ଭାବବିହ୍ୱଳ ହୋଇପଡ଼ିଥିଲେ।

## ସଂକ୍ଷେପରେ

### ବ୍ଲୁ ଷ୍ଟାର ବ୍ୟବସାୟିକ ରେଫ୍ରିଜରେଶନର ବ୍ୟବସ୍ଥା ବିସ୍ତାର ଯୋଜନା

**ଭୁବନେଶ୍ୱର,୧୯।୨:** ଏୟାର କଣ୍ଡିଶନିଂ ଏବଂ ବ୍ୟବସାୟିକ ରେଫ୍ରିଜରେଶନର ପ୍ରମୁଖ କମ୍ପାନୀ ବ୍ଲୁ ଷ୍ଟାର ପକ୍ଷରୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏ ସମ୍ପର୍କରେ ବ୍ଲୁ ଷ୍ଟାରର ପରିଚାଳନା ନିର୍ଦ୍ଦେଶକ ବି.ତ୍ୟାଗରାଜନ ସୂଚନା ଦେଇ କହିଛନ୍ତି ଯେ, ଫାର୍ମାସ୍ୟୁଟିକାଲ ଓ ହେଲ୍‌ଥ କେୟାର, ଏଗ୍ରିକଲଚର, ଡାଏରି, ଫୁଡ୍ ପ୍ରୋସେସିଂ ଏବଂ ହସ୍ପିଟାଲିଟି କ୍ଷେତ୍ରରେ କମ୍ପାନୀର ବ୍ୟବସାୟିକ ରେଫ୍ରିଜରେଶନର ଚାହିଦା କ୍ରମାଗତ ଭାବରେ ବୃଦ୍ଧି ପାଇଛି। ବିକାଶଶୀଳ ଦେଶଗୁଡ଼ିକ ସହିତ ତୁଳନା କରାଗଲେ ଭାରତରେ ବ୍ୟବସାୟିକ ରେଫ୍ରିଜରେଶନର ବ୍ୟବହାର ମାତ୍ର ୫% କମ୍ ରହିଛି, ଯାହାକି ଏହାକୁ ବଢାଇବାରେ ସହଯୋଗ ଓ ବୃଦ୍ଧି କରିବ। ଏହି ବ୍ୟବସ୍ଥାକୁ ବିସ୍ତାର କରିବା ଲାଗି ଯୋଜନା ରଖାଯାଇଛି ବୋଲି ସେ ମତ ଦେଇଛନ୍ତି।

### ଆବ୍‌ସୋଲ୍ୟୁଟ ବାର୍ବେକ୍ୟୁରେ ସି ଫେଷ୍ଟ

**ଭୁବନେଶ୍ୱର,୧୯।୨:** ପ୍ରମୁଖ ବାର୍ବେକ୍ୟୁ ରେଷ୍ଟୁରାଣ୍ଟ ଶୃଙ୍ଖଳା ଆବ୍‌ସୋଲ୍ୟୁଟ ବାର୍ବେକ୍ୟୁ(ଏବିଏସ୍) ସି ଫୁଡ୍ ଫେଷ୍ଟିଭାଲ ଆୟୋଜନ କରୁଛି। ଏହା ଚଳିତ ମାସ ୧୯ରୁ ମାର୍ଚ୍ଚ ୫ ଯାଏ ଚାଲିବ। ସ୍ଥାନୀୟ ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ୯ ଇନ୍‌ଫୋସିଟି ଏଭ୍‌ଠାରେ ଏହି ଏକଜୋଟିକ୍ ବିସ୍ତାର ସି ଫେଷ୍ଟ ଅଣାଯାଇଛି। ସି ଫେଷ୍ଟ ଆଟ୍ ଏବିଏସ୍‌ରେ ସୁସ୍ୱାଦୁ ଖାଦ୍ୟଗୁଡ଼ିକର ଦୁନିଆକୁ ନେଇଯିବ। ସାମୁଦ୍ରିକ ଖାଦ୍ୟଗୁଡିକର ସ୍ୱତନ୍ତ୍ର ସ୍ୱାଦର ମଜା ଗ୍ରାହକ ଲାଭ କରିପାରିବେ। ଡେଜର୍ଟ ଏବଂ ମେନ୍ କୋର୍ସରେ ନିୟମିତ ବିକଳ୍ପ ବ୍ୟତୀତ ବିଭିନ୍ନ ସ୍ଥାନର ସାମୁଦ୍ରିକ ଖାଦ୍ୟ ସହ ବାରାକୁଡା, କ୍ରିସ୍ପି ଫ୍ରାଏଡ୍ ଆଚୋଂଭି, ସ୍ନାପର, ସାର୍କ, ଷ୍ଟିଙ୍ଗରେ, ଇଲ୍, ବମ୍ବେ ଡକ୍, ମାଲାବାର ତାୱା ମ୍ୟାକେରେଲ ଅନ୍ୟ ପ୍ରମୁଖ ଡିସ୍‌ର ସ୍ୱାଦ ଗ୍ରାହକ ନେଇପାରିବେ।

# ବ୍ୟାଙ୍କ ଲକର ନିୟମ କଡ଼ାକଡ଼ି ହେବ

ନୂଆଦିଲ୍ଲୀ,୧୯।୨

**୬ ମାସରେ ନୂଆ ନିୟମ ଆଣିବାକୁ ଆର୍‌ବିଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**




ବ୍ୟାଙ୍କଗୁଡ଼ିକରେ ଲକର ସୁବିଧା ପରିଚାଳନା ସଂକ୍ରାନ୍ତ ନିୟମ କଡ଼ାକଡ଼ି ହେବାକୁ ଯାଉଛି। ଏ କ୍ଷେତ୍ରରେ ନୂଆ ନିୟମ ୬ ମାସରେ ଆଣିବା ଲାଗି ସୁପ୍ରିମକୋର୍ଟ ରିଜର୍ଭ ବ୍ୟାଙ୍କକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଏମ୍.ଏମ୍. ସାନ୍ତନାଗୌଡାର ଏବଂ ଜଷ୍ଟିସ ବିନିତ ସରଣଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜଗତୀକରଣ ସହ ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନଗୁଡିକ ସାଧାରଣ ଲୋକଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଦେଶ ମଧ୍ୟରେ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ଟ୍ରାଞ୍ଜାକଶନ ବହୁ ଗୁଣରେ ବଢ଼ିଛି। ଲୋକମାନେ ସେମାନଙ୍କ ଲିକ୍ୟୁଡ ଆସେଟକୁ ଘରେ ରଖିବାକୁ ଏବେ ଚାହୁଁନାହାନ୍ତି। ଆମେ ବର୍ତ୍ତମାନ ଏକ କ୍ୟାଶ୍‌ଲେସ୍ ଅର୍ଥ ବ୍ୟବସ୍ଥା ଆଡକୁ ଗତି କରୁଛେ।

ଖଣ୍ଡପୀଠ ପୁଣି କହିଛନ୍ତି, ବର୍ତ୍ତମାନ ବ୍ୟାଙ୍କ ସେବା ଚାହିଦା ବଢିଥିବା ବେଳେ ଲକର ଏକ ଗୁରୁତ୍ୱପୂର୍ଣ୍ଣ ସେବା ବିଭିନ୍ନ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଏହି ସେବା ଉଭୟ ଦେଶବାସୀ ଏବଂ ବିଦେଶୀ ନାଗରିକ ଲାଭ କରିପାରିବେ। ଟେକ୍ନୋଲୋଜି ଅଗ୍ରଗତି କରୁଥିବାରୁ ବର୍ତ୍ତମାନ ଆମେ ଦ୍ୱୈତ ଚାବି ଦ୍ୱାରା ପରିଚାଳିତ ଲକରରୁ ଇଲେକ୍‌ଟ୍ରୋନିକ ଭାବେ ପରିଚାଳିତ ଲକର ବ୍ୟବହାର ଯାଏ ପହଞ୍ଚିଛେ। ଏଭଳି ସ୍ଥିତିରେ ଟେକ୍ନୋଲୋଜିର ଖରାପ ବ୍ୟବହାର ଦ୍ୱାରା ଲୋକଙ୍କ ଅଗୋଚରରେ ମଧ୍ୟ ଠକାମି ହେବାର ଆଶଙ୍କା ଉପୁଜିଛି। କିଛି ଅସୁବିଧା ହେଲେ ବ୍ୟାଙ୍କ ନିଜ ଉପରୁ ସମ୍ପୂର୍ଣ୍ଣ ଭାବେ ଦୋଷ ଖସାଇ ପାରିବେ ନାହିଁ। କାରଣ ଲୋକମାନେ ସେମାନଙ୍କ ଅର୍ଥକୁ ବ୍ୟାଙ୍କ ଭରସାରେ ଛାଡିଛନ୍ତି।

ବ୍ୟାଙ୍କ ଖାଉଟି ସୁରକ୍ଷା ଆଇନକୁ ଅଣଦେଖା କରିପାରିବେ ନାହିଁ। ଠକେଇ ଘଟଣା ହେଲେ ଏହାଦ୍ୱାରା ନିବେଶକଙ୍କ ଭରସା ଚହଲି ଯାଏ। ଏହାବାଦ ଏକ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଲାଗି ଏହା ଭଲ ନୁହେଁ। ଏଭଳି ବିଭିନ୍ନ ସ୍ଥିତିକୁ ବିଚାର କରି ଲକର ସୁବିଧା ଏବଂ ଜମା ପରିଚାଳନା କ୍ଷେତ୍ରରେ ବିହୀତ ପଦକ୍ଷେପ ନେବାକୁ ଶୀର୍ଷ ଅଦାଲତ ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଲକରରେ ଯଦି ଗ୍ରାହକଙ୍କୁ କିଛି କ୍ଷତି ସହିବାକୁ ପଡିଲା ତେବେ ସେ ଦିଗରେ କ'ଣ କରାଯିବ ସେ ପ୍ରସଙ୍ଗକୁ ମଧ୍ୟ ସ୍ପଷ୍ଟ କରିବାକୁ କୁହାଯାଇଛି। କଲିକତା ବାସିନ୍ଦା ଅଭିତାଭ ଦାସଗୁପ୍ତାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି।

## ୪୩୫ ପଏଣ୍ଟ ଖସିଲା ସେନ୍‌ସେକ୍ସ



ନୂଆଦିଲ୍ଲୀ,୧୯।୨

ଭାରତୀୟ ପୁଞ୍ଜିବଜାରରେ ଗତ ୪ ସେସନ ହେବ ଲଗାତର ହ୍ରାସ ହେଉଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୪୦୦ ପଏଣ୍ଟ ନିମ୍ନରେ ରହିଛି। ବିଶ୍ୱ ସ୍ତରରେ ଶେୟାର ବଜାର କାରବାର ନିମ୍ନରେ ରହିବା ଯୋଗୁ ଏହା ଭାରତୀୟ ଶେୟାର ବଜାର ଉପରେ ପ୍ରଭାବ ପକାଇଛି। ଭାରତୀୟ ପୁଞ୍ଜିବଜାରରେ ଅଟୋମୋବାଇଲ ଏବଂ ବ୍ୟାଙ୍କିଙ୍ଗ୍ ଷ୍ଟକ୍ କାରବାର ବେଶି କ୍ଷତିଗ୍ରସ୍ତ ହୋଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୪୩୫ ପଏଣ୍ଟ ବା ୦.୮୫% ନିମ୍ନରେ ରହି ୫୦,୮୯୦ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୩୭ ପଏଣ୍ଟ ବା ୦.୯୧% ନିମ୍ନରେ ରହିବା ଯୋଗୁ ୧୪,୯୮୨ ପଏଣ୍ଟରେ କାରବାର ବନ୍ଦ ହୋଇଛି।

ସେନ୍‌ସେକ୍ସରେ କାରବାର କ୍ଷତି ସହିଥିବା କମ୍ପାନୀଗୁଡିକ ମଧ୍ୟରେ ଓଏନ୍‌ଜିସି, ଏସ୍‌ବିଆଇ, ଆଇସିଆଇସିଆଇ ବ୍ୟାଙ୍କ, ବଜାଜ ଅଟୋ ଏବଂ ମାରୁତି ରହିଛି। ଏମାନଙ୍କ ଶେୟାର ପ୍ରାୟ ୫.୦୬% ହ୍ରାସ ହୋଇଛି। ସେହିଭଳି ଇଣ୍ଡସ ଇଣ୍ଡ ବ୍ୟାଙ୍କ, ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍, ଏନ୍‌ଟିପିସି, ଡ.ରେଡି, ରିଲାଏନ୍ସ ଏବଂ ଟିସିଏସ୍ ଭଳି କମ୍ପାନୀଗୁଡିକର ଶେୟାର କାରବାର ୨.୧୫% ବୃଦ୍ଧି ପାଇଛି।

## ରିଲାଏନ୍ସ ଷ୍ଟୋରରେ ସାମ୍‌ସଙ୍ଗ ଗାଲାକ୍ସି ଏଫ୍ ୬୨

ଭୁବନେଶ୍ୱର,୧୯।୨




ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋରରେ ନୂଆ ସାମ୍‌ସଙ୍ଗ ଗାଲାକ୍ସି ଏଫ୍ ୬୨ର ଅଫ୍‌ଲାଇନ ଶୁଭାରମ୍ଭ ପାଇଁ ସହଭାଗିତା ସ୍ଥାପନ କରିଛନ୍ତି। ଏହି ମଡେଲଟିକୁ ୨୨ ଫେବୃୟାରୀରୁ ଆରମ୍ଭ କରାଯିବ। ଗ୍ରାହକମାନେ ଏହି ନୂଆ ସ୍ମାର୍ଟ ଫୋନ୍‌କୁ ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋରରୁ ପାଇପାରିବେ। ରିଲାଏନ୍ସ ଡିଜିଟାଲର ବ୍ୟାପକ ନେଟ୍‌ୱର୍କ ମାଧ୍ୟମରେ ସାମ୍‌ସଙ୍ଗ ଗାଲାକ୍ସି ଏସ୍ ୬୨ ସାରା ଦେଶରେ ଉପଲବ୍ଧ କରାଯିବ। ଏହି ନୂଆ ମଡେଲରେ ରହିଛି ୨.୭୩ ଜିଏଚ୍‌ଜେଡ୍ ଅକ୍ଟା କୋର ପ୍ରୋସେସର,ସାମ୍‌ସଙ୍ଗ ୭ଏନ୍‌ଏମ୍ ଏକ୍ସିନୋସ୍ ୯୮୨୫ ସହିତ ୧୨୮ ଜିବି ଏକ୍ସପାଣ୍ଡେବଲ୍ ଷ୍ଟୋରେଜ୍ ଏବଂ ଏକ କଲର ସୁପର ଆମୋଲେଡ୍ ସ୍କ୍ରିନ୍ ରହିଛି। ସେହିଭଳି ୭୦୦୦ ଏମ୍‌ଏଏଚ୍ ବ୍ୟାଟେରି ଏବଂ ଫିଙ୍ଗରପ୍ରିଣ୍ଟ ସେନ୍ସର ଓ ଫେସ୍ ଅନ୍‌ଲକ୍ ଆଦିର ବିକଳ୍ପ ଏଥିରେ ରହିଛି। ୬୪ ଏମ୍‌ପି କ୍ୟାମେରା ସହିତ ଅଲ୍‌ଟ୍ରା ୱାଇଡ୍ ଓ ମାକ୍ରୋ ସୁଟିଂର ସୁବିଧା ରହିଛି। ଏହି ମେଡଲର ମୂଲ୍ୟ ୨୧,୪୯୯ ଟଙ୍କା, ୬ ଜିବି ରାମ୍ ସହିତ ଓ ୨୩,୪୯୯ଟଙ୍କା, ୮ ଜିବି ରାମ୍ ସହିତ ଏଥିରେ ଅନ୍ତର୍ଭୁକ୍ତ ରହିଛି ୨୫୦୦ଟଙ୍କା ଆଇସିଆଇସିଆଇ ବ୍ୟାଙ୍କ ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ କ୍ରେଡିଟ୍ ଓ ଡେବିଟ୍ କାର୍ଡ଼ରେ ବା କ୍ରେଡିଟ କାର୍ଡ଼ ଇଏମ୍‌ଆଇ ରେ ୨୫୦୦ଟଙ୍କା ପର୍ଯ୍ୟନ୍ତ ସିଟିବ୍ୟାଙ୍କ ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ ମିଳୁଛି।

## ଭୁବନେଶ୍ୱର ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟମେଳା ଆରମ୍ଭ

ଭୁବନେଶ୍ୱର,୧୯।୨




ଭୁବନେଶ୍ୱର ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟମେଳାର ୫ମ ସଂସ୍କରଣ ସ୍ଥାନୀୟ ଜନତା ମଇଦାନ ପରିସରରେ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମଧୁସୂଦନ ଦାସ, ସନ୍ଧ୍ୟାବତୀ ପ୍ରଧାନ, ରଶ୍ମିରଞ୍ଜନ କାନୁନ୍‌ଗୋ, ଲାବଣ୍ୟ ଦାସ, ସୌଦାମିନୀ ନାୟକ ଏବଂ ଇ ଡ୍ରାଇଭ'ର ଏମ୍‌ଡି କୈଳାସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣ ସହିତ ଗୋଟିଏ ସ୍ଥାନରେ ସବୁ ପ୍ରକାର ଘରକରଣା ସାମଗ୍ରୀ ଓ ଆସବାପତ୍ର ଆଦିର ଗ୍ରାହକମାନଙ୍କୁ ଯୋଗାଇଦେବାର ଲକ୍ଷ୍ୟକୁ ନେଇ ଏହି ମେଳାର ଆୟୋଜନ କରାଯାଉଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଦେଶ ଓ ରାଜ୍ୟର କଳାକୃତି ଓ ଆସବାବପତ୍ର ସହିତ ସବୁ ପ୍ରକାର ସାମଗ୍ରୀ ଗୋଟିଏ ସ୍ଥାନରେ ଗ୍ରାହକଙ୍କୁ ମିଳିବ। ଦେଶର ଅଭିବୃଦ୍ଧି ପାଇଁ ଏଭଳି ମେଳା ଓ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ମେଳା ୧୯ ଫେବୃୟାରୀରୁ ୧ ମାର୍ଚ୍ଚ ଯାଏ ଚାଲିବ। ଦିବା ୨.୩୦ ଘଟିକାରୁ ରାତ୍ର ୯.୩୦ ଘଟିକା ପର୍ଯ୍ୟନ୍ତ ମେଳା ଚାଲିବ ବୋଲି ମେଳା ଆୟୋଜକ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ସୂଚନା ଦେଇଛନ୍ତି। ମେଳାରେ ୨୦ ଟି ରାଜ୍ୟ ଓ ୬ ଟି ଦେଶର ବ୍ୟବସାୟୀମାନେ ଅଂଶ ଗ୍ରହଣ କରିଛନ୍ତି। କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ଏଠାରେ ପ୍ରଦର୍ଶନ କରାଯାଉଛି। ଏଠାରେ ଗ୍ରାହକଙ୍କ ପାଇଁ ଫୁଡ୍ କୋର୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ବୋଲି ପାୟଲ ଆଚାର୍ଯ୍ୟ ଗୁପ୍ତା କହିଛନ୍ତି।

## ରାଜ୍ୟ ଖବର

### ସୁନାମୁହିଁ ନଦୀ ଉପରେ କଣ୍ଟ୍ରୋଲ ଷ୍ଟ୍ରକ୍ଚର

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ୍ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ସେଚ ସଦନ ସମ୍ମିଳନୀ କକ୍ଷରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରି ବ୍ଲକ୍ ନରସିଂହପାଟଣାଠାରେ ସୁନାମୁହିଁ ନଦୀ ଉପରେ ଏକ କଣ୍ଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ନିର୍ମାଣ ହେଲେ ସମୁଦ୍ରର ଲୁଣାପାଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ନରସିଂହପାଟଣା, ଜଗନ୍ନାଥପାଟଣା, ବଳଭଦ୍ରପାଟଣା ଓ ବରୁଡ଼ି ଭଳି ୬/୭ ଖଣ୍ଡ ମୌଜାର ପାଖାପାଖି ଚାଷଜମିର ଚାଷୀ ଉପକୃତ ହେବେ। ଭାର୍ଗବୀ ନଦୀ ଉପରେ ପୁରୀ ସଦର ବ୍ଲକ ପ୍ରତାପ ପୁରୁଷୋତ୍ତମପୁର ଗ୍ରାମପଞ୍ଚାୟତର ମାଳିସାହିଠାରେ ନିର୍ମାଣାଧୀନ ବ୍ରିଜକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଗୁରୁତ୍ୱ ଦେଇଛନ୍ତି । ସମୟସୀମା ମଧ୍ୟରେ ଏହି ଦୁଇଟି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ସହ ଚଳିତ ବଜେଟ ପରେ ସମସ୍ତ ପ୍ରଶାସନିକ ଓ ବୈଷୟିକ ନିଷ୍ପତ୍ତିକୁ ଚୂଡ଼ାନ୍ତ କରି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

### ୩୪ ଦିନରେ କୋଟିଏଙ୍କୁ ଟିକା

**ନୂଆଦିଲ୍ଲୀ, ୧୯।୨(ପି.ଟି.):** ଭାରତରେ କୋଭିଡ୍-୧୯ ଟିକାକରଣ ଆରମ୍ଭ ହେବାର ୩୪ ଦିନ ମଧ୍ୟରେ ଏକ କୋଟି ଲୋକଙ୍କୁ ଟିକାଦାନ କରାଯାଇଛି। ସାରା ବିଶ୍ୱରେ ଦ୍ରୁତ ଟିକାକରଣରେ ଆମେରିକା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମେରିକାରେ କୋଟିଏ ଜଣଙ୍କୁ ଟିକା ଦେବା ପାଇଁ ୩୧ ଦିନ ଲାଗିଥିବାବେଳେ ବ୍ରିଟେନକୁ ୫୬ ଦିନ ଲାଗିଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଶୁକ୍ରବାର ସକାଳ ୮ଟା ସୁଦ୍ଧା ଭାରତରେ ୧,୦୧,୮୮,୦୦୭ ଜଣ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀମାନଙ୍କୁ କୋଭିଡ୍ ଟିକା ଦିଆଯାଇଛି। ୬୨,୬୦,୨୪୨ ସ୍ୱାସ୍ଥ୍ୟ କର୍ମଚାରୀ ଟିକାର ପ୍ରଥମ ଡୋଜ୍ ନେଇଥିବାବେଳେ ୬,୧୦,୮୯୯ ଜଣ ଦ୍ୱିତୀୟ ଡୋଜ୍ ନେଇସାରିଲେଣି। ଏହା ବ୍ୟତୀତ ୩୩,୧୬,୮୬୬ ଜଣ ଆଗଧାଡ଼ିର ଯୋଦ୍ଧା ଟିକାର ପ୍ରଥମ ଡୋଜ୍ ନେଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# କୋଇଲା ଚୋରା ଚାଲାଣ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୯।୨(ବ୍ୟୁରୋ)

- **୨ଟ୍ରକ୍, ୪୦ ଟନ୍ କୋଇଲା ଜବତ: ୨ ଗିରଫ**
- **ଧରାହେବେ ମାଫିଆ, ଟ୍ରକ୍ ମାଲିକଙ୍କ ନାଁରେ ମାମଲା**

ରାଜ୍ୟରେ ବେଧଡକ ଖଣିଜ ପଦାର୍ଥ ବେଆଇନ ଭାବେ ଚୋରା ଚାଲାଣ ଚାଲିଛି। ଏହାଦ୍ୱାରା ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଶୁକ୍ରବାର ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଚଢ଼ାଉ କରି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଦୁଇଟି ଟ୍ରକ ଭର୍ତ୍ତି କୋଇଲା ଜବତ କରିଛି। ଏହାର ଓଜନ ପ୍ରାୟ ୪୦ ଟନ୍ ହେବ। ଏହି ଘଟଣାରେ ଏସ୍‌ଟିଏଫ ୨ଜଣଙ୍କୁ ଗିରଫ କରିଥିବାବେଳେ ଏହି ର୍‍ୟାକେଟରେ ସମ୍ପୃକ୍ତ ମାଫିଆ ଓ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଏନେଇ କାମାକ୍ଷାନଗର ଥାନା ପୋଲିସ ଏକ ମାମଲା (ନଂ.୬୦/୨୧) ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ-ଅନୁଗୋଳ ଅଞ୍ଚଳରେ ନିୟମିତ କୋଇଲା ଓ ଅନ୍ୟ ଖଣିଜପଦାର୍ଥ ଚୋରା ଚାଲାଣ କରାଯାଉଛି। ଏନେଇ ସୂଚନା ପାଇବା ପରେ ଏସ୍‌ଟିଏଫ୍ କିଛିଦିନ ହେବ ଏହା ଉପରେ ନଜର ରଖିଥିଲା। ଗୁରୁବାର ବିଳମ୍ବିତ ରାତିରେ ଖଣିମାଫିଆମାନେ ଦୁଇଟି ଟ୍ରକ୍ ନେଇ ଢେଙ୍କାନାଳ ଅଞ୍ଚଳରୁ କୋଇଲା ଲୋଡ୍ କରିଥିଲେ। ଶୁକ୍ରବାର ସକାଳେ ସେମାନେ କାମାକ୍ଷାନଗର ଦେଇ ଯାଉଥିବା ଏସ୍‌ଟିଏଫ୍ ଟିମ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହାପରେ କାମାକ୍ଷାନଗରର ବିଭିନ୍ନ ଛକରେ ଏସ୍‌ଟିଏଫ୍ ଅଧିକାରୀମାନେ ଜଗି ରହିଥିଲେ। ୨ଟି କୋଇଲା ବୋଝେଇ ଟ୍ରକ୍ ପହଞ୍ଚିବାକ୍ଷଣି ତାହାକୁ ଅଟକାଇ ଯାଞ୍ଚ କରିଥିଲେ। ଡ୍ରାଇଭର ଦ୍ୱୟ କୋଇଲା ଚାଲାଣ ସଂକ୍ରାନ୍ତ କୌଣସି ବୈଧ କାଗଜପତ୍ର ଦେଖାଇପାରି ନ ଥିଲେ। ଏହାପରେ ସେମାନଙ୍କୁ ଗିରଫ କରାଯିବା ସହ ଟ୍ରକ୍ ମାଲିକ ଅରୁଣ ନାୟକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।




କୋଭିଡ୍-୧୯ ପାରାମେଡିକାଲ ଷ୍ଟାଫ୍ ଆସୋସିଏଶନ ପକ୍ଷରୁ ପୁନଃ ନିଯୁକ୍ତି ଦାବିରେ ଶୁକ୍ରବାର ଭୁବନେଶ୍ୱର ପିଏମ୍‌ଜିଠାରେ ଅଭିନବ ବିକ୍ଷୋଭ କରାଯାଉଛି।

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବହୁ ନେତାଙ୍କୁ ଭିନ୍ନ ଦାୟିତ୍ୱ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

**୬ ରାଜ୍ୟ ଉପସଭାପତି, ୨ ସାଧାରଣ ସମ୍ପାଦକ, ୬ ସମ୍ପାଦକ**

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇ ଶୁକ୍ରବାର ଅନୁସୂଚିତ ଜାତି ମୋର୍ଚ୍ଚାର ବିଭିନ୍ନ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ବିଧାୟକ ସନାତନ ବିଜୁଳୀ, ଦୁର୍ଗା ତନ୍ତୀ, ମନିଜର ଆର୍ଯ୍ୟ, ହେମନ୍ତ କୁମାର ମଲିକ, ରାମବିଶ ଦିଗାଲ, ଚନ୍ଦନ ସ୍ୱରାଜଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଭାବେ ବିଧାୟକ ମୁକେଶ ମହାଲିଙ୍ଗ ଓ ରାଘବ ମଲିକଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସମ୍ପାଦକ ଭାବେ କୀର୍ତ୍ତନ ଦାସ, ବିକାଶ କୁମାର ବେହେରା, ଗିରିଧାରୀ ଦାସ, ଶାନ୍ତିଲତା ସେଠୀ, ଈଶ୍ୱର ବାଗ, ଜି. ସଞ୍ଜୀବ କୁମାର, କୋଷାଧ୍ୟକ୍ଷ ଭାବେ ଜଗନ୍ନାଥ ବେହେରା ଏବଂ କାର୍ଯ୍ୟାଳୟ ସମ୍ପାଦକ ଭାବେ ସତ୍ୟ ନାରାୟଣ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି।

ମୋର୍ଚ୍ଚାକୁ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ବିଭାଗର ରାଜ୍ୟ ସଂଯୋଜକ ଭାବେ ପ୍ରମୁଖ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ଅନୁସୂଚୀତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଆଶୁତୋଷ ମଣ୍ଡଳ, ଲଳିତ ମଗର, ଚୌଦୁରା ଦୀପ୍, ଜନାର୍ଦ୍ଦନ ବେହେରା ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି । ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାୟକ, ଉପନେତା ବିଷ୍ଣୁ ସେଠୀ, ବିଧାୟକ ନାଉରୀ ନାୟକଙ୍କ ସମେତ ପୂର୍ବତନ ବିଧାୟକ ବାଇଧର ମଲିକ୍, ଗୋବିନ୍ଦ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ କୁମାର ନାୟକ, ବିଶ୍ୱଜିତ୍ ତନ୍ତ୍ରୀଙ୍କ ସମେତ ପ୍ରଭାରୀ ଦିଲୀପ୍ ମଲିକ୍, ଅଭିମନ୍ୟୁ ସେଠୀ, ଅମିୟ ମଲିକ୍, ପୂର୍ଣ୍ଣଚନ୍ଦ୍ର ମଲିକ୍ ପ୍ରମୁଖ ୧୯ ଜଣଙ୍କୁ ସ୍ଥାନ ଦିଆଯାଇଛି।

### ନିଶାମୁକ୍ତ ହେବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଏଣିକି ନିଶା ମୁକ୍ତ ହେବ ଶିକ୍ଷାନୁଷ୍ଠାନ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ସମୀକ୍ଷା କରି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଗାଇଡ୍‌ଲାଇନ ଜାରି କରାଯିବ। କିଛିଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ଡ୍ରଗ୍ ସଚେତନତା କାର୍ଯ୍ୟକ୍ରମ କ୍ୟାମ୍ପସରୁ ଆରମ୍ଭ କରିବାକୁ ଚିଠି ହୋଇଥିଲା। ବିଶେଷକରି ବୈଷୟିକ ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ୍ ଛାତ୍ରୀଛାତ୍ର ନିଶାସକ୍ତ ହେଉଛନ୍ତି। ଏହାକୁ ରୋକିବା ଲାଗି କ୍ୟାମ୍ପସ୍‌ରେ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯିବ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଶା ସେବନ ହାର ଯଥେଷ୍ଟ କମ୍ ରହିଛି। ତଥାପି ଏହି ହାରକୁ ଜିରୋରେ ପହଞ୍ଚାଇବା ପାଇଁ ଏନ୍‌ଏସ୍‌ଏସ୍‌ର ସାମାଜିକକର୍ମୀମାନେ କ୍ୟାମ୍ପସରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟର ୨୧ଟି ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ଏକ ଲକ୍ଷ ୧୫ ହଜାର ୫ଶହ ଏନ୍‌ଏସ୍‌ଏସ୍ କର୍ମୀ କାର୍ଯ୍ୟରତ ଥିବାବେଳେ ନିଜ କ୍ୟାମ୍ପସକୁ ନିଜେ ନିଶାମୁକ୍ତ ରଖିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ର ଅନେକ ସମୟରେ ନିଶା ସେବନ କରୁଛନ୍ତି। ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ବେଳେ ଛାତ୍ରୀଛାତ୍ରମାନେ ପଥ ଭ୍ରଷ୍ଟ ହେଉଛନ୍ତି। ତେଣୁ କ୍ୟାମ୍ପସକୁ ନିଶା ମୁକ୍ତ କରିବା ପାଇଁ ସରକାର ଏପରି ଉଦ୍ୟମ ଆରମ୍ଭ କରିଛନ୍ତି।

## ଭିଜିଲାନ୍ସ ଜାଲରେ ସୁପରଭାଇଜର, ଅବସରପ୍ରାପ୍ତ ଆର୍‌ଆଇ

ସୋନପୁର,୧୯।୨(ନି.ପ୍ର.)



ନବେନ୍ଦ୍ର ମହାକୁର ଓ ବାବାଜୀ ଚରଣ ସାହୁ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲର ସୁପରଭାଇଜର ନବେନ୍ଦ୍ର ମହାକୁର ଓ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ବାବାଜୀ ଚରଣ ସାହୁ ସମ୍ବଲପୁର ଭିଜିଲାନ୍ସ ବିଭାଗ ଜାଲରେ ପଡିଛନ୍ତି। ୧୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏଥିସହ ସୁପରଭାଇଜରଙ୍କ ସୋନପୁର ବ୍ଲକ ନାଇକେନପାଲିସ୍ଥିତ ବାସଭବନ, ବୀରମହାରାଜପୁର କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା (ନଂ ୪/୨୧) ରୁଜୁ ହୋଇଛି।

ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଜମିଜମା ସମ୍ପର୍କିତ ହାଇଟେକ୍ ସର୍ଭେ ଚାଲିଥିବାରୁ କମିରା ରାଜସ୍ୱ ସର୍କଲ ଅନ୍ତର୍ଗତ ଥବୀର ମେହେର ତାଙ୍କ ମା'ଙ୍କ ନାମରେ ଥିବା ଜମିକୁ ବନ୍ଦୋବସ୍ତରେ ନିଜ ନାମରେ କରିବା ପାଇଁ ସୁପରଭାଇଜରଙ୍କ ନିକଟରେ ଆବେଦନ କରିଥିଲେ। କିନ୍ତୁ ସୁପରଭାଇଜର ଫାଇଲ ପକାଇ ରଖି ପରେ ଅବସରପ୍ରାପ୍ତ ଆରଆଇ ସାହୁଙ୍କୁ ଦେବା ପାଇଁ କହିଥିଲେ। ଥବୀର ଡିସେମ୍ବର ମାସ ୧୫ ତାରିଖରୁ ଫର୍ମ ଓ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ ଆରଆଇ ସାହୁ କୌଣସି କାର୍ଯ୍ୟ କରି ନ ଥିଲେ। ଗତ ଦୁଇ ଦିନ ପୂର୍ବରୁ ଥବୀରଙ୍କୁ ଆରଆଇ କହିଥିଲେ ଯେ, ରାଜସ୍ୱ ସୁପରଭାଇଜରଙ୍କୁ ୧୦ ହଜାର ଟଙ୍କା ଦେଲେ କାମ ହୋଇଯିବ। ଏ ସମ୍ପର୍କରେ ଅଭିଯୋଗ କଲା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜାଲ ବିଛା ଯାଇଥିଲା। ଯୋଜନା ମୁତାବକ ଥବୀର ଲାଞ୍ଚ ଟଙ୍କା ଦେଲା ପରେ ଭିଜିଲାନ୍ସ ଅଧିକାରୀ ରଙ୍ଗବୋଳା ୨୦ଟି ୫ଶହ ଟଙ୍କିଆ ନୋଟ ସହ ସୁବଳୟାରୁ ଆରଆଇ ସାହୁଙ୍କୁ ଗିରଫ କରିଥିଲେ। ପରେ ରାଜସ୍ୱ ସୁପରଭାଇଜର ନବେନ୍ଦ୍ରଙ୍କୁ ଗିରଫ କରା ଯାଇଥିଲା। ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀ ଓ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଏହି ଚଢାଉ କରିଥିଲେ। ତେବେ ଆରଆଇ ସାହୁ ହାଇଟେକ୍ କାମ ପାଇଁ ଅନୁଗୋଳରୁ ଏହି ଜିଲାକୁ ଡେପୁଟେସନରେ ଆସିଥିବା ବେଳେ ଗତ ଜୁନ୍ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତି। କିନ୍ତୁ ସେ ସୁବଳୟାରେ ରହି ସରକାରୀ କାର୍ଯ୍ୟ କରୁଥିଲେ। ତାଙ୍କ ନିକଟରୁ ସରକାରୀ ଫାଇଲ ଜବତ ହୋଇଛି। ଜିଲାରେ ରାଜସ୍ୱ ବିଭାଗ ଓ ହାଇଟେକ୍ ସର୍ଭେ କାର୍ଯ୍ୟ କିଭଳି ଚାଲିଛି ଏଥିରୁ ସ୍ପଷ୍ଟ ବୁଝା ପଡୁଥିବା ଆଲୋଚନା ହେଉଛି।

## ସ୍ଥଗିତ ନୁହେଁ, ପ୍ରତ୍ୟାହାର ହେଉ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

**୭ଠା ଐତିହ୍ୟ ବାଇ-ଲ'**

ଓଡ଼ିଶାର ବିଭିନ୍ନ ଐତିହ୍ୟ କ୍ଷେତ୍ରର ବାଇ-ଲ'କୁ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ(ଏନ୍‌ଏମ୍‌ଏ) ସ୍ଥଗିତ ରଖିଛନ୍ତି। ତେବେ ଏହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ବିଜେଡି ଦାବି କରିଛି। ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ବାଇ-ଲ' ଆଣିବା ପରେ ଏକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ମନ୍ଦିର ଓ ଏହା ଚତୁଃପାର୍ଶ୍ୱରେ ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହେବା କଥା ତାହା ଉପରେ ଗୋଟିଏ ପ୍ରକାର ପ୍ରତିବନ୍ଧକ ଲାଗିଥିଲା। ଏହାକୁ ସ୍ଥଗିତ ନୁହେଁ, ପୂରା ପ୍ରତ୍ୟାହାର କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏନ୍‌ଏମ୍‌ଏ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଐତିହ୍ୟ ବାଇ-ଲ'କୁ ନେଇ ବିଭିନ୍ନ ମହଲରେ ବିରୋଧ ହେବା ପରେ ଏହାକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପହଲ୍ଲାଦ ସିଂ ପଟେଲଙ୍କୁ ଚିଠି ଲେଖିଥିଲେ। ତେବେ ଏହି ବାଇ-ଲ' ସ୍ଥଗିତ ନେଇ ପଟେଲ ଷଡ଼ଙ୍ଗୀଙ୍କୁ ଜଣାଇଥିଲେ। ବିଭିନ୍ନ ସଂଗଠନ ସହ ଆଲୋଚନା କରି ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



ବଲିଉଡ ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପଙ୍କ ଝିଅ ଆଲିଆ କଶ୍ୟପ ଅଣ୍ଡର ଗାର୍ମେଣ୍ଟରେ ଫଟୋ ଶେୟାର କରି ଟ୍ରୋଲ୍‌ର ଶିକାର ହୋଇଥିଲେ। ନିକଟରେ ସେ ୟୁଟ୍ୟୁବରେ ଏକ ଭିଡିଓ ଶେୟାର କରି ଟ୍ରୋଲ୍‌ର ଶିକାର ହେବା କେତେ ଯନ୍ତ୍ରଣାଦାୟକ ସେ ବର୍ଣ୍ଣନା କରିଛନ୍ତି। ଆଲିଆ କହିଛନ୍ତି ଯେ, ଛୋଟ ଘୃଣା ମଧ ମୋତେ ବ୍ୟଥିତ କରେ। ଫଟୋ ପୋଷ୍ଟ ପରେ ତାଙ୍କୁ ବଳାତ୍କାର ଧମକ ମିଳିଥିଲା। ଏହା ତାଙ୍କୁ ବେଶ୍ କଷ୍ଟ ଦେଇଛି ବୋଲି ସେ ଭିଡ଼ିଓରେ କହୁଥିବା ଦେଖାଯାଇଛି।

# ଭେଦଭାବ ପ୍ରଗତିରେ ବାଧକ

## ଆଜି ବିଶ୍ୱ ସାମାଜିକ ନ୍ୟାୟ ଦିବସ

**ଭେଦଭାବ ରହିତ ପୃଥିବୀର ପରିକଳ୍ପନା ଏକବିଂଶ ଶତାବ୍ଦୀରେ ମଧ ସ୍ୱପ୍ନ ପାଲଟିଛି। ଅନୁନ୍ନତ, ବିକାଶଶୀଳ ଦେଶଠାରୁ ଆରମ୍ଭ କରି ନିଜକୁ ସ୍ୱୟଂସମ୍ପୂର୍ଣ୍ଣ ବୋଲାଉଥିବା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ମଧ ଏଭଳି ସମସ୍ୟାରେ ଧନ୍ଦି ହେଉଛନ୍ତି। ଜାତି, ଧର୍ମ, ବର୍ଣ୍ଣ, ସଂସ୍କୃତି ନିର୍ବିଶେଷରେ ସାମାଜିକ ଏବଂ ଆର୍ଥିକ ପ୍ରତିଟି କ୍ଷେତ୍ରରେ ଏହି ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପ୍ରଗତିରେ ବାଧକ ସାଜି ମାନବ ଗୋଷ୍ଠୀ ମଧରେ ବ୍ୟବଧାନ ବଢ଼ାଉଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପ୍ରତିବର୍ଷ ଫେବୃୟାରୀ ୨୦ରେ ପାଳିତ ହେଉଛି ବିଶ୍ୱ ସାମାଜିକ ନ୍ୟାୟ ଦିବସ।**



ଭେଦଭାବ ସାମାଜିକ ବିଧି ବ୍ୟବସ୍ଥାରେ ମହାମାରୀ ଭଳି। ସଭ୍ୟତାର ବିକାଶ ସହିତ ସମାନ୍ତରାଳ ଭାବେ ଏହା ରହି ଆସିଛି। ଗୋଟିଏ ଗୋଷ୍ଠୀ ସର୍ବଦା ସୁବିଧାବାଦୀ ନୀତି ଆପଣାଇ ବ୍ୟବସ୍ଥାକୁ କରାୟତ୍ତ କରି ରଖିବାକୁ ଉଦ୍ୟମ କରୁଥିବାବେଳେ ଅପେକ୍ଷାକୃତ ଦୁର୍ବଳ ଗୋଷ୍ଠୀ ସାମାଜିକ ନ୍ୟାୟର ସ୍ୱାଦ ବାରିପାରୁନି। ଏହାର ନକାରାତ୍ମକ ପ୍ରଭାବ ସାମାଜିକ ବିଧି ବ୍ୟବସ୍ଥା ଉପରେ ପଡୁଥିବାବେଳେ ଅନେକ ସମୟରେ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେଉଛି। ଏହା ମଣିଷ ମଣିଷ ଭିତରେ ବିରାଟ ବ୍ୟବଧାନ ସୃଷ୍ଟି କରି ଚାଲିଛି। ଏଭଳି ଜଟିଳ ସମସ୍ୟାର ସମାଧାନ କରିବା ଏବଂ ବିଶ୍ୱ ମଞ୍ଚରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳିତ ହେଉଛି ବିଶ୍ୱ ସାମାଜିକ ନ୍ୟାୟ ଦିବସ। ଚଳିତ ବର୍ଷ ଏହାର ଥିମ୍ ରହିଛି 'ଡିଜିଟାଲ ଅର୍ଥ ବ୍ୟବସ୍ଥା ସାମାଜିକ ନ୍ୟାୟ ପାଇଁ ଆହ୍ୱାନ'।

ଏକବିଂଶ ଶତାବ୍ଦୀରେ ପ୍ରଗତିଶୀଳ ଚିନ୍ତାଧାରା ସହ ସାମାଜିକ ନ୍ୟାୟର ଆବଶ୍ୟକତା ମଧ ସେତିକି ବଢ଼ିଛି। ଏହାର ଲକ୍ଷ୍ୟ ସୁଦୂରପ୍ରସାରୀ କରିବାକୁ ମିଳିତ ଜାତିସଂଘର ପରାମର୍ଶକ୍ରମେ ୨୦୦୭ରେ ସର୍ବପ୍ରଥମେ ଏହାର ପରିକଳ୍ପନା କରାଯାଇଥିଲା। ଏଥିପୂର୍ବରୁ ୧୯୯୫ରେ ଡେନମାର୍କର ରାଜଧାନୀ କୋପେନ୍‌ହାଗେନ୍‌ରେ ସାମାଜିକ ଉନ୍ନୟନ ଲାଗି ଆୟୋଜିତ ବିଶ୍ୱ ଶିଖର ସମ୍ମିଳନୀରେ ଏକାଠି ହୋଇଥିଲେ ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱନେତା। ସମ୍ମିଳନୀରେ ଗରିବୀ, ରୋଜଗାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଜନତାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଲାଗି ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଏବଂ ସାମାଜିକ ବ୍ୟବସ୍ଥାରୁ ଆବିଳତା ହଟାଇବାକୁ ସାମୂହିକ ନିଷ୍ପତ୍ତି ହୋଇଥିଲା। ୨୦୦୭ ନଭେମ୍ବର ୨୬ରେ ମିଳିତ ଜାତିସଂଘ ସାଧାରଣ ସଭାରେ ବିଧିବଦ୍ଧ ଭାବେ ସାମାଜିକ ନ୍ୟାୟ ଦିବସ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିଲାଗି ଫେବୃୟାରୀ୨୦କୁ ଚୟନ କରାଯାଇଥିଲା। ସାମାଜିକ ନ୍ୟାୟ ଦିବସର ଲକ୍ଷ୍ୟ ପୂରଣ ଲାଗି ୨୦୦୯ରୁ ଏହି ଦିବସକୁ ବିଶ୍ୱବ୍ୟାପୀ ପାଳନ କରାଯାଉଛି। ମିଳିତ ଜାତିସଂଘ ଏବଂ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ମିଳିତଭାବେ ସାମାଜିକ ନ୍ୟାୟ ଦିବସର ଉଦ୍ଦେଶ୍ୟ ସାକାର କରିବା ଲାଗି କାର୍ଯ୍ୟ କରୁଛନ୍ତି। ସେହିପରି ପ୍ରତି ଦେଶ ନିଜ ନିଜସ୍ତରରେ ଦିବସ ପାଳନର ମହତ୍ତ୍ୱକୁ ଜନମାନସରେ ପ୍ରସାର କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ବହୁ ଭାଷା, ଧର୍ମବିଶ୍ୱାସ ଏବଂ ପରମ୍ପରାକୁ ନେଇ ସମୃଦ୍ଧ ଭାରତରେ ସାମାଜିକ ନ୍ୟାୟ ବ୍ୟବସ୍ଥା ନୂଆ କଥା ନୁହେଁ। ଏଥିଲାଗି ସମ୍ବିଧାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଧାରା ମଧ ରହିଛି। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଲଗାତର ଭାବେ ସରକାରଙ୍କ ପକ୍ଷରୁ ନାଗରିକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ବହୁବିଧ ପଦକ୍ଷେପ ନିଆଯାଇଛି। ଏଥିଲାଗି ଦେଶରେ ଏକ ଆୟୋଗ ଗଠନ କରାଯାଇଛି। ଏହାକୁ ବାଦ୍ ଦେଲେ ଅନେକ ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମହିଳା, ଶିଶୁଙ୍କ ଲାଗି ପୃଥକ୍ ଆୟୋଗ କାମ କରୁଛି। ୨୫ ସେପ୍ଟେମ୍ବରକୁ ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏସବୁ ସତ୍ତ୍ୱେ ଦେଶରେ ବୃଦ୍ଧି ପାଉଥିବା ବେକାରି, ଅସମାନତା, ଧର୍ମୀୟ ଭେଦଭାବ ସାମାଜିକ ନ୍ୟାୟ ପ୍ରଦାନରେ ପରିପନ୍ଥୀ ପାଲଟିଛି। ଶିକ୍ଷିତ ଏବଂ ସଚେତନ ହେଲେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସାକାର ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ରୋମାଣ୍ଟିକ କମେଡି ଫିଲ୍ମରେ ଶ୍ରଦ୍ଧା



**ମୁମ୍ବାଇ:** 'ପ୍ୟାର କା ପଞ୍ଚନାମା', 'ସୋନୁ କେ ଟିଟୁକି ସ୍ୱିଟି' ଭଳି ରୋମାଣ୍ଟିକ ଓ କମେଡି ଫିଲ୍ମ ନିର୍ଦ୍ଦେଶନା ଦେଉଥିବା ନିର୍ଦ୍ଦେଶକ ଲଭ ରଞ୍ଜନଙ୍କ ଆଗାମୀ ଫିଲ୍ମକୁ ଦର୍ଶକେ ବଡ ଉତ୍ସୁକତାର ସହ ଅପେକ୍ଷା ରଖିଛନ୍ତି । କାରଣ ଏହି ଫିଲ୍ମରେ ପ୍ରଥମଥର ଲାଗି ଶ୍ରଦ୍ଧା କପୁର ଓ ରଣବୀର କପୁରଙ୍କ ଯୋଡିକୁ ଦେଖିବାକୁ ମିଳିବ। ଏବେ ଏହି ଫିଲ୍ମର ରିଲିଜ କେବେହେବ ସାମ୍ନାକୁ ଆସିଛି। ଦ ମଚ ଆୱେଟେଡ ଫିଲ୍ମ ୨୦୨୨ ମାର୍ଚ୍ଚରେ ରିଲିଜ ହେବ ବୋଲି ଜଣାପଡିଛି । ସୋସିଆଲ ମିଡିଆରେ ଏହି ଖବର ଦିଆଯାଇଛି। ରଣବୀର ଓ ଶ୍ରଦ୍ଧା କପୁରଙ୍କ ଷ୍ଟାରର ଏହି ଫିଲ୍ମରେ ବୋନି କପୁର ଓ ଡିମ୍ପଲ କାପାଡିଆ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଏହି ଅନଟାଇଟଲଡ୍ ରୋମାଣ୍ଟିକ କମ କମେଡି ଫିଲ୍ମର ଶୁଟିଂ ଜାନୁୟାରୀରୁ ଦିଲ୍ଲୀରେ ଆରମ୍ଭ ହୋଇଯାଇଛି। ତେବେ ଏହାର ରିଲିଜ ଖବର ଘୋଷଣା ହେବା ପରେ ପ୍ରଶଂସକମାନେ ରଣବୀର-ଶ୍ରଦ୍ଧା ରୋମାଣ୍ଟିକ ଯୋଡିଙ୍କୁ ଦେଖିବାକୁ ଖୁବ ଉତ୍ସାହ ପ୍ରକାଶ କରିଛନ୍ତି ।

ହ୍ୟାପି ବାର୍ଥଡେ ଶୁଭେଚ୍ଛା
ସାଇଶ୍ରୀ ସାହୁ
ଗୋପାଳପୁର ପାଟଣା, ଖାଖାଗୋପାଳ


# ବିହାରରେ ଜନ୍ମନେଲେ ଅଦ୍ଭୁତ ଶିଶୁ

ପାଟନା,୧୯।୨

ବିହାରର ଗୋପାଳଗଞ୍ଜରେ ଏକ ଅଜବ ଶିଶୁ ଜନ୍ମ ହୋଇଛି। ଶିଶୁଟିକୁ ଦେଖିବା ପାଇଁ ଶହ ଶହ ଲୋକ ଡାକ୍ତରଖାନାରେ ଭିଡ ଜମିଛି। ନବଜାତ ଶିଶୁକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେବା ସହ ଏହାକୁ 'ଏଲିଏନ ବେବି' ବୋଲି କହୁଛନ୍ତି। ତେବେ ଏହି ନବଜାତ ଶିଶୁର ଜନ୍ମ ହେବାର କିଛି ଘଣ୍ଟା ପରେ ହିଁ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ହାଥୁଆ ସବ୍‌ଡିଭିଜନ ହସ୍ପିଟାଲରେ ଏହି ଶିଶୁଟି ଜନ୍ମ ନେଇଥିଲେ। ଗୋପାଳଗଞ୍ଜର ମେରଗଞ୍ଜ ପୋଲିସ ଷ୍ଟେଶନ ଅଞ୍ଚଳର ସାହିବା ଚକ୍ର ଗାଁର ବାସିନ୍ଦା ଚୁନଚୁନ ଯାଦବଙ୍କୁ ବୁଧବାର ହାଥୁଆ ସବ୍‌ଡିଭିଜନାଲ ହସ୍ପିଟାଲରେ ପ୍ରସବ ପାଇଁ ଭର୍ତ୍ତି କରାଯାଇଥିଲା। ମହିଳା ଜଣକ ଗୁରୁବାର ଅଜବ ପ୍ରକାର ଶିଶୁକୁ ଜନ୍ମ ଦେଇଥିଲେ। ଏହି ନବଜାତ ଶିଶୁର ବଡ଼ ବଡ଼ ଆଖି ଥିବାବେଳେ ବୟସ୍କ ଲୋକଙ୍କ ଭଳି ଦାନ୍ତ ଥିଲା। ଶରୀରରେ ଧଳ ରଙ୍ଗର ଆବରଣ ଥିଲା। ପାଟି ବିରାଟକାୟ ଦେଖାଯାଉଥିଲା। ଜନ୍ମର ଅଢେଇ ଘଣ୍ଟା ପରେ ଏହି ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ହାଥୁଆ ସବ-ଡିଭିଜନାଲ ହସ୍ପିଟାଲରେ ଡ୍ୟୁଟିରେ ଥିବା ଡାକ୍ତର କହିଛନ୍ତି ଯେ, ଏଭଳି ଶିଶୁ ଜନ୍ମ ନେବା ଅତ୍ୟନ୍ତ ବିରଳ। ପ୍ରାୟ ୧୦ ଲକ୍ଷରେ ଶିଶୁଙ୍କ ମଧରେ ଜଣେ ଏପରି ଜନ୍ମ ହୁଅନ୍ତି।

# କାକଟସ୍ କାଟିଲେ ୨୫ ବର୍ଷ ଜେଲ୍


**ଆରିଜୋନା:** କାକଟସ୍ କାଟିବା କୌଣସି ମଣିଷକୁ ହତ୍ୟା କରିବା ଭଳି ଅପରାଧ। ଏଭଳି ଶୀର୍ଷକକୁ ଗ୍ରହଣ କରିବା ସହଜ ନୁହେଁ। କିନ୍ତୁ ବିଶ୍ୱରେ ଏଭଳି ଏକ ସ୍ଥାନ ଅଛି, ଯେଉଁଠାରେ କାକଟସ୍ କାଟିଲେ ଅଭିଯୁକ୍ତଙ୍କୁ ଜଣେ ହତ୍ୟାକାରୀଙ୍କ ଭଳି ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ। ଆମେରିକାର ଆରିଜୋନା ରାଜ୍ୟରେ ଏଭଳି ନିୟମ ଅଛି। ଏହି ରାଜ୍ୟରେ ବିନା ଅନୁମତିରେ କାକଟସ୍ କାଟିଲେ କିମ୍ବା କ୍ଷତି ପହଞ୍ଚାଇଲେ ୨୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ତେବେ ଏହି ଦଣ୍ଡାଦେଶ ସଭିଙ୍କ ପାଇଁ ନୁହେଁ। ଭୁଲ ବଶତଃ କାକଟସ୍ କାଟିଲେ ଯଥାଁତ ପ୍ରମାଣ ଦେବାକୁ ପଡ଼ିବ। ତା' ପରେ ହିଁ ଜେଲ ଦଣ୍ଡ ହ୍ରାସ କରାଯାଇପାରେ।



ସାଗୁଆରୋ କାକଟସ୍‌କୁ ବଢ଼ିବାକୁ ଦୀର୍ଘ ଦିନ ଲାଗିଥାଏ । ପାଖାପାଖି ୧୫୦ରୁ ୨୦୦ ବର୍ଷ ବଞ୍ଚୁଥିବା ଏହି କାକଟସ୍‌କୁ ଯଦି କଟା ନ ଯାଏ ତେବେ ପ୍ରଥମ ୧୦ ବର୍ଷରେ ମାତ୍ର ଦୁଇ ଇଞ୍ଚ ହିଁ ବଢ଼ିଥାଏ। ଏହି କାରଣରୁ ଆରିଜୋନାରେ କାକଟସ୍ କାଟିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। କିଛି ଗଛ କଟିଲା ପରେ ପୁଣି ଥରେ ବଞ୍ଚିବା ସମ୍ଭବ କିନ୍ତୁ ସାଗୁଆରୋ କାକଟସ୍ କ୍ଷେତ୍ରରେ ଏହା ଘଟେ ନାହିଁ। ଏଣୁ ଆରିଜୋନାରେ ଛୋଟିଆ ଭୁଲ ସାରା ଜୀବନ ମନେ ରହିପାରେ।

# ଫୁସ୍‌ଫୁସ୍‌ର ଆୟୁ କମାଏ ଆଜ୍‌ବେଷ୍ଟୋସିସ୍

**ନୂଆଦିଲ୍ଲୀ:** ଆଜବେଷ୍ଟସ ସଂସ୍ପର୍ଶରେ ଦୀର୍ଘ ସମୟ ରହିଲେ ମଣିଷର ଫୁସଫୁସରେ ସଂକ୍ରମଣ ହେବା ସହ କ୍ଷତ ହୋଇ ଏଥିରୁ ରକ୍ତ କ୍ଷରଣ ହୋଇଥାଏ। ଏଭଳି ଶାରୀରିକ ସମସ୍ୟାକୁ ଡାକ୍ତରୀ ଭାଷାରେ ଆଜବେଷ୍ଟୋସିସ କୁହାଯାଏ। ଏହା ଯୋଗୁ ନିଶ୍ୱାସ ନେବାରେ କଷ୍ଟ ହେବା ସହିତ କାଶ, ଧଇଁ ପେଲିହେବା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବାକୁ ମିଳେ। ଏଭଳି ସମସ୍ୟା ଅଧିକ ଦିନ ଧରି ଲାଗି ରହିଲେ ଫୁସଫୁସ କର୍କଟ, ମେସୋଥେଲିଓମା, ପ୍ଲୁରାଲ ଫାଇବ୍ରୋସିସ, ହାର୍ଟ ସମସ୍ୟା ଆଦି ସୃଷ୍ଟି ହେବାର ଆଶଙ୍କା ଥାଏ। ଆଜବେଷ୍ଟସ ଘରେ ବାସ କଲେ ଅବା ଆଜବେଷ୍ଟସ ତିଆରି ହେଉଥିବା ଶିଳ୍ପ ସଂସ୍ଥାରେ କାମ କଲେ ଏହି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ।



ସମସ୍ତ ପ୍ରକାରର ଆଜବେଷ୍ଟସ ଯୋଗୁ ଏହି ସମସ୍ୟା ହୋଇଥାଏ। ଆଜବେଷ୍ଟସ ସଂସ୍ପର୍ଶରେ କେତେ ଦିନ ଧରି ସମ୍ପୃକ୍ତ ବ୍ୟକ୍ତି ରହିଛନ୍ତି ତାହା ଜାଣିବା ପରେ ଉପଯୁକ୍ତ ମେଡିକାଲ ଇମେଜିଙ୍ଗ କରି ସମସ୍ୟାକୁ ଚିହ୍ନଟ କରାଯାଏ । ଏହା ଏକ ପ୍ରକାର ଇଣ୍ଟରସ୍ଟିସିଆଲ ପଲ୍ମୋନାରୀ ଫାଇବ୍ରୋସିସ ସମସ୍ୟା। ଏଥି ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନ ଥିଲେ ମଧ ଇନଫ୍ଲୁଏଞ୍ଜା ଟିକା, ନିମୋକୋକାଲ ଟିକା, ଆବଶ୍ୟକ ସଚେତନତା, ସେବାଯତ୍ନ, ଧୂମ୍ରପାନ ବନ୍ଦ ଓ ଅମ୍ଳଜାନ ଥେରାପି ଅରଦି ମାଧ୍ୟମରେ ଚିକିତ୍ସା କରାଯାଇଥାଏ। ୨୦୧୫ରେ ଏହି ସମସ୍ୟା ଯୋଗୁ ପୃଥିବୀରେ ୧୫୭,୦୦୦ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୩,୬୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହି ସମସ୍ୟାକୁ ପ୍ରତିରୋଧ କରିବା ପାଇଁ କେତେକ ଦେଶରେ ଆଜବେଷ୍ଟସର ବ୍ୟବହାର ଉପରେ କଟକଣା ଜାରି ହୋଇଛି।

# ସନ୍ନିଙ୍କ ସାଉଥ ଇଣ୍ଡିଆନ ଲୁକ୍

**ମୁମ୍ବାଇ:** ପର୍ନ ଷ୍ଟାରରୁ ବଲିଉଡ ନାୟିକା ପାଲଟିଥିବା ସନ୍ନି ଲିଓନ ଏବେ ତାଙ୍କ ଅଗାମୀ ଫିଲ୍ମର ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି । କେରଳରେ ତାଙ୍କ ଫିଲ୍ମର ଶୁଟିଂ ଚାଲିଥିବା ବେଳେ ସେଠାରୁ ସେ ବିଭିନ୍ନ ସମୟର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଥିବା ଦେଖାଯାଇଛି । ନିକଟରେ ସେ ଶୁମିଂ ପୁଲର ଏକ ଭିଡିଓ ଶେୟାର କରିଥିଲେ । ଏବେ ସେଠାକାର କିଛି ଫଟୋ ସନ୍ନି ଶେୟାର କରିଛନ୍ତି । ଯେଉଁଥିରେ ସେ ନଦୀ ମଝିରେ ଡଙ୍ଗା ଉପରେ ଭିନ୍ନ ଅନ୍ଦାଜରେ ବସିଥିବା ଦେଖାଯାଇଛି । ଏଥିରେ ସେ ସାଉଥ ଇଣ୍ଡିଆନ ଲୁକ୍‌ରେ ନଜର ଆସିଛନ୍ତି । ମଥାରେ ବିନ୍ଦି ମଧ ଲଗାଇଛନ୍ତି । ତାଙ୍କ ପ୍ରଶଂସକଙ୍କୁ ସନ୍ନିଙ୍କର ଏହି ଫଟୋ ଖୁବ ପସନ୍ଦ ଆସିଛି । ଏହି ଫଟୋ ଶେୟାର କରି ସେ ଲେଖିଛନ୍ତି ଗଡ ଅନ କଣ୍ଟ୍ରି କେରଳ ପ୍ରତି ମୋର ପ୍ରେମ ହୋଇଗଲାଣି । ଏଥିରୁ ଜଣାପଡୁଛି କେରଳର ରଙ୍ଗରେ ସମ୍ପୂର୍ଣ୍ଣ ରଙ୍ଗେଇ ହୋଇଗଲେଣି ସନ୍ନି । ଆଉ ସନ୍ନିଙ୍କର ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ମନେ ପଡ଼ନ୍ତି
ଶ୍ରଦ୍ଧାଞ୍ଜଳି ଉପଲକ୍ଷେ
୪ ଗୁଣମଣୀ କର୍ମୀ
ଏକାଦଶାହ ଉପଲକ୍ଷେ
୪କୈଳାଶ ଚନ୍ଦ୍ର ସେଠୀ

ଜନ୍ମଦିନର ଶୁଭେଚ୍ଛା
ଆଦ୍ୟାଶା ମହାନ୍ତି (ମାମୁନ)
୧୧ତମ ଜନ୍ମଦିନ ଶୁଭେଚ୍ଛା

ଭେଟେରାନି ବିହନ ବିକ୍ରି ହେବ
ଶ୍ରୀ ପୁରୀ ଜଗନ୍ନାଥ ହ୍ୟାଚେରୀ
ସି.ଏ.ଏ. ଅନୁମୋଦିତ
ଟୁନି ଉପକୂଳ, ଶ୍ରୀରାମପୁରମ୍ (ଭି), ୟୁ.କୋଠାପାଲ୍ଲୀ (ଏମ୍), ପୂର୍ବ ଗୋଦାବରୀ ଜିଲ୍ଲା, ପିନ୍‌କୋଡ୍: 533449
ପି. ରାମୁ (ଏମ୍.ଡି.)
ଫୋନ୍: 98481 40024, 99857 99998

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
A To Z Problem Solution
9810472786
8800979262

(Registration Free) Govt. Approved
Indus Tower Group
3G/4G Digital ଟାୱାର
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
Bansal Tower B Wing, Bangalore, Karnataka-400021.
9485687401
8901064681

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ
Mob.-9437921472
7656825049
LAHANDA, BARGARH

M (GROUP) Finance Company
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ତାନ୍ତ୍ରିକ ବାବା ଆଲିମ ଖାନ
9773820765
9910560681

Hindusthan Tower
India's No.1 Tower Co. (Govt. Approved)
75896-04782

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

## କବିତା

### ସୋରିଷ କ୍ଷେତ

ଭାରି ଭଲ ଲାଗେ ସୋରିଷ କିଆରି
ଶୀତ ସକାଳର କୁହୁଡି ନେଇ
ଭାରି ଭଲ ଲାଗେ ସେଇ କିଆରିରେ
ବୁଲିବାକୁ ପୁଣି ପାଦକୁ ଦେଇ ।
ଭାରି ଭଲ ଲାଗେ ରଙ୍ଗ ବେରଙ୍ଗର
ପ୍ରଜାପତି ଆସି ଫୁଲକୁ ଚୁମେ
ଭାରି ଭଲ ଲାଗେ ଚାଷୀ ଭାଇ ଯେବେ
ସୋରିଷ କ୍ଷେତକୁ ଦେଖିକି ଝୁମେ ।
ଭାରି ଭଲ ଲାଗେ ଶୀତୁଆ ସକାଳ
କଅଁଳ କାକର ସୂରୁଜ ଖରା
ଭାରି ଭଲ ଲାଗେ ଗାଆଁ ଶେଷ ମୁଣ୍ଡ
ସୋରିଷ କିଆରି ଫୁଲରେ ଭରା

*–ଝରଣା ବାରିକ*
*ସମଲ, ତାଳଚେର, ଅନୁଗୋଳ*

### ବାଇ ଚଢ଼େଇ

ବାଇ ଚଢ଼େଇ ମୋ ବାଇ ଚଢ଼େଇ
ସୁଖେ ଝୁଲୁଥାଉ ବସାରେ ଥାଇ ।
କୁନି ଥଣ୍ଟେ କାଠି କୁଟା ସାଉଁଟି
ସୁନ୍ଦର ବସାଟି କରୁ ଝଟତି ।
ଖରା ବରଷାକୁ ନାହିଁ ଖାତିରି
ଝୁଲୁଥାଉ ବସା ଦୋଳିକୁ ଧରି ।
ସୁନ୍ଦର ତୋ ବସା ଦୋହଲେ ଝୁଲି
ସେ ବସାରେ ହସି ଖେଳୁଥା ଦୋଳି ।

*–ଅର୍ଚ୍ଚନା କର,*
*ପ୍ଲଟନମ୍ବର ୬୫୬, ନୟାପଲ୍ଲୀ,*
*ବେହେରାସାହି, ଭୁବନେଶ୍ୱର*

### ଏଇ ତ ଆମ ଘର

ମାଆ ଖୁଆଏ ଚକୁଳି କରି
ମମି ଖୁଆଏ ମ୍ୟାଗି
ଏକଥା ଯଦି ଘରେ ମୁଁ କହେ
ଡାଡି ଉଠନ୍ତି ରାଗି ।
ପରବ ହେଲେ ପିଠାପଣାରେ
ପୂରି ଉଠଇ ଘର
ମମି ମୋ ଖୋଜେ କେକ୍,ପିଜା
ନ ହେଲେ ଗରଗର ।
ଏଇ ତ ଆମଘର,
ତଥାପି ଆମେ ଖୁସିରେ ଅଛୁ
ଭୁଲି ଆପଣା ପର ।

*–ଶିଶିର କୁମାର ପଣ୍ଡା, କୁଆଁସ,*
*ମେରଦାକାଟିଆ, ଯାଜପୁର*

### ସିନ୍ଦୂର ନାଲି ମନ୍ଦାର ନାଲି

ସିନ୍ଦୂର ନାଲି ମନ୍ଦାର ନାଲି
ନାଲି ତ ଅଟେ ଶଙ୍ଖା
ଡାଳିମ୍ବ ନାଲି ଟମାଟ ନାଲି
ନାଲି ତ ପୁଣି ଲଙ୍କା ।
ଆକାଶ ଦେହେ ସୂରୁଯ ନାଲି
ନାଲି ଦିଶଇ ରକ୍ତ
କଳା ଦିଅଁର ଅଧର ନାଲି
ଦେଉଳେ ନାଲି ନେତ ।
ଇନ୍ଦ୍ରଧନୁର ସାତରଙ୍ଗରେ
ଅଛି ତ ଗୋଟେ ନାଲି
ନାଲି ଟୁକୁ ଟୁକୁ ସାଧବବୋହୂ
ଶୁଆର ଥଣ୍ଟ ନାଲି ।
ପାନ କରଇ ପାଟିକୁ ନାଲି
ରାଗିଲେ ନାଲି ମୁହଁ
ନାଲିରେ ସାର ଅଳତା ରଙ୍ଗ
ଗୋଲାପ ପୁଣି ପ୍ରିୟ ।

*–ପ୍ରକାଶ କୁମାର ଚାନ୍ଦ*
*ଜୟପୁର ଶାସନ, ପିପିଲି, ପୁରୀ*

## ଆଇନା


ଅନନ୍ୟା
୬ ବର୍ଷ

# ନିଜର ମୂଲ୍ୟ ଜାଣ

ଦିନେ ଜଣେ ବୃଦ୍ଧା ନିଜର ପୁଅକୁ ପାଖକୁ ଡାକି ଗୋଟିଏ ପୁରୁଣା ପିତ୍ତଳର ହୁକା ଦେଇ କହିଲେ– ପୁଅ, ଏହି ହୁକାଟି ଆମ ବଂଶର ସନ୍ତକ । ଏହାକୁ ପ୍ରଥମେ ତୋର ଗୋସେଇଁ ଜେଜେବାପା ବ୍ୟବହାର କରୁଥିଲେ, ତା'ପରେ ତାଙ୍କ ଅନ୍ତେ ତୋ ଜେଜେ ଯାକୁ ବ୍ୟବହାର କଲେ ଆଉ ତାଙ୍କ ଅନ୍ତେ ତୋ ବାପା ଯାକୁ ବ୍ୟବହାର କଲେ । ଏବେ ତ ତୋର ବାପା ଆଉ ଏଇ ଇହ ଜଗତରେ ନାହାନ୍ତି । ତେଣୁ ଏବେ ଏଇଟା ମୁଁ ତତେ ଦେଉଛି । ଏଇ ହୁକାଟି ପ୍ରାୟ ଦେଢ ଶହ ବର୍ଷ ପୁରୁଣା ହେବ । ହେଲେ ଯାକୁ ନେବା ପୂର୍ବରୁ ତତେ ଗୋଟିଏ କାମ କରିବାକୁ ହେବ । ଏଇ ହୁକାଟିକୁ ନେଇ ତୁ ପିତ୍ତଳ ଜିନିଷ ବିକ୍ରି ହେଉଥିବା ଦୋକାନକୁ ଯାଆ ଆଉ ସେଠି ପଚାର ଯେ, ଏଇ ହୁକାକୁ ବିକ୍ରି କଲେ କେତେ ହେବ, ସେ କେତେ ଟଙ୍କା ଦେବେ ? ପୁଅ ସେଇଆ କଲା ଆଉ ଦୋକାନରୁ ଫେରି ଆସି କହିଲା,'ମା, ଦୋକାନୀ ହୁକାକୁ ଦେଖି କହିଲା, ଏହାର ମୂଲ୍ୟ ହଜାରେ ଟଙ୍କାରୁ ଅଧିକ ହେବ ନାହିଁ ବୋଲି ।' ମା' ତା'ପରେ କହିଲେ,'ହଉ..ତୁ ତେବେ ଏଇନା ଯେଉଁଠି ପୁରୁଣା ଜିନିଷ ସବୁ ବିକ୍ରି ହେଉଛି ସେଇଠି ଏଇ ହୁକାର ଦାମ୍ କେତେ ହେବ ପଚାର ?' ପୁଅ ସେମିତି କଲା ଆଉ ଦୋକାନରୁ ଫେରି ଆସି କହିଲା, ମା' ପୁରୁଣା ଜିନିଷ ବିକୁଥିବା ଦୋକାନୀ ଏଇ ହୁକାକୁ ଦେଖି କହିଲା,ଏହାର ମୂଲ୍ୟ ଦଶ ହଜାର ହେବ ।

ଏବେ ମା' ପୁଅକୁ କହିଲେ,''ଠିକ୍ ଅଛି ! ଏବେ ତୁ ଏଇ ପୁରୁଣା ହୁକାଟିକୁ କୌଣସି ମ୍ୟୁଜିୟମବାଲା ପାଖକୁ ନେଇକରି ଯା' । ଆଉ ତାଙ୍କୁ ପଚାର ସେ ଏଇ ହୁକା ପାଇଁ କେତେ ମୂଲ୍ୟ ଦେବ ?'' ପୁଅ ମା'ଙ୍କ ନିର୍ଦ୍ଦେଶ ଅନୁସାରେ ମ୍ୟୁଜିୟମବାଲା ପାଖକୁ ଗଲା ଆଉ ଫେରି ଆସି କହିଲା,''ମା'... ମ୍ୟୁଜିୟମବାଲା ତ ଏହି ହୁକା ପାଇଁ ଲକ୍ଷେ ଟଙ୍କା ଦେବା ପାଇଁ ରାଜି ହୋଇଗଲା।''

ଏହା ଶୁଣି ବୃଦ୍ଧା ମାତା ହସି ହସି କହିଲେ,''ପୁଅ..ଏଇ ହୁକାର ମୂଲ୍ୟ ଲଗେଇ ମୁଁ ତତେ ଏଇଆ ବୁଝେଇବାକୁ ଚାହୁଁଥିଲି କି, ତୁ ଯେଉଁଠି ଚାକିରି କରୁଛୁ ସେଇଠି ନିଜକୁ ଆଉ ବରବାଦ୍ କରନି । ତୁ ସବୁ ଦିନ ଆସି କହୁଛୁ କି ସେ ସ୍ଥାନ ତୋ ପାଇଁ ଠିକ୍ ନୁହେଁ ବୋଲି । ଯେଉଁ ଜାଗାରେ ତୋର ଯୋଗ୍ୟତା ଆଉ ପ୍ରତିଭାର ଠିକ୍ ମୂଲ୍ୟାଙ୍କନ ହେଉନି ସେଠି ନିଜର ପ୍ରତିଭା ଆଉ ସମୟ ବରବାଦ୍ କରିବା ଠିକ୍ ନୁହେଁ। ତେଣୁ ନିଜର ମୂଲ୍ୟକୁ ଜାଣ ଆଉ ନିଜ ପାଇଁ ଉପଯୁକ୍ତ ଚାକିରିଟିଏ ଖୋଜ ।''

**–ମନୋଜ କୁମାର ବେହେରା**
୨୧୭, ୟୁନିଟ–୯, ବାୟାବାବା ମଠ ଲେନ, ଭୁବନେଶ୍ୱର


ଗପ

## ଶିଶୁ ପ୍ରତିଭା

# ସଙ୍ଗୀତ ନିଶାରେ ତନୁଶ୍ରୀ

ପାଠପଢା ସାଙ୍ଗକୁ ସଙ୍ଗୀତ ସାଧନାରେ ସେ ଯେମିତି ମଗ୍ନ ହୋଇପଡିଛନ୍ତି । ସେଥିପାଇଁ ତ ପିଲାଟିବେଳରୁ ସେ ଆରମ୍ଭ କରିଛନ୍ତି ସଙ୍ଗୀତ ସାଧନା । କଥାରେ ଅଛି ପ୍ରବଳ ଆଗ୍ରହ ଓ ନିଷ୍ଠାର ସହିତ ଯେଉଁ କାମ ଆରମ୍ଭ କରାଯାଏ ତାହା ତ ନିଶ୍ଚିତ ସଫଳ ରୂପ ନେଇଥାଏ । ଠିକ୍ ଏମିତି ଜଣେ ପ୍ରତିଭା ହେଉଛନ୍ତି ତନୁଶ୍ରୀ ଜେନା । ପାଠପଢା ସାଙ୍ଗକୁ ସଙ୍ଗୀତ ଆଉ ନୃତ୍ୟ କ୍ଷେତ୍ରରେ ସେ ଏବେଠାରୁ ଏକ ସ୍ୱତନ୍ତ୍ର ପ୍ରତିଭାଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି ।

ଭୁବନେଶ୍ୱରର ୟୁନିଟ୍–୩ ଅଞ୍ଚଳର ମଳୟ କେତନ ଜେନା ଓ ଶ୍ରୀଲେଖା ନାୟକଙ୍କ ସୁପୁତ୍ରୀ ହେଉଛନ୍ତି ତନୁଶ୍ରୀ । ଏବେ ପୋଖରୀପୁଟ ଡିଏଭି ସ୍କୁଲରେ ସେ ପାଠ ପଢୁଛନ୍ତି । କିନ୍ତୁ ସଙ୍ଗୀତ ସାଧନାରେ ସେ ଏବେ ଅନେକ ରାସ୍ତା ଅତିକ୍ରମ କରି ସାରିଲେଣି । ଏମିତି କି ଜାତୀୟ ସ୍ତରରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ତାଙ୍କ ପ୍ରତିଭା ପ୍ରଦର୍ଶନ କରି ସାରିଲେଣି । ୨୦୧୨ ମସିହାରୁ ସେ ଅଲ୍ ଇଣ୍ଡିଆ ରେଡିଓରେ ବି ଶିଶୁ କଳାକାରଭାବେ କାମ କରି ଆସୁଛନ୍ତି । ରାଜ୍ୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଅନେକଗୁଡ଼ିଏ ଅନୁଷ୍ଠାନରୁ ମଧ୍ୟ ପୁରସ୍କୃତ ହୋଇପାରିଛନ୍ତି । ୧୧ ବର୍ଷ ବେଳକୁ ତନୁଶ୍ରୀ ୧୦୦୦ ଷ୍ଟେଜ୍ ଶୋ'ରେ ଭାଗ



ନେଇ ସାରିଥିଲେ । କେବଳ ଭୁବନେଶ୍ୱରରେ ସେ ୧୦୦ରୁ ଅଧିକ ଷ୍ଟେଜ ଶୋ'ରେ ଅଂଶଗ୍ରହଣ କରି ସାରିଛନ୍ତି । ତେବେ ଭବିଷ୍ୟତରେ ସେ ସଙ୍ଗୀତ କ୍ଷେତ୍ରରେ ଆହୁରି ସଫଳତା ହାସଲ କରିବାକୁ ଆଶା ରଖିଛନ୍ତି ।

## ଖିଲିଖିଲି ହସ

**୧**

ପିଣ୍ଟୁ– ଜାଣିଛୁ ଚିଣ୍ଟୁ, ମୋ ବାପାଙ୍କ ଆଗରେ ବଡ଼ ବଡ଼ ଲୋକ ବି ଥାଳ ଧରି ଠିଆ ହୁଅନ୍ତି ।
ଚିଣ୍ଟୁ– ହଁ, ତା'ହେଲେ ତୋ ବାପା ତ ବହୁତ ଧନୀ ହୋଇଥିବେ ।
ପିଣ୍ଟୁ– ନା, ସେ ଗୁପଚୁପ୍ ଦୋକାନୀ ।

**୨**

ମାଆ (ପୁଅକୁ)– ଧନରେ ନେ ସେଓ ଖାଇଦେ...
ପୁଅ– ନା, ସେଓ ଖାଇବିନି
ମାଆ– ଠିକ୍ ଅଛି, ତା'ହେଲେ କଦଳୀ ଅଛି ଖାଇଦେ...
ପୁଅ– ନା, ମୁଁ କଦଳୀ ଖାଇବିନି...
ମାଆ– ଚୁପ୍, ପୂରା ବାପା ଭଳିଆ ହେଇଛୁ ନା ଚପଲ ଖାଇବୁ ।

**୩**

ମୁନି– ମାଆ ଜନ୍ମ ହେବା ପୂର୍ବରୁ ତମେ କ'ଣ ମତେ ଦେଖିଥିଲ ?
ମାଆ– ନାଁ, କେମିତି ଦେଖିଥାନ୍ତି ?
ମୁନି– ତା'ହେଲେ ଜନ୍ମ ହେବା ପରେ ତମେ ମତେ କେମିତି ଚିହ୍ନିଲ ?

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠୁ ବଡ଼ ଚିତ୍ର



ପିଲାମାନେ ତୁମେ ତ ସମସ୍ତେ ଡ୍ରଇଂ କରୁଥିବ । ଅବଶ୍ୟ କେହି ସୁନ୍ଦର ଡ୍ରଇଂ କରନ୍ତି ତ କେହି ଭଲ ଡ୍ରଇଂ କରିବା କଳା ଶିଖି ନ ଥାନ୍ତି । ତେବେ କେହି କେହି କାଗଜ ଉପରେ ଡ୍ରଇଂ କରନ୍ତି ତ କେହି କାନ୍ଥ କିମ୍ବା ଅନ୍ୟ ବୋର୍ଡରେ ବି ଚିତ୍ର ଆଙ୍କିଥାନ୍ତି । ହେଲେ ୬,୪୫୦ ବର୍ଗଫୁଟ କ୍ଷେତ୍ରରେ ବି ଏକ ଚିତ୍ର ଆଙ୍କିହୁଏ ଏକଥାକୁ ତୁମେ ଭାବି ପାରୁଛ କି! ଏମିତି ଏକ ଚିତ୍ର ଆଙ୍କି ଏବେ ଗିନିଜ୍ ରେକର୍ଡ କରିଛନ୍ତି ଆମେରିକାର ଡାୟମଣ୍ଡ ହ୍ୱିପର ୟଙ୍ଗ୍ । ୨୪ ବର୍ଷୀୟା ଏହି ଯୁବତୀଜଣକ ଏତେ ବଡ଼ ଚିତ୍ର ଆଙ୍କିବା ପାଇଁ ୬୩ ଘଣ୍ଟାର ସମୟ ନେଇଥିଲେ । ଆମେରିକାର ଫିଲାଡେଲଫିଆର ଏକ ସ୍କୁଲରେ ସେ କଳା ଶିକ୍ଷୟିତ୍ରୀଭାବେ କାମ କରୁଛନ୍ତି । ତେବେ ତାଙ୍କର ଏହି ଡ୍ରଇଂ ଏବେ ସେଠାରେ ସମସ୍ତଙ୍କ ଦେଖିବା ନିମନ୍ତେ ପ୍ରଦର୍ଶନୀରେ ଲଗାଯିବ । ହ୍ୱିପରଙ୍କ ପୂର୍ବରୁ ଡ୍ରଇଂ କରିବାରେ ଇଟାଲିର ଜଣେ କଳାକାରଙ୍କ ନାଁରେ ଏହି ରେକର୍ଡ ରହିଥିଲା । ୨୦୨୦ ମସିହାରେ ସେ ୬,୧୦୦ ବର୍ଗଫୁଟ ଅଞ୍ଚଳରେ ଏହି ଡ୍ରଇଂ କରିଥିଲେ ।

## କହିଲ ଦେଖି



କ୍ଷତି କରେ ପଶୁର
ରାଜା ସିଏ ବନର
ବଳିଷ୍ଠ ତା'ର ଶରୀର
ଗରଜନ ଭୟଙ୍କର
ଜୀବ ଅଟେ ମାଂସାହାରୀ
କିଏ କହିବ ନାମ ତାହାରି ।
**ଉତ୍ତର : ସିଂହ**



ସିଏ ଏକ ବନଚର
ଭୟଙ୍କର ତା'ର ସ୍ୱର
ହରିଣ ତା'ର ଶିକାର
ଜାତୀୟ ପଶୁ ଆମର
ସବୁ ଜାଣନ୍ତି ଭାରତର
କିଏ କହିବ ନାମ ତାହାର ।
**ଉତ୍ତର : ବାଘ**



ବିଶାଳକାୟ ଶରୀର ତା'ର
ଖାଦ୍ୟ ତା'ର ଡାଳପତର
ଗଣେଶଙ୍କ ମୁହଁ ତାହାର
ଛୋଟଛୋଟ ଆଖି ତା'ର
ଦାନ୍ତ ତା'ର ବହୁତ ଲମ୍ବାର
କିଏ କହିବ ନାମ ତାହାର ।
**ଉତ୍ତର : ହାତୀ**

**–ରୋହିତ କୁମାର ମଲ୍ଲିକ,**
ଅଣ୍ଡରାଇ, ବୋଡ଼କ, ଭଦ୍ରକ

## ତୁମ ତୂଳୀରୁ





**ମନନ ମୟଙ୍କ ମହାନ୍ତି,** କ୍ଲାସ–ୟୁକେଜି,ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର




ଭାସ୍ୱତୀ ବିଶୋଇ
କ୍ଲାସ–୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୩, ଭୁବନେଶ୍ୱର




**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ– ୧, ଏସ୍ ଆର୍ ଡିଜି ସ୍କୁଲ ସୁଚିତ୍ରା, ହାଇଦ୍ରାବାଦ

## ମତାମତ

➔ସରସ୍ୱତୀ ପୂଜା ଉପଲକ୍ଷେ ପିଲାଙ୍କ ଧରିତ୍ରୀର ସ୍ୱତନ୍ତ୍ର ପୃଷ୍ଠା ବହୁତ ଭଲ ଲାଗିଲା ।
*–କୁନି ସାମଲ, କଳାହାଣ୍ଡି*

➔'କହିଲ ଦେଖି' ସ୍ତମ୍ଭରେ ଏଥର କବିତାଗୁଡ଼ିକ ବହୁତ ବଢ଼ ଲାଗିଲା ।
*–ବିଜୟଶ୍ରୀ ମହାନ୍ତି, କେନ୍ଦୁଝର*

➔'ତୁମ ତୂଳୀରୁ' ସ୍ତମ୍ଭରେ ମାଆ ସରସ୍ୱତୀଙ୍କର ଚିତ୍ର ବହୁତ ସୁନ୍ଦର ହୋଇଥିଲା ।
*–ସଂଗ୍ରାମ ସ୍ୱାଇଁ, ଗଞ୍ଜାମ*

➔ଗତ ସପ୍ତାହରେ ପିଲାଙ୍କ ଧରିତ୍ରୀ ପୃଷ୍ଠାର ଗପ, କବିତା ଭଲ ଲାଗିଲା ।
*–ରିମ୍‌ଝିମ୍ ବିଶୋଇ, ଭୁବନେଶ୍ୱର*

➔ଏହି ପୃଷ୍ଠାର 'ଆଇନା' ସ୍ତମ୍ଭଟି ମୋତେ ଭଲ ଲାଗିଥାଏ ।
*–ସୀମରନ୍ ଦାସ, ରେଢ଼ାଖୋଲ*

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ନିୟମିତ ପ୍ରକାଶ ପାଉଥିବା 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି ।
*–ବିନୟ କେତନ ରାଉତ,*
*ପାରାଦୀପ, ଜଗତସିଂହପୁର*

➔ଗତ ସପ୍ତାହରେ ପ୍ରକାଶିତ ଗପ ପଢ଼ି ମୋତେ ଭାରି ଭଲ ଲାଗିଲା ।
*–ତନ୍ମୟ ମହାପାତ୍ର, ବାଲେଶ୍ୱର*

ପିଲାଙ୍କ ଧରିତ୍ରୀ ପୃଷ୍ଠାର 'ତୁମ ତୂଳୀରୁ' ସ୍ତମ୍ଭଟିରେ ପ୍ରକାଶ ପାଉଥିବା ଚିତ୍ରଗୁଡିକ ସୁନ୍ଦର ଲାଗୁଛି ।
*–ପ୍ରକୃତି ପ୍ରିୟଦର୍ଶିନୀ, ପୁରୀ*

ଧରିତ୍ରୀ
DHARITRI



# ଭିଭୋ ପୁଣି ଆଇପିଏଲ୍ ଟାଇଟଲ ପ୍ରାୟୋଜକ

**ନୂଆଦିଲ୍ଲୀ, ୧୯।୨ (ପି.ଟି.)**

ଚାଇନା ମୋବାଇଲ ଉତ୍ପାଦନକାରୀ କମ୍ପାନୀ ଭିଭୋ ଆଗାମୀ ୨୦୨୧ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଟାଇଟଲ ପ୍ରାୟୋଜକ ରହିବ ବୋଲି ଘୋଷଣା କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ସ୍ପଷ୍ଟ କରିଛି। ଏଥିସହିତ ଭିଭୋ ତା'ର ପୁରୁଣା ଭୂମିକାକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ହୋଇଛି। ଅନ୍ୟ ବଡ଼ ବଡ଼ କମ୍ପାନୀକୁ ପ୍ରାୟୋଜନ ଅଧିକାର ଟ୍ରାନ୍ସଫର କରିବା ନେଇ ପ୍ରୟାସ କରାଯାଇଥିଲେ ମଧ୍ୟ ଏଥିରେ ସଫଳତା ମିଳିପାରି ନାହିଁ। ଏ ନେଇ ମିଳିଥିବା ପ୍ରସ୍ତାବ ଆଶାନୁରୂପ ହୋଇପାରି ନ ଥିବାରୁ ଭିଭୋକୁ ପୁଣି ଥରେ ଏହି ଅଧିକାର ପ୍ରଦାନ କରାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ବର୍ଷକୁ ୪୪୦ କୋଟି ଟଙ୍କା ବିନିମୟରେ ଭିଭୋ ଆଇପିଏଲ୍ ପ୍ରାୟୋଜକ ରହିଥିଲା ଓ ବିସିସିଆଇ ସହିତ ୫ ବର୍ଷୀୟା ଚୁକ୍ତି କରିଥିଲା। ତେବେ ଲଦାଖରେ ଭାରତ ଓ ଚାଇନା ମଧ୍ୟରେ ଦେଖାଦେଇଥିବା ସୀମା ବିବାଦ ଓ ଏ ନେଇ ଦୁଇ ଦେଶ ମଧ୍ୟରେ ହୋଇଥିବା ସଂଘର୍ଷ କାରଣରୁ ଭିଭୋର ଏହି ପ୍ରାୟୋଜନ ଚୁକ୍ତିକୁ ୨୦୨୦ରେ ସାମୟିକ ଭାବେ ବାତିଲ କରାଯାଇଥିଲା। ତେବେ ପ୍ରାୟୋଜନ ଅଧିକାର ହାସଲ କରିବାକୁ ଡ୍ରିମ୍ ୧୧ ଓ ଅନ୍ଏକାଡେମୀ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଭିଭୋ ଭଳି ଏହା ଆଶାନୁରୂପ ହୋଇପାରି ନ ଥିଲା। ଆସନ୍ତାବର୍ଷ ଏହି କମ୍ପାନୀଗୁଡିକ ଏ ନେଇ ପ୍ରୟାସ କରିବେ। ଫଳରେ ଶେଷରେ ଭିଭୋକୁ ପୁଣି ଥରେ ଏହି ଗୁରୁଦାୟିତ୍ୱ ବହନ କରିବାକୁ ହେବ ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ। ଉଲ୍ଲେଖଥାଉ କି ଡ୍ରିମ୍ ୧୧ ଆଇପିଏଲ୍ର ୨୦୨୦ ସଂସ୍କରଣରେ ଟାଇଟଲ ସ୍ପୋନ୍ସର ଥିଲା। ୨୨୨ କୋଟି ଟଙ୍କା ବିନିମୟରେ ଡ୍ରିମ୍ ୧୧ ଏହି ଅଧିକାର ହାସଲ କରିଥିଲା। ବର୍ଷକୁ ଭିଭୋ ଦେଉଥିବା ଅର୍ଥର ଏହା ଅଧା ଥିଲା। ପୂର୍ବରୁ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଭିଭୋ ଆଇପିଏଲ୍ ପ୍ରାୟୋଜକ ଥିଲା। ଏଥିପାଇଁ ଭିଭୋକୁ ୨୧୯୦ କୋଟି ଟଙ୍କା ପୈଠ କରିବାକୁ ହୋଇଥାନ୍ତା। ତେବେ ଲଦାଖରେ ଭାରତ ଓ ଚାଇନା ସଂଘର୍ଷ ହୋଇଥିଲା ଓ ଏଥିରେ ୨୦ଜଣ ଭାରତୀୟ ସୈନିକ ପ୍ରାଣ ହରାଇଥିଲେ। ଏହାପରେ ସାରା ଦେଶରେ ଚାଇନା ବିରୋଧରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଚାଇନା କମ୍ପାନୀଗୁଡିକର ଜିନିଷକୁ ବର୍ଜନ କରିବାକୁ ଦାବି ଜୋର ଧରିଥିଲା। ଫଳରେ ଭିଭୋ ଓ ବିସିସିଆଇ ୨୦୨୦ ସେସନ ପାଇଁ ଚୁକ୍ତି ବାତିଲ କରିବାକୁ ସହମତିରେ ନିଷ୍ପତ୍ତି ନେଇଥିଲେ। ଭିଭୋ ବର୍ଷକୁ ଦେଉଥିବା ଅର୍ଥର ଅଧା ଆଇପିଏଲ ଫ୍ରାଞ୍ଚାଇଜଗୁଡିକ ମଧ୍ୟରେ ସମାନ ଭାବେ ବାଣ୍ଟି ଦିଆଯାଇଥିଲା। ଫଳରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ୨୭.୫ କୋଟି ଟଙ୍କା ଲେଖାଏ ପାଇଥିଲେ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ